NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

THURSDAY
13 MARCH 2025
ଗୁରୁବାର
୧୩ ମାର୍ଚ୍ଚ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 294 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୨୯୪ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


# ଚିନ୍ତାଜନକ ଆଇସିଏମ୍ଆର୍ ରିପୋର୍ଟ

## ନଦୀ, ନାଳ ପାଖ ଲୋକଙ୍କ ପ୍ରତି କ୍ୟାନସର୍ ବିପଦ ସର୍ବାଧିକ

**ନୂଆଦିଲ୍ଲୀ,୧୨।୩/ଏଜେନ୍ସି:**



ଦେଶର ସର୍ବୋଚ୍ଚ ମେଡିକାଲ୍ ପ୍ୟାନେଲ୍, ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍ଆର୍) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟକୁ ନେଇ ଚିନ୍ତା ବଢ଼ିଯାଇଛି । ଆଇସିଏମ୍ଆର୍‌ର ଏହି ରିପୋର୍ଟରେ ନଦୀ, ନାଳ ନିକଟସ୍ଥ ଲୋକଙ୍କ ପ୍ରତି କ୍ୟାନସର୍ ବିପଦ ସର୍ବାଧିକ ରହିଥାଏ ବୋଲି ଦର୍ଶାଯାଇଛି । ଆଇସିଏମ୍ଆର୍ ପକ୍ଷରୁ ଏନେଇ କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି ବୋଲି ରିପୋର୍ଟରେ ଦାବି କରାଯାଇଛି । ଇଣ୍ଡିଆନ୍ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶିତ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ନଦୀ ନାଳ ନିକଟରେ ରହୁଥିବା ଲୋକମାନେ କର୍କଟ ରୋଗରେ ପୀଡ଼ିତ ହେବାର ସମ୍ଭାବନା ସର୍ବାଧିକ ରହିଥାଏ । ଏହି ଅଞ୍ଚଳଗୁଡ଼ିକରେ ପ୍ରବାହିତ ଜଳରେ ବିପଦ ପରିମାଣ ନିରାପଦ ସୀମା ଅତିକ୍ରମ କରିଛି, ଯାହା ଗୁରୁତର ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିଛି । ରିପୋର୍ଟରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ଅନୁମୋଦିତ ସୀମା ଅତିକ୍ରମ କରିଥିବା ପାଣିରେ ସୀସା, ଲୁହା ଏବଂ ଆଲୁମିନିୟମ୍‌ର ଉଚ୍ଚ ସ୍ତର ଚିହ୍ନଟ ହୋଇଥିବା ସମ୍ପର୍କରେ ଉଲ୍ଲେଖ କରାଯାଇଛି ।

ଦେଶରେ କ୍ୟାନସର୍ ରୋଗ ଏବଂ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କିତ ଆଗତ ଏକ ପ୍ରଶ୍ନ ଉପରେ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ମଧ୍ୟ ଗତକାଲି ଅର୍ଥାତ୍ ମାର୍ଚ୍ଚ ୧୧ରେ ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ ଏହା କହିଛନ୍ତି । କ୍ୟାନସର୍ ଚିକିତ୍ସାରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ସୁବିଧାକୁ ସୁଦୃଢ଼ କରୁଛନ୍ତି ବୋଲି ରାଷ୍ଟ୍ରମନ୍ତ୍ରୀ ଦୃଢ଼ୋକ୍ତି କରିଛନ୍ତି । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ୟାନସର୍ ନିରାକରଣ ଦିଗରେ ଗ୍ରହଣ କରାଯାଇଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବାଜନିତ ପଦକ୍ଷେପ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, କମ୍‌ମୂଲ୍ୟରେ ଜେନେରିକ୍ ଔଷଧ ଯୋଗାଇବା ପାଇଁ ୧୫,୦୦୦ରୁ ଅଧିକ ଜନୌଷଧି କେନ୍ଦ୍ର ସ୍ଥାପନ କରାଯାଇଛି । ଏହି ଯୋଜନା ଅଧୀନରେ ପ୍ରାୟ ୮୭ଟି କର୍କଟରୋଗ ସମ୍ବନ୍ଧୀୟ ଔଷଧ ଉପଲବ୍ଧ । ଅମୃତ ଫାର୍ମାସୀ ୫୦% ପର୍ଯ୍ୟନ୍ତ ରିହାତିରେ ଔଷଧ ପ୍ରଦାନ କରୁଛନ୍ତି । ସେହିପରି କେନ୍ଦ୍ର ସରକାର ଅଣସଂକ୍ରମିତ ରୋଗ ନିବାରଣ ଏବଂ ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟକ୍ରମ (ଏନ୍‌ପି-ଏନ୍‌ସିଡି) ଅଧୀନରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ କର୍କଟ ରୋଗକୁ ରୋକିବା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି । ଏପର୍ଯ୍ୟନ୍ତ, ୭୭୦ଟି ଜିଲ୍ଲା ଏନ୍‌ସିଡି କ୍ଲିନିକ୍ ଏବଂ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬,୪୧୦ଟି ଏନ୍‌ସିଡି କ୍ଲିନିକ୍ ସ୍ଥାପନ କରାଯାଇଛି । ଏତେ ସବୁ ସତ୍ତ୍ୱେ ନଦୀ ନାଳ ଜଳରେ ମିଳୁଥିବା ଏସବୁ ଧାତୁ ମଣିଷ ଶରୀରରେ କ୍ୟାନସର୍ ରୋଗସୃଷ୍ଟିର କାରଣ ହେବା ଜନିତ ସତ୍ୟତାକୁ ଏଡ଼ାଇ ଦିଆଯାଇପାରିବନି ।

# ତାମିଲନାଡୁ ଉପକୂଳରୁ ଆବିଷ୍କାର ନୂଆ ପ୍ରଜାତିର ମାଛ

**ବ୍ରହ୍ମପୁର,୧୨।୩/ଏନ୍‌ଏନ୍‌ଏସ୍:**



ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର(ଜେଡ୍‌ଏସ୍‌ଆଇ) ଏବଂ ନେସନାଲ୍ ବ୍ୟୁରୋ ଅଫ୍ ଫିସ୍ ଜେନେଟିକ୍ ରିସୋରସେସ୍(ଏନ୍‌ବିଏଫ୍‌ଜିଆର୍)ର ମିଳିତ ସହଯୋଗରେ ତାମିଲନାଡୁ ଉପକୂଳରୁ ଏକ ନୂତନ ପ୍ରଜାତିର ମାଛ ଆବିଷ୍କାର ହୋଇଛି । ଏହି ମାଛ ଆରିଅସୋମା ବଂଶର ଏକ ନୂତନ କୋଟିଆ ପ୍ରଜାତିର ବୋଲି କୁହାଯାଇଛି । ଏହି ମାଛର ନାମ 'ଆରିଅସୋମା ତାମିଲିକମ୍' ରଖାଯାଇଛି ବୋଲି ବୈଜ୍ଞାନିକ ଡ. ଅନିଲ ମହାପାତ୍ର କହିଛନ୍ତି । ଏହି ମାଛ ତାମିଲନାଡୁ ଉପକୂଳରୁ ମିଳିଥିଲା । ଭାରତୀୟ ଜଳରେ ଆରିଓସୋମା ଡୋଲିକୋପ୍ଟରମ୍‌ର ପରିଚୟ ସଂଶୋଧିତ ହୋଇଛି । ଆଗରୁ ଭାରତରୁ ମିଳିଥିବା ଆରିଓସୋମା ଡୋଲିକୋପ୍ଟରମ୍ ହେଉଛି ଏହି ନୂତନ ପ୍ରଜାତି ଆରିଓସୋମା ତାମିଲିକମ୍ । ଆରିଓସୋମା ତାମିଲିକମ୍ ତାଇୱାନ୍ ଜଳରୁ ଆରିଓସୋମା ଇମ୍ପାଏ ସହିତ କିଛି ଭାବରେ ଜଡ଼ିତ । କିନ୍ତୁ ମାଇଟୋକଣ୍ଡ୍ରିଆଲ୍ ସିଓ୧ ଜିନ୍ କ୍ରମରେ ୧୩.୪ ପ୍ରତିଶତ ଜେନେଟିକ୍ ଭିନ୍ନତା ପ୍ରଦର୍ଶନ କରେ । ନୂତନ ପାଇଁ ଆନୁଷ୍ଠାନିକ ବର୍ଣ୍ଣନା ଶରୀର ପ୍ରାୟ ଦୁଇଟି ରଙ୍ଗ, ଉପରପଟ ମାଟିଆ କଳା ଏବଂ ତଳପାର୍ଶ୍ୱ ଟିକେ ଫିକା । ଆଖିର ମାର୍ଜିନ୍‌ରେ ଏକକ ଧଳା ବ୍ୟାଣ୍ଡ ରହିଛି । ପେକ୍ଟାରାଲ୍ ଫିନ୍ ସ୍ୱଚ୍ଛ । ଏହାର ଶରୀରରେ ବହୁ ଛୋଟ ଛୋଟ କଳା ବିନ୍ଦୁ ଦାଗ ରହିଛି । ଏହାର ମେରୁଦଣ୍ଡ ସଂଖ୍ୟା ୬-୮/୪୬-୪୭ /୧୧୬-୧୨୧ ରହିଛି । ଏହି ମାଛର ଡିଏନ୍‌ଏ ମଧ୍ୟ ପରୀକ୍ଷା ଏନ୍‌ବିଏଫ୍‌ଜିଆର୍‌ରେ କରାଯାଇଥିଲା । ଏହି ମାଛର ଗବେଷଣାରେ ମିଳିତ ଭାବେ ବୈଜ୍ଞାନିକ ଅନିଲ ମହାପାତ୍ର, ବୈଜ୍ଞାନିକ ଥିପ୍ରାମାଲାଇ ଥାଙ୍ଗାପ୍ପାନ ପିଲାଇ, ଅଜିତ କୁମାର, ପରମସିଭମ୍ କୋଡେଶ୍ୱରନ୍ ଏବଂ ସ୍ମୃତିରେଖା ଆଚାର୍ଯ୍ୟ କାମ କରିଥିଲେ । ଏହି ମାଛକୁ ତାମିଲନାଡୁ ଉପକୂଳରୁ ପି. କୋଡେଶ୍ୱରନଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା । ଏହାର ମର୍ଫୋଲୋଜି ଏବଂ ମଲିକୁଲାର ଉପରେ ଆଧାରିତ ସବିଶେଷ ବିବରଣୀ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପତ୍ରିକାଜୁ ଟାକ୍ସାରେ ପ୍ରକାଶ ପାଇଛି ।

### ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

## ସକାଳ ୮ରୁ ୯ଟା ମଧ୍ୟରେ ସୁନାବେଶ



**ପୁରୀ,୧୨।୩/ଏନ୍‌ଏନ୍‌ଏସ୍:**

ଆସନ୍ତା ୧୪ ତାରିଖରେ ପବିତ୍ର ଦୋଳ ପୂର୍ଣ୍ଣିମା । ଏହି ଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ । ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହ ଏହି ଦୁର୍ଲଭ ବେଶରେ ସଜେଇ ହେବେ । ପୂର୍ବାହ୍ଣ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ । ପୂର୍ବାହ୍ଣ ସାଢ଼େ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା ପରେ ଦୋଳବେଦୀକୁ ଠାକୁରମାନେ ବିଜେ ହେବେ । ଗୋପାଳବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ଣ ▶▶ ୭

# ବିଶ୍ୱ ପାଳିବ ପଖାଳ ଦିବସ

## ୨୨ ଦେଶକୁ ଚିଠି ଲେଖିଲେ ସରକାର

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**



ପ୍ରତିବର୍ଷ ମାର୍ଚ୍ଚ ୨୦ରେ ପାଳନ କରାଯାଏ ପଖାଳ ଦିବସ । ଓଡ଼ିଆଙ୍କ ଏହି ପ୍ରିୟ ଖାଦ୍ୟକୁ ଆହୁରି ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାର ଅତି କମ୍‌ରେ ୨୨ଟି ଦେଶରେ ଥିବା ଓଡ଼ିଆ ସଂଗଠନକୁ ନିବେଦନ କରିଛନ୍ତି । ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ସଂଗଠନ 'ଓଡ଼ିଆ ପରିବାର' ଏବଂ ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଚିଠି ଲେଖିଛନ୍ତି । ସେ ଏହି ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରତିବର୍ଷ ମାର୍ଚ୍ଚ ୨୦ରେ ରାଜ୍ୟବ୍ୟାପୀ ପଖାଳ ଦିବସ ପାଳନ କରାଯାଏ । ଆମେରିକା, ଅଷ୍ଟ୍ରେଲିଆ, ବାହାରିନ, କାନାଡା, ଜର୍ମାନୀ, ଦୁବାଇ, ବେଲଜିୟମ, ଜାପାନ, ମାଲେସିଆ, ଆୟର୍ଲାଣ୍ଡ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ରୁଷିଆ, ଓମାନ, ସିଙ୍ଗାପୁର, ଥାଇଲାଣ୍ଡ, ୟୁନାଇଟେଡ କିଙ୍ଗଡମ, ଆବୁଧାବି, ୱେଷ୍ଟ ଆଫ୍ରିକା, ସାଉଦି ଆରବ ଏବଂ କତାର ଭଳି ଦେଶରେ ଥିବା ଓଡ଼ିଆ ସଂଗଠନର ସଭାପତି ଏବଂ ସଚିବମାନଙ୍କୁ ରାଜ୍ୟ ସରକାର ଚିଠି ପଠାଇ ପଖାଳ ଦିବସ ପାଳନ ପାଇଁ ନିବେଦନ କରିଛନ୍ତି ।

### ପ୍ରତିରକ୍ଷା ମନ୍ତ୍ରଣାଳୟର ବଡ଼ ଯୋଜନା

# ଶକ୍ତିଶାଳୀ ହେବ ଭାରତୀୟ ବାୟୁସେନା

**ନୂଆଦିଲ୍ଲୀ,୧୨।୩/ଏଜେନ୍ସି:**



କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏବେ ଏକ ବଡ଼ ଯୋଜନା କରାଯାଉଛି । ବିଶେଷକରି ଆକାଶ ମାର୍ଗରେ ଭାରତ ନିଜକୁ ଆହୁରି ଅଧିକ ଶକ୍ତିଶାଳୀ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ରିପୋର୍ଟ ଅନୁସାରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆହୂତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଗାମୀ ଦିନରେ ୧୧୪ଟି ଯୁଦ୍ଧ ବିମାନ କ୍ରୟ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ୧୧୪ ଯୁଦ୍ଧ ବିମାନଗୁଡ଼ିକୁ ଭାରତୀୟ ବାୟୁସେନାରେ ଆଗାମୀ ୫ ରୁ ୧୦ବର୍ଷ ମଧ୍ୟରେ ସାମିଲ କରାଯିବ । ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଏହି ଯୋଜନାକୁ ସମ୍ମତି ପ୍ରଦାନ କରିଛି । ଆଗାମୀ ବର୍ଷଗୁଡ଼ିକରେ ସାମିଲ ହେବାକୁ ଥିବା ଏହି ଯୁଦ୍ଧ ବିମାନଗୁଡ଼ିକ ଅବସର ନେଉଥିବା ଯୁଦ୍ଧ ବିମାନଗୁଡ଼ିକର ସ୍ଥାନ ନେବା ସହ ବାୟୁସେନାର ଶକ୍ତିକୁ ବହୁଗୁଣିତ କରିବାରେ ସହାୟକ ହେବ ବୋଲି କୁହାଯାଉଛି ।

ଭାରତର ପ୍ରତିରକ୍ଷା ଯୋଜନାରେ ଉପଗ୍ରହ ବିକାଶ, ଭୂପୃଷ୍ଠରୁ ଆକାଶକୁ ଟାର୍ଗେଟ୍ କରିପାରୁଥିବା କ୍ଷେପଣାସ୍ତ୍ର ଏବଂ ଲେଜର-ଆଧାରିତ ଡ୍ରୋନ୍ ପ୍ରତିରୋଧୀ ପ୍ରଯୁକ୍ତିବିଦ୍ୟା ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଗୁପ୍ତ ବିମାନ ଏବଂ ଅନ୍ୟାନ୍ୟ ଉନ୍ନତ ସାମରିକ ବିମାନ ଉପରେ ମଧ୍ୟ କାମ ଜାରି ରହିଛି । ସେହିପରି ଭାରତ ୧୦୦ରୁ ଅଧିକ ସାମରିକ ଉପଗ୍ରହ ରଖିବାକୁ ଯୋଜନା କରୁଛି । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ତେଜସ୍ ଏବଂ ସୁଖୋଇ ଭଳି ଲଢୁଆ ବିମାନ ତିଆରି କରୁଛି । ପ୍ରତିରକ୍ଷା ବିଭାଗ ଆଗାମୀ କିଛି ବର୍ଷ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ମହାକାଶ କମାଣ୍ଡ ହେବାର ଆଶା କରାଯାଉଛି । ଭାରତ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହିତ ଏକ ୫ମ ଜେନେରେସନ୍ ଗୁପ୍ତ ବିମାନ ଏଏମ୍‌ସିଏ ମଧ୍ୟ ବିକଶିତ କରୁଛି ।

ଆଗାମୀ ୪ରୁ ୫ବର୍ଷ ମଧ୍ୟରେ ଭାରତୀୟ ବାୟୁସେନା ବିଶ୍ୱସ୍ତରୀୟ ଟେଣ୍ଡର ମାଧ୍ୟମରେ ଯୁଦ୍ଧ ବିମାନ ସାମିଲ କରିବ । ୧୧୪ଟି ଯୁଦ୍ଧ ବିମାନ ▶▶ ୭

# ବାଜ୍ୟାପ୍ତି ହେଲା ହସିନାଙ୍କ ସମ୍ପତ୍ତି

**ଢାକା,୧୨।୩/ଏଜେନ୍ସି:**

### 'ସୁଧାସଦନ' ଦଖଲ କଲେ ସରକାର, ଫ୍ରିଜ୍ ହେଲା ପରିବାର ସଦସ୍ୟଙ୍କ ୧୨୪ ବ୍ୟାଙ୍କ୍ ଆକାଉଣ୍ଟ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ସମ୍ପତ୍ତିସବୁକୁ ବାଜ୍ୟାପ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି ମହମ୍ମଦ ୟୁନୁସ୍‌ଙ୍କ ସରକାର । ୟୁନୁସ ସରକାର ହସିନାଙ୍କ ବିରୋଧରେ ଢାକାସ୍ଥିତ ଏକ କୋର୍ଟରେ ଅପିଲ୍ କରିଥିବା ବେଳେ କୋର୍ଟ ନିଜ ରାୟରେ ଶେଖ ହାସିନାଙ୍କ ଧାନମୋଣ୍ଡି ସ୍ଥିତ ବାସଭବନ 'ସୁଧାସଦନ' ଏବଂ ତାଙ୍କ ପରିବାରର ଅନ୍ୟାନ୍ୟ ସମ୍ପତ୍ତି ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଢାକା ଟ୍ରିବ୍ୟୁନ୍ ରିପୋର୍ଟ ଅନୁଯାୟୀ, ଜଣେ ଅଧିକାରୀ କହିଛନ୍ତି ଯେ କୋର୍ଟ ହାସିନା ଏବଂ ତାଙ୍କ ପରିବାରର ୧୨୪ଟି ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଘରଟିକୁ ଜବତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ତାହା ପରମାଣୁ ବୈଜ୍ଞାନିକ ଏବଂ ହସିନାଙ୍କ ସ୍ୱର୍ଗତ ସ୍ୱାମୀ ଏମ୍‌ଏ ୱାଜେଦ ମିଆଁଙ୍କ ନାମରେ ଅଛି, ଯିଏ ସୁଧା ମିଆଁ ନାମରେ ମଧ୍ୟ ଜଣାଶୁଣା ଥିଲେ ।

ମଙ୍ଗଳବାର ଢାକା ମେଟ୍ରୋପଲିଟାନ ସିନିୟର ସ୍ପେଶାଲ ଜଜ୍ ଜାକିର ହୁସେନ ଗାଲିବ ହସିନାଙ୍କ ଘର ସୁଧାସଦନକୁ ଜବତ କରିବା ସହ ଅନ୍ୟ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତି କରିନେବା ଏବଂ ବ୍ୟାଙ୍କ୍‌ରେ ଥିବା ଜମାପୁଞ୍ଜିଗୁଡ଼ିକୁ ଫ୍ରିଜ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ନୀତି ନିବାରଣ କମିଶନ (ଏସିସି)ର ଏକ ଆବେଦନ ପରେ ଏହି ନିର୍ଦ୍ଦେଶ ଦିଆଯାଇଛି । ଜବତ ସମ୍ପତ୍ତି ମଧ୍ୟରେ ହସିନାଙ୍କ ପୁଅ ସଜୀବ ୱାଜେଦ ଜୟ, ଝିଅ ସୈମା ୱାଜେଦ ପୁତୁଲ, ଭଉଣୀ ଶେଖ ରେହାନା ଏବଂ ▶▶ ୭

# ପାଳନ ହେବ ଶୂନ୍ୟ ସଡ଼କ ଦୁର୍ଘଟଣା ଦିବସ

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**




ସଡ଼କ ସୁରକ୍ଷା ଓ ଆଚରଣରେ ପରିବର୍ତ୍ତନ ପାଇଁ ଓଡ଼ିଶା ସରକାର ଏକ ପରିବର୍ତ୍ତନକାରୀ ପଦକ୍ଷେପ ଆଣିବାକୁ ଯାଉଛନ୍ତି । ଖୁବ୍ ଶୀଘ୍ର ରାଜ୍ୟରେ ଆରମ୍ଭ ହେବ ୩୦ ଦିନିଆ ଶୂନ୍ୟ ଦୁର୍ଘଟଣା ଦିବସ । କେବଳ ଦୃଷ୍ଟିକୋଣ ନୁହେଁ ନେତୃତ୍ୱ ନେବା କ୍ଷେତ୍ରରେ ଏହା ଏକ ଅନନ୍ୟ ପଦକ୍ଷେପ ସାଜିବ । ମହିଳାଙ୍କ ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ପଦକ୍ଷେପ ଏକ ମଲ୍ଟି ଷ୍ଟେକହୋଲ୍‌ଡର୍ସ କାର୍ଯ୍ୟକ୍ରମ ହେବ, ଯାହା ସଡ଼କର ଉପଯୁକ୍ତ ବ୍ୟବହାର ଦିଗରେ ଏକ ବାତାବରଣ ସୃଷ୍ଟି କରିବାରେ ଲକ୍ଷ୍ୟରଖୁଛି । ଆଜି ବାଣିଜ୍ୟ ଓ ପରିବହନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଆଇଆଇଟି ମାଡ୍ରାସ୍‌ର ବିଶେଷଜ୍ଞ ଏହି ଅଭିଯାନକୁ ସୁପରିଚାଳନା କରିବା ଦିଗରେ ରଣନୀତି ଉପସ୍ଥାପନା କରିଥିଲେ । ବରିଷ୍ଠ ଅଧିକାରୀ, ଆଇନ ପ୍ରବର୍ତ୍ତନ ସଂସ୍ଥା, ନଗର ଯୋଜନାକାରୀ ଏବଂ ପୌର ସଂସ୍ଥା ଏକତ୍ରିତ ହୋଇ ସଡ଼କ ସୁରକ୍ଷା ମାନଦଣ୍ଡକୁ ପୁନଃ ସୁଦୃଢ଼ କରିବାକୁ ଆଲୋଚନା କରାଯାଇଥିଲା ।

ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଏହି ପଦକ୍ଷେପକୁ ସଫଳ କରିବା ପାଇଁ ସାମୂହିକ ଦାୟିତ୍ୱ ଏବଂ ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । 'ସଡ଼କ ସୁରକ୍ଷା କେବଳ ଏକ ନୀତି ନୁହେଁ-ଏହା ଏକ ମିଶନ ଯାହା ପ୍ରତ୍ୟେକ ନାଗରିକଙ୍କ ସହଯୋଗ ଆବଶ୍ୟକ କରେ । ଶୂନ୍ୟ ଦୁର୍ଘଟଣା ଦିବସ ମାଧ୍ୟମରେ ଆମର ସଡ଼କ କିଭଳି ସୁରକ୍ଷିତ, ସଶକ୍ତ ଓ ସ୍ମାର୍ଟହେବ ସେ ନେଇ ଆମେ ବିଭିନ୍ନ ସମ୍ପ୍ରଦାୟ ବିଶେଷକରି ମହିଳାଙ୍କ ନେତୃତ୍ୱକୁ ଗୁରୁତ୍ୱ ଦେଉଛୁ । ଏହି ଅଭିଯାନ ଦୁର୍ଘଟଣା ହ୍ରାସକରିବା, ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂ ▶▶ ୭

# ୧ରୁ ଆୟୁଷ୍ମାନ ଭାରତ ଶୁଭାରମ୍ଭ

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**

### ୩.୫୨ କୋଟି ଲୋକ ହେବେ ଉପକୃତ

ଏପ୍ରିଲ ୧ରୁ ରାଜ୍ୟରେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା । ଏହା ସହିତ ଆୟୁଷ୍ମାନ ବୟୋବନ୍ଦନା ଯୋଜନାର ମଧ୍ୟ ସେହିଦିନ ଶୁଭାରମ୍ଭ ହେବ । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ଯୋଜନାର ଶୁଭାରମ୍ଭ ପାଇଁ ରାଜ୍ୟର ସମସ୍ତ ୧୪୩୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଯୋଜନାର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରାଯିବ । ଉଭୟ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧ କୋଟି ୦୩ ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ଉପକୃତ ହେବେ । ବ୍ୟକ୍ତିଗତ ଭାବେ ୩.୪୬ କୋଟିରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ । ଏହି ଦୁଇଟି ଯୋଜନା ଓଡ଼ିଶାରେ ସଂଯୁକ୍ତ ଭାବରେ କାର୍ଯ୍ୟକାରୀ କରାଯିବ । ଏହି ଦୁଇଟି ଯୋଜନା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ଗୋଟିଏ କାର୍ଡ ଯୋଗାଇ ଦିଆଯିବ । ବୟୋବନ୍ଦନା ଯୋଜନାରେ ହିତାଧିକାରୀମାନେ ଅଲଗା ଏକ ସ୍ୱତନ୍ତ୍ର କାର୍ଡ ପାଇବେ । ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୬୭ ଲକ୍ଷ ୮୦ ହଜାରରୁ ଅଧିକ ପରିବାର ଉପକୃତ ହେବାକୁ ଥିବାବେଳେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩୫ ଲକ୍ଷ ୮୪ ହଜାରରୁ ଅଧିକ ପରିବାର ଉପକୃତ ହେବେ । ସେହିପରି ୭୦ ବର୍ଷ ବୟସରୁ ଅଧିକ ବୟସର ଲୋକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ▶▶ ୭

## ପ୍ରେସ୍ ଗ୍ୟାଲେରୀକୁ ନେଇ ହେବ ମୋବାଇଲ୍, ଫଟୋ ଓ ଭିଡିଓଙ୍କୁ ନା'

### ବାଚସ୍ପତିଙ୍କ ସହ ଆଲୋଚନା ପରେ ଉଠିଲା କଟକଣା

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**

ସାମ୍ବାଦିକଙ୍କ ଉପରୁ ହଟିଲା କଟକଣା । ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ ସାମ୍ବାଦିକମାନେ ସାଙ୍ଗରେ ମୋବାଇଲ ନେଇପାରିବେ । ମାତ୍ର ଫଟୋ କି ଭିଡିଓ ଉଠାଇପାରିବେ ନାହିଁ । ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆନ୍ଦୋଳନରତ ସାମ୍ବାଦିକମାନେ ଆଲୋଚନା ସଫଳ ହେବା ପରେ ତାଙ୍କ ନିର୍ଦ୍ଦେରେ ଏହି ସୂଚନା ଦେଇଛନ୍ତି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।

ବୁଧବାର ଗଣମାଧ୍ୟମକୁ ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ଯେ, ସାମ୍ବାଦିକ ଓ ବାଚସ୍ପତିଙ୍କ ମଧ୍ୟରେ ଆଲୋଚନା ସଫଳ ହୋଇଛି । ସାମ୍ବାଦିକମାନେ ପୂର୍ବପରି ଗୃହକୁ ମୋବାଇଲ ନେଇପାରିବେ କିନ୍ତୁ ଫୋଟୋ ଭିଡିଓ ଉଠାଇ ପାରିବେ ନାହିଁ । ପ୍ରତିଦିନର ଫଟୋ, ଭିଡିଓ ଯୋଗାଇ ଦିଆଯିବ । ▶▶ ୭

### ବିଜୁବାବୁଙ୍କ ଜନ୍ମତିଥିରେ ପଞ୍ଚାୟତିରାଜ ଦିବସ, ବିଜେଡି ଆଣିଲା ମୁଲତବୀ

# ସରକାର କିଛି ଭୁଲ୍ ନିଷ୍ପତ୍ତି ନେଇନାହାନ୍ତି: ମନ୍ତ୍ରୀ

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**



ଜାତୀୟ ପଞ୍ଚାୟତିରାଜ ଦିବସକୁ ସ୍ମରଣୀୟ କରିବା ପାଇଁ ରାଜ୍ୟରେ ଭିନ୍ନ ଭିନ୍ନ ସମୟରେ ପଞ୍ଚାୟତିରାଜ ଦିବସ ପାଳନ ନ କରି ଏପ୍ରିଲ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ସହିତ ରାଜ୍ୟରେ ପଞ୍ଚାୟତିରାଜ ଦିବସ ପାଳନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ ସରକାର ବରେଣ୍ୟ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥିକୁ ମହାଆଡ଼ମ୍ବରରେ ପାଳନ କରିଛନ୍ତି । ତେଣୁ ସରକାର ବିଜୁବାଙ୍କୁ ଅସମ୍ମାନ କରିନାହାନ୍ତି କି କିଛି ଭୁଲ ନିଷ୍ପତ୍ତି ନେଇନାହାନ୍ତି ବୋଲି ବିଧାନସଭାରେ ମୁଲତବୀ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ଏଥିରେ ଅସନ୍ତୋଷ ବ୍ୟକ୍ତ କରି ବିଜେଡି ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ ।

ବୁଧବାର ବିଜେଡ଼ି ପକ୍ଷରୁ ଅଣାଯାଇଥିଲା ମୁଲତବି ପ୍ରସ୍ତାବ । ଏହାର ଶୀର୍ଷକ ଥିଲା ବରେଣ୍ୟ ଜନନାୟକ ବିଜୁ ପଟ୍ଟନାୟକଙ୍କ ଜନ୍ମତିଥିରେ, ତିନି ଦଶନ୍ଧି ଧରି ପାଳନ ହେଉଥିବା ପଞ୍ଚାୟତିରାଜ ଦିବସ ପରମ୍ପରାର ପରିବର୍ତ୍ତନ ଓ ଏ ସଂକ୍ରାନ୍ତୀୟ ସରକାରଙ୍କ ନିଷ୍ପତ୍ତି ଓ ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଯୋଗୁଁ ବ୍ୟାପକ ଜନ ଅସନ୍ତୋଷ । ପ୍ରାରମ୍ଭରେ ଗୃହ ଭିତରେ ଓ ବାହାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ସେ କହିଥିଲେ, ବିଜୁ ବାବୁଙ୍କ ସ୍ମୃତିକୁ ମଳିନ କରିବାକୁ ସରକାରଙ୍କ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରାଯାଇଛି । ସେ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନୁହଁନ୍ତି, ସେ ଜଣେ ସ୍ୱାଧୀନତା ସଂଗ୍ରାମୀ । ନେହରୁଙ୍କ ନିର୍ଦ୍ଦେଶରେ ଇଣ୍ଡୋନେସିଆ ଯାଇ ରକ୍ଷା କରିଥିଲେ । ସେ ଓଡ଼ିଶା ବିକାଶର ବିନ୍ଧାଣି । ସେ ଅନ୍ତର୍ଜାତୀୟ ନେତା । ଯେବେ ଠାରୁ ବିଜୁ ଜୟନ୍ତୀ ପଞ୍ଚାୟତିରାଜ ଦିବସ ଭାବେ ପାଳନ ହେଉଥିଲା, ସେ ସମୟରେ ବିଜେଡି ସହ ବିଜେପି ମେଣ୍ଟରେ ଥିଲେ । ସେ ସମୟରେ କିଛି ଆପତ୍ତି କଲେନି । ସରକାରୀ ଡାଏରୀରେ ବି ▶▶ ୭

## ବିନା କଂଗ୍ରେସ ସଭ୍ୟରେ ଚାଲିଲା ଗୃହ

**ଭୁବନେଶ୍ୱର,୧୨।୩/ଏନ୍‌ଏନ୍‌ଏସ୍:**

ବିଧାୟକ ତାରା ବାହିନୀପତିଙ୍କୁ ୭ ଦିନ ପାଇଁ ଗୃହରୁ ସସ୍‌ପେଣ୍ଡ କରାଯିବାକୁ ବିରୋଧ କରି ସେଇ କଂଗ୍ରେସର ସଭ୍ୟମାନେ ଗୃହକୁ ବର୍ଜନ କରିଥିଲେ । ବିନା କଂଗ୍ରେସ ସଭ୍ୟରେ ଚାଲିଥିଲା ଗୃହ । ଅନ୍ୟପକ୍ଷରେ ତାରାଙ୍କ ସମର୍ଥନରେ ବାହାରିଥିଲେ

### ତାରାଙ୍କ ଉପରୁ ନିଲମ୍ବନ ହଟାଇବାକୁ ଦାବି

### ବାଚସ୍ପତିଙ୍କୁ ଭେଟିଲା ବିଜେଡି ଟିମ୍

ବିଜେଡି ବିଧାୟକମାନେ । ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡି ବିଧାୟକମାନେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ନିଲମ୍ବନ ପ୍ରତ୍ୟାହାର କରିବାକୁ ଦାବି କରିଥିଲେ । ତେବେ କଂଗ୍ରେସ ସଭ୍ୟମାନେ ଗାନ୍ଧୀ ▶▶ ୭

# କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



**ଆଠଗଡ଼, ୧୨।୩/ଏନ୍‌ଏନ୍‌ଏସ୍:** ଆଜି ବିଧାନସଭା ଚାଲିଥିବା ବେଳେ ରାଜ୍ୟରେ ନାରୀ ସୁରକ୍ଷା ଓ ରାଜ୍ୟ ବିଭାଜନ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବିକରି ବିରୋଧୀ ଦଳ ପକ୍ଷରୁ ହୋ ହଲ୍ଲାକୁ କରିବା ଏବଂ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହିତ ସରକାରୀ ଦଳ ବିଧାୟକଙ୍କ ଧସ୍ତାଧସ୍ତି ଘଟଣାରେ ବାଚସ୍ପତି ସପ୍ତାହକ ପାଇଁ ଶ୍ରୀ ବାହିନୀପତିଙ୍କୁ ନିଲମ୍ବନ ଆଦେଶକୁ ନେଇ ଚିହିକି ଉଠିଛି ରାଜ୍ୟ କଂଗ୍ରେସ। ଏହିକ୍ରମରେ ଆଜି ଆଠଗଡ କଂଗ୍ରେସର ବରିଷ୍ଠ ଯୁବନେତା ପ୍ରଦୀପ ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଚାନ୍ଦବାଲି ଛକ ଠାରେ ବିଜେପି ଦଳ ବିରୁଦ୍ଧରେ ନାରାବାଜି କରବା ସହିତ ବିଜେପି ଦଳ ଚିହ୍ନ ବ୍ୟାନର ପୋଡି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହିତ ବିଧାୟକ ଶ୍ରୀଯୁକ୍ତ ବାହିନୀପତିଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିବା ଓ ମୁଖ୍ୟମନ୍ତ୍ରୀ ଏହାର ହସ୍ତକ୍ଷେପ ଲୋଡିବାକୁ ଦଳ ଦାବି କରିଛି।

# ମୋରମ ଚାଲାଣ ଟ୍ରାକ୍ଟର ଜବତ



**କଣ୍ଟିଲୋ, ୧୨।୩/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଫଟେଗଡ ପୋଲିସ ଥାନା ଅନ୍ତର୍ଗତ ପରିସୀମା ମଧ୍ୟରେ ଚୋରାରେ ମୋରମ ଚାଲାଣ ହେଉଥିବା ତିନିଗୋଟି ଟ୍ରାକ୍ଟରକୁ ଜବତ କରି ନିକଟସ୍ଥ କଣ୍ଟିଲୋ ଫାଣ୍ଡିରେ ଅଟକ ରଖାଯାଇଛି। ସୂଚନାରୁ ଜଣାପଡିଛି ଯେ, ନୂତନ ଭାବେ ଖଣ୍ଡପଡ଼ା ଥାନାରେ ନିଜ କର୍ତ୍ତବ୍ୟରେ ଯୋଗଦେଇଥିବା ଏସଡିପିଓ ମହାଶୟ ଫତେଗଡ଼ ଥାନା ପରିଦର୍ଶନ କରି କଣ୍ଟିଲୋ ଫାଣ୍ଡିକୁ ଆସୁଥିବା ସମୟେ ଆବଶ୍ୟକୀୟ କାଗଜପତ୍ର ନଥାଇ ରାସ୍ତାରେ ଯାଉଥିବା ତିନିଗୋଟି ମୋରମ ବୋଝେଇ ଟ୍ରାକ୍ଟରଗୁଡ଼ିକୁ ଜବତକରି କଣ୍ଟିଲୋ ଫାଣ୍ଡିରେ ଅଟକ ରଖିଥିବା ଖବର ହସ୍ତଗତ ହୋଇଛି। ଫତେଗଡ଼ ଥାନାରେ କେସ୍ ରୁଜୁ ହୋଇଥିବା ସୂଚନା ମିଳିଛି।

# ଟିଉସନ୍ ଆଗରୁ ବାରମ୍ବାର ସାଇକେଲ ଚୋରି

**ଓଡ଼ଗାଁ, ୧୨।୩/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ବେଙ୍ଗେଇସାହି ଠାରେ ଥିବା ସିଓର ସକ୍ସେସ ଟିଉଟୋରିଆଲ ସାମ୍ନାରୁ ସୋମବାର ସନ୍ଧ୍ୟାରେ ଏକ ସାଇକେଲ ଚୋରି ହୋଇଯାଇଛି। ପୂର୍ବରୁ ମଧ ଏଠାରୁ ଏକାଧିକବାର ସାଇକେଲ ଚୋରୀ ହୋଇଥିବା ନଜିର ରହିଛି। କୁରାଳ ଏକ ଜନ ବହୁଳ ଗ୍ରାମ ହୋଇଥିବାରୁ ବହୁଲୋକ ଓ ଛାତ୍ରଛାତ୍ରୀଙ୍କ ଗହଳି ଏଠାରେ ଲାଗିରହିଥିବା ବେଳେ ସାଇକେଲ ଚୋରି ପିଲା ଏବଂ ଅଭିଭାବକ ମାନଙ୍କ ନିଦ ହଜାଇ ଦେଇଛି। ସୋମବାର ସନ୍ଧ୍ୟାରେ ଏହି ଟିଉଟୋରୀୟାଲ ସାମ୍ନାରେ ସାଇକେଲ ରଖି ପିଲାମାନେ କ୍ଲାସରେ ପାଠ ପଢୁଥିବାବେଳେ କୌଣସି ଦୁର୍ବୃତ୍ତ ଏକ ସାଇକେଲ ଚୋରିକରି ନେଇଛି। କ୍ଲାସ ସରିବାପରେ ପିଲାଆସି ସାଇକେଲ ନଥିବା ଜାଣି ସାର୍‌ଙ୍କୁ ଜଣାଇଥିଲେ। ତେବେ ସାଇକେଲ ଚୋରିର ଦୃଶ୍ୟ ସିସି ଟିଭିରେ କଏଦ ହୋଇଥିବା ଜଣାପଡ଼ିଛି। ଜଣେ ଯୁବକ ହଳଦିଆ ରଙ୍ଗର ସାର୍ଟ ପିନ୍ଧି ଏହି ସାଇକେଲ ଚୋରିକରି ନେଉଥିବା ଜଣାପଡ଼ିଛି। ତେବେ କୁରାଳ ଗାଆଁର ସମସ୍ତ ଟିଉସନ୍ ଅଞ୍ଚଳରେ ଫାଣ୍ଡି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଅଭିଭାବକମାନେ ଦାବିକରିଛନ୍ତି।

# ଚିଲିକାରେ ୨ ପ୍ରଜାତିର ୧୭୪ ଡଲ୍‌ଫିନ୍

**ବାଲୁଗାଁ, ୧୨।୩/ଏନ୍‌ଏନ୍‌ଏସ୍:** ସମଗ୍ର ଚିଲିକାରେ ହୋଇଥିବା ଡ଼ଲଫିନ ଗଣନା ରିପୋର୍ଟ ବିଭାଗୀୟ ତରଫରୁ ମଙ୍ଗଳବାର ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଓଡିଶାରେ ୫ପ୍ରଜାତିର ମୋଟ ୭୧୦ ଗୋଟି ଡ଼ଲଫିନ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ସମଗ୍ର ଚିଲିକାରେ ବିରଳ ଇରାୱାଡି ପ୍ରଜାତିର ୧୫୯ ଏବଂ ହମ୍ପବ୍ୟାକ ପ୍ରଜାତିର ୧୫ଟି ମୋଟ ୧୭୪ ଗୋଟି ଡ଼ଲଫିନ ଅଛନ୍ତି। ଚଳିତ ବର୍ଷ ଇରାୱାଡି ପ୍ରଜାତିର ଡ଼ଲଫିନ ସଂଖ୍ୟା ବୃଦ୍ଧି ପାଇଛି। ଗତ ଜାନୁୟାରୀ ୨୧ରୁ ୨୩ ତିନି ଦିନ ଧରି ବାଲୁଗାଁ ଏବଂ ସାତପଡା ରେଞ୍ଜ ଅଧିନସ୍ଥ ଚିଲିକାରେ ବନ୍ୟପ୍ରାଣୀ ବିଭାଗ ତରଫରୁ ଏହି ଡଲଫିନ ଗଣନା ହୋଇଥିଲା। ସାତପଡାରେ ୮ ଏବଂ ବାଲୁଗାଁରେ ୧୦କୁ ମିଶାଇ ମୋଟ ୧୮ଟି ଟିମ ଏହି ଗଣନା କାର୍ଯ୍ୟରେ ସାମିଲ ହୋଇଥିଲେ। ବିଗତ ବର୍ଷରେ ତଥା ୨୦୨୩ ମସିହାରେ ଚିଲିକାରେ ବଟଲ ନୋଜ ପ୍ରଜାତିର ଡ଼ଲଫିନ ୧୯ଟି ଦେଖାଯାଇଥିବା ବେଳେ ଚଳିତ ବର୍ଷ ଗୋଟିଏ ହେଲେ ଦେଖିବାକୁ ମିଳିନାହିଁ। କିନ୍ତୁ ଚଳିତ ବର୍ଷ ହମ୍ପବ୍ୟାକ ପ୍ରଜାତିର ୧୫ ଗୋଟି ଚିଲିକାରେ ଚିହ୍ନଟ ହୋଇଛି।

## ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କମିଶନ ହାତେଇବାକୁ ଚାଲିଛି ପ୍ରତିଯୋଗିତା

# ଚାର୍ଜ ନେବାକୁ ୨ ସହକାରୀ ପରିଚାଳକଙ୍କ ମଧ୍ୟରେ ତୁମୁଳକାଣ୍ଡ




**କୋଣାର୍କ, ୧୨।୩/ଏନ୍‌ଏନ୍‌ଏସ୍:** ସାରା ଓଡ଼ିଶାରେ ଏବେ ପ୍ରବଳ ମାତ୍ରାରେ ଗ୍ରୀଷ୍ମପ୍ରବାହ ସାଙ୍ଗକୁ ତାତି ବଢ଼ିବାରେ ଲାଗିଥିଲା ବେଳେ ଏ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ନେବା ଆରମ୍ଭ କରିଦିଆଯାଇଛି। ପ୍ରତ୍ୟେକ ଅଞ୍ଚଳରେ ପିଇବା ପାଣି ନିରବିଛିନ୍ନ ଭାବେ ଯୋଗାଇଦେବାକୁ ୱାଟ୍‌କୋ ବିଭାଗକୁ ରାଜ୍ୟ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଥିପ୍ରତି ୱାଟ୍‌କୋର ଉଚ୍ଚାଧିକାରୀମାନେ ଦୃଷ୍ଟି ନଦେଇ ବିଶ୍ୱଐତିହ୍ୟ ଆନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ ୱାଟ୍‌କୋ ଅଧୀନ କୋଣାର୍କ ୱାଟ୍‌କୋ ଶାଖାର ସହ ପରିଚାଳକ ଦୀପ୍ତି ରଞ୍ଜନ ପାତ୍ରଙ୍କୁ ଅଚାନକ ବଦଳି କଟକ ମୁଣ୍ଡଳୀକୁ ଜରୁରୀକାଳୀନ ଭିତ୍ତିରେ ଭୁବନେଶ୍ୱର ୱାଟ୍‌କୋ ମୁଖ୍ୟାଳୟର ପରିଚାଳକ ନିର୍ଦ୍ଦେଶକଙ୍କ ଅଫିସ ପକ୍ଷରୁ ଚିଠି କରାଯାଇ ଶ୍ରୀ ପାତ୍ରଙ୍କୁ ତୁରନ୍ତ ଭୁବନେଶ୍ୱର ୱାଟ୍‌କୋ ଅଧୀନ ମୁଣ୍ଡଳୀ କାର୍ଯ୍ୟାଳୟରେ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଥିଲାବେଳେ କୋଣାର୍କ ୱାଟ୍‌କୋ ଶାଖାର ଦାୟିତ୍ୱ ପୁରୀ ମଙ୍ଗଳାଘାଟର ସହକାରୀ ପରିଚାଳକଙ୍କୁ ଅସ୍ଥାୟୀ ଭାବେ ଦିଆଯାଇଥିବା ଚିଠିରେ ଉଲ୍ଲେଖ ରହିଥିଲା। ତେବେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷହେବାକୁ ନେଇ କୋଣାର୍କ ଶାଖା ଦାୟିତ୍ୱରେ ଥିବା ସହକାରୀ ପରିଚାଳକ ଶ୍ରୀ ପାତ୍ର ନିଜର ପୂର୍ବ କାର୍ଯ୍ୟର କିଛି ଜରୁରୀ କାର୍ଯ୍ୟ ଶେଷକରି ନଥିବା ଓ ଏ ନେଇ ସେ ଅଫିସ କାର୍ଯ୍ୟରେ ବ୍ୟସ୍ତ ଥିଲାବେଳେ ଏପରି ଅଚାନକ ବଦଳିକୁ ନେଇ ସେ ସମସ୍ତ ଅଫିସ କାର୍ଯ୍ୟ ସାରିବା ପାଇଁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ତାଙ୍କୁ ସମୟ ଦେବାକୁ ସେ ଉପରିସ୍ଥ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ପରେ ତାଙ୍କୁ ସମସ୍ତ ବକେୟା ଅଫିସ କାର୍ଯ୍ୟ ସାରିବା ପାଇଁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ରହିବାକୁ ୱାଟ୍‌କୋର ପରିଚାଳକ ନିର୍ଦ୍ଦେଶକ ଗୁରୁଚରଣ ଦାଶ ଫୋନ ମାଧ୍ୟମରେ କହିଥିଲେ ବୋଲି ଶ୍ରୀ ପାତ୍ର ପ୍ରକାଶ କରନ୍ତି। ମାତ୍ର ସୋମବାର କୋଣାର୍କ ଶାଖାର ଅସ୍ଥାୟୀ ଭାବେ ଦାୟିତ୍ୱ ପାଇଥିବା ପୁରୀ ମଙ୍ଗଳାଘାଟ ଶାଖା ସହପରିଚାଳକ ଶିବଦର୍ଶୀ ଦାସ କୋଣାର୍କ ୱାଟ୍‌କୋ ଶାଖାରେ ପହଞ୍ଚି ଅଫିସ ଅର୍ଡର୍ ମୁତାବକ କୋଣାର୍କ ଶାଖା ଦାୟିତ୍ୱ ତୁରନ୍ତ ଆଜି ତାଙ୍କୁ ଦେବାକୁ କହି ଅଡ଼ି ବସିରହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଯାହା କାର୍ଯ୍ୟାଳୟରେ ଥିବା ଅନ୍ୟ କର୍ମଚାରୀଙ୍କୁ ଉଭୟ ଅଫିସରଙ୍କ ଏପରି କାର୍ଯ୍ୟକଳାପ ପାଇଁ ନିଜକୁ ଲଜ୍ୟାବୋଧ କରି ହସ୍ତକ୍ଷେପ କରିବାରୁ ସହକାରୀ ପରିଚାଳକ ଶ୍ରୀ ଦାସ ସେଠାରୁ ଚାଲିଯାଇଥିଲେ। ସୂଚନାଥାଉ କି ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ବିଭାଗ ଦ୍ୱାରା ବେଲାମାର୍ଗ ରାମଚଣ୍ଡୀ ମୁହାଣ ସମ୍ମୁଖରେ ୩ମାସ ପାଇଁ ଚାଲିଥିବା ଇକୋ-ରି ଟ୍ରିଟ୍ ପାଇଁ କୋଣାର୍କ ୱାଟ୍‌କୋ ପକ୍ଷରୁ ସମସ୍ତ କାର୍ଯ୍ୟ ସଫଳତାର ସହିତ ୨କୋଟି ୬୨ଲକ୍ଷ ଟଙ୍କା ବ୍ୟୟରେ ହୋଇଥିବା ଜଣାଯାଇଛି। ସ୍ୱରେଜ ପାଇଁ ୧କୋଟି ଟଙ୍କା ଓ ପାଣି ଯୋଗାଣ ପାଇଁ ୭୦ଲକ୍ଷ ଟଙ୍କା, ସ୍ୱଚ୍ଛ ପାନୀୟଜଳ ନିମନ୍ତେ ଆରୋ ବ୍ୟବସ୍ଥା ପାଇଁ ୩୦ଲକ୍ଷ ଟଙ୍କା, ଶ୍ରମିକ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୬୨ଲକ୍ଷ ଟଙ୍କା ଏପରି ସମୁଦାୟ ୨କୋଟି ୬୨ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଛି। ଏବେ ଇକୋ-ରିଟ୍ରିଟ୍ ସରିବାକୁ ବସିଛି। ଆର୍ଥିକବର୍ଷ ଶେଷକୁ ନେଇ ଏହି ବିଲ୍ ପ୍ରସ୍ତୁତକରି ଏହାର କମିଶନି ହାତେଇବା ପାଇଁ ଏବେ ୱାଟ୍‌କୋରେ ଦୁଇ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ଦୁଇ ସହକାରୀ ପରିଚାଳକ ଉପରିସ୍ଥ ଅଧିକାରୀଙ୍କ ଶରଣାପନ୍ନ ହୋଇ ଦାୟିତ୍ୱରେ ରହିବାକୁ ଟଣାଓଟରା ହୋଇ କାର୍ଯ୍ୟ କରୁଥିବା ଦେଖାଯାଇଛି। ଫଳରେ କୋଣାର୍କ ଓ ଏହାର ଆଖପାଖ ପଞ୍ଚାୟତରେ ଜଳଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ଦେଖାଦେଇଛି। ଏ ନେଇ ୱାଟ୍‌କୋର ପରିଚାଳକ ନିର୍ଦ୍ଦେଶକ ଗୁରୁଚରଣ ଦାଶଙ୍କୁ ପଚାରିବାରେ ସେ ମିଟିଂରେ ଥିବା କହି ଏଡ଼ାଇ ଯାଇଥିଲେ। ମାତ୍ର ୱାଟ୍‌କୋର ପୁରୀ ଡିଭିଜନ୍ ଜେନେରାଲ ମ୍ୟାନେଜର ବିକ୍ରମ ରାଉତଙ୍କୁ ପଚାରିବାରେ କୋଣାର୍କ ୱାଟ୍‌କୋ ଶାଖାର ସହପରିଚାଳକ ଶ୍ରୀ ପାତ୍ରଙ୍କୁ ତାଙ୍କର ବକେୟା ଥିବା ସମସ୍ତ ଅଫିସ କାର୍ଯ୍ୟ ସାରି ପୁରୀ ମଙ୍ଗଳାଘାଟ ସହକାରୀ ପରିଚାଳକ ଶ୍ରୀ ଦାସଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ସାକ୍ଷୀଗୋପାଳ, ୧୨।୩/ଏନ୍‌ଏନ୍‌ଏସ୍:** ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ସଭା ଗୃହରେ ଯୁକ୍ତ ତିନି ପ୍ରଥମବର୍ଷର ଛାତ୍ରୀମାନଙ୍କର ଆତ୍ମରକ୍ଷା ତାଲିମ୍ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରା. ସତ୍ୟଶିବସୁନ୍ଦର ମିଶ୍ର ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଓ ପୁଣ୍ୟାତ୍ମା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ଓ ଅଧ୍ୟାପିକା ଶୁଭ୍ରଦୀପ୍ତା ପଟ୍ଟନାୟକ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଗଣିତ ବିଭାଗର ମୁଖ୍ୟ, ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷା ତାଲିମ୍‌ର ଉପକାରିତା ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ ଓ ଇତିହାସ ବିଭାଗର ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ୍ ଶିବିରର ସଂଯୋଜିକା ଭାରତୀ ମହାପାତ୍ର ଉପସ୍ଥିତ ଛାତ୍ରୀମାନେ ଆତ୍ମରକ୍ଷା ତାଲିମ୍ ଶିବିରରେ ପୂର୍ଣ୍ଣମାତ୍ରାରେ ଭାଗ ନେଇ ତାଲିମ୍ ଗ୍ରହଣ କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ମାଷ୍ଟର ଟ୍ରେନର ପାର୍ବତୀ ମହାରଣା ମଞ୍ଚରେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ପ୍ରା. ଶ୍ରୀ ମିଶ୍ର ଓ ଅନ୍ୟ ଅତିଥିମାନେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ଓ ପରିଶେଷରେ ମହାବିଦ୍ୟାଳୟର ହିସାବ ରକ୍ଷକ ମହେଶ୍ୱର ମିଶ୍ର କାର୍ଯ୍ୟର ସଫଳତା ପାଇଁ ଉପସ୍ଥିତ ପ୍ରଥମ ବର୍ଷର ଛାତ୍ରୀ ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟ୍

**ନୟାହାଟ, ୧୨।୩/ଏନ୍‌ଏନ୍‌ଏସ୍:** ଜନୈକା ବୃଦ୍ଧା ଇନ୍ଦ୍ରମଣି ବିଶ୍ୱାଳ(୯୦)ଙ୍କ ବେକରୁ ଦିବାଲୋକରେ ଦୁଇଜଣ ଦୁର୍ବୃତ୍ତ ସୁନାଚେନ୍ ଛିଣ୍ଡାଇ ନେଇଥିବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଦୁର୍ଗେଶ୍ୱରଗଡ଼ ଗ୍ରାମର ତପନ ବିଶ୍ୱାଳଙ୍କ ମାଆ ଇନ୍ଦ୍ରମଣି ବିଶ୍ୱାଳ ତାଙ୍କ ପାନଦୋକାନରେ ବସିଥିବା ବେଳେ ବାଇକ୍‌ରେ ଦୁଇଜଣ ଯୁବକ ମାସ୍କ ପିନ୍ଧି ଆସି ପାନ ମାଗିଥିଲେ। ଇନ୍ଦ୍ରମଣି ପାନ ଦେବା ମଧ୍ୟରେ ତାଙ୍କ ବେକରୁ ଜଣେ ଦୁର୍ବୃତ୍ତ ସୁନା ଚେନ୍ ଛିଣ୍ଡାଇଥିଲା ଓ ସେମାନେ ସଙ୍ଗେ ସଙ୍ଗେ ବାଇକ୍ ଯୋଗେ ଗୋପ ଆଡ଼କୁ ପଳାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ନୟାହାଟ ଓ ଅନ୍ୟ ଜଣେ କୋଣାର୍କ ଅଞ୍ଚଳର ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ନିର୍ଦ୍ଦେଶନାମା ପ୍ରତ୍ୟାହାର ପାଇଁ ମିଶନଶକ୍ତି ସଦସ୍ୟାଙ୍କ ଦାବି



**ତିଗିରିଆ, ୧୨।୩/ଏନ୍‌ଏନ୍‌ଏସ୍:** ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ଗାଇଡ୍‌ଲାଇନ୍ ଫଳରେ ରାଜ୍ୟର ମିଶନଶକ୍ତିରେ କାର୍ଯ୍ୟରତ ଲକ୍ଷାଧିକ ଇ.ସି. ସଦସ୍ୟା ଓ ୬ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ସମ୍ପାଦିକା ମିଶି ୧୨ଲକ୍ଷ ମହିଳା ଆନୁପାତିକ ହାରରେ ସିଆରପି ଏବଂ ଏମ୍.ବି.କେମାନେ କର୍ମଚ୍ୟୁତ ହେବେ। ମିଶନଶକ୍ତି ବିଭାଗ ଅଧୀନରେ କାର୍ଯ୍ୟରତ ଏହି ଇ.ସି.ମାନେ କୌଣସି ନିର୍ବାଚିତ ପ୍ରତିନିଧି ନୁହନ୍ତି। ପରନ୍ତୁ ଏମାନେ ଅନ୍ୟାନ୍ୟ କେନ୍ଦ୍ରୀୟ ସ୍କିମ୍ ଯଥା ଆଇ.ସି.ଡ଼ି.ଏସ୍.ର ଅଙ୍ଗନବାଡ଼ି, ମଧ୍ୟାହ୍ନ ଭୋଜନର ପାଚିକା ସହାୟିକା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଆଶାକର୍ମୀଙ୍କ ଭଳି ସଂପୃକ୍ତ ପରିସରର ମହିଳାମାନଙ୍କ ଦ୍ୱାରା ଚୟନ ପ୍ରକ୍ରିୟାରେ ମନୋନୀତ ହୋଇ ଏନ୍.ଆର.ଏଲ୍.ଏମ୍ ସ୍କିମ୍ ଅଧିନରେ କାର୍ଯ୍ୟ କରନ୍ତି। ଏମାନଙ୍କୁ ନିର୍ଦ୍ଦିଷ୍ଟ ଅବଧିରେ ବାହାର କରିବା କେବଳ ଏକ କର୍ପୋରେଟ ବାକ୍‌ଚାତୁରୀ ବ୍ୟତୀତ ଅନ୍ୟ କିଛି ହୋଇନପାରେ ବୋଲି କୁହାଯାଇଛି। ତେଣୁ ଏତାଦୃଶ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର ଦାବିରେ ତିଗିରିଆ ନିଖିଳ ଓଡ଼ିଶା ଜୀବିକା ମିଶନଶକ୍ତି ସଂଘ ତିଗିରିଆ ସଭାନେତ୍ରୀଙ୍କ ନେତୃତ୍ୱରେ ସଂଘ ତରଫରୁ ତିଗିରିଆ ବ୍ଲକ୍ ଠାରେ ବିରୋଧ କରିବା ସହିତ ନିର୍ଦ୍ଦେଶନାମା ପ୍ରତ୍ୟାହାର ଦାବି କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତିଗିରିଆ ବ୍ଲକ୍ ବିଡିଓଙ୍କୁ ସଂଘ ପ୍ରଦାନ କରିଥିବା ଜଣାପଡ଼ିଛି।

# ୧୨୪ଲିଟର ଦେଶୀମଦ ଜବତ, ୨ ଗିରଫ



**ବାଲୁଗାଁ, ୧୨।୩/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ଏବଂ ବାଲୁଗାଁ ଅବକାରୀ ବିଭାଗ ମିଳିତ ଭାବେ ବୁଧବାର ପୃଥକ୍ ଭାବେ ବାଲୁଗାଁ, ବାଣପୁର ଏବଂ ନାଚୁଣୀ ଥାନା ଅଞ୍ଚଳରେ ଚଢ଼ାଉ କରିଥିଲେ। ଦୁଇଟି ସ୍ଥାନରୁ ମୋଟ ୧୨୪ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ୨ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ମୋବାଇଲ ଟିମ ନାଚୁଣୀ ଥାନା ଅଧିନ ଗୋଡ଼ିଝର ଗ୍ରାମର ସଞ୍ଜୟ ଜେନାଙ୍କ ଘରୁ ୨୦ଲିଟର ମଦ ଜବତ କରିଥିବା ବେଳେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ ବାଣପୁର ଥାନା ଝିଣ୍ଟିକାପଲ୍ଲୀ ଛକ ନିକଟରୁ ୧୦୪ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ସମ୍ପୃକ୍ତ ବ୍ୟବସାୟୀ ପ୍ରତାପ ଗ୍ରାମର ହରି ନାୟକଙ୍କୁ ଗିରଫ କରିଥିଲେ। ଖୋର୍ଦ୍ଧା ମୋବାଇଲ ଟିମ ପକ୍ଷରୁ ଏବଂ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସ୍‌ଆଇ ସଞ୍ଜୟ କୁମାର ସୁବୁଦ୍ଧି, ଆଶିଷ ପ୍ରଧାନ, ରଞ୍ଜିତ ପଟେଲ, ସୁନିତା ମହାରଣା, ସ୍ୱପ୍ନାରାଣୀ ବେହେରା ଏବଂ କାଳୁ ପ୍ରଧାନ ସାମିଲ ହୋଇଥିଲେ।

## ପିଙ୍କୁ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମା' ବାଟମଙ୍ଗଳା ଟିମ୍ ଚଳିତବର୍ଷର ଚାମ୍ପିଅନ୍



**କୋଣାର୍କ, ୧୨।୩/ଏନ୍‌ଏନ୍‌ଏସ୍:** କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ନିକଟ କାଇମାଟି ଗ୍ରାମରେ ୫ତମ 'ପିଙ୍କୁ ମେମୋରିଆଲ' ବ୍ଲକ ସ୍ତରୀୟ କ୍ରିକେଟ ମ୍ୟାଚ କୁଞ୍ଜମୌଜା କାଇମାଟିର ବାଟମଙ୍ଗଳା ଠାକୁରାଣୀ ପଡିଆରେ ଅନୁଷ୍ଠିତ ହୋଇଯାଇଛି। କାଇମାଟି ଗ୍ରାମରେ ଗତ ୬ ତାରିଖରେ ୮ଟି ଦଳକୁ ନେଇ ଏହି ବନ୍ଧୁତ୍ୱପୂର୍ଣ୍ଣ ୧୨ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚ୍‌ର ଉଦ୍‌ଯାପାନୀ ଦିବସରେ ଫାଇନାଲ୍‌ରେ ନୁହାଡ଼ି ଗ୍ରାମର ମା' ବାଟମଙ୍ଗଳା କିଟୁ ଇଲେଭେନେ ସହିତ ବାଙ୍ଗୁରି ଗାଁର ନାସିକେଶ୍ୱର ଏନସିସି କ୍ରିକେଟ ଟିମ୍ ସହିତ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲାର ବିଜେପି ମଣ୍ଡଳ ପ୍ରତିନିଧି ମିଞ୍ଜନ କୁମାର ନାୟକ, ଅତିଥି ରୁପେ ସୁବାସ ଚନ୍ଦ୍ର ଶତପଥୀ, ସୁଦର୍ଶନ ସେନାପତି, କୋଣାର୍କ ନଗର କଂଗ୍ରେସ ଯୁବନେତା ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ୍ ମ୍ୟାଚ ଆରମ୍ଭ ପୂର୍ବରୁ ଅତିଥିମାନଙ୍କ ସହ ଖେଳ ଦେଖିବାକୁ ଆସିଥିବା ୧୦୦ଟି ଏସ୍‌ଏଚ୍‌ଜିର ୭୦୦ରୁ ଊର୍ଦ୍ଧ୍ୱ ମହିଳାମାନଙ୍କ ସମେତ ଶତାଧିକ ଗ୍ରାମବାସୀ କାଇମାଟି ଗ୍ରାମର ସମସ୍ତଙ୍କ ପ୍ରିୟ ସ୍ୱର୍ଗତ ପିଙ୍କୁ ପାଇଟାଳଙ୍କ ନିମନ୍ତେ ଶୋକ ପ୍ରାର୍ଥନା କରାଯାଇଥିଲା। ପ୍ରଥମେ ମା' ବାଟମଙ୍ଗଳା କ୍ରିକେଟ ଟିମ୍ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲା ଓ ୪ ୱିକେଟ ହରାଇ ୧୨ ଓଭରରେ ୧୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୪୬ ରନ୍‌ର ଲକ୍ଷ୍ୟ ହାସଲ କରିବା ପାଇଁ ନସିକେଶ୍ୱରର ଏନ୍‌ସିସି କ୍ରିକେଟ ଟିମ୍ ଖେଳିଥିଲା ଓ ୧୦ଓଭରରେ ୧୦ୱିକେଟ ହରାଇ ମାତ୍ର ୭୦ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। କାଇମାଟି ନୁହାଡ଼ିର ମା' ବାଟମଙ୍ଗଳା କିଟୁ ଇଲେଭେନ ଟିମ୍ ଶେଷରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା। ବିଜୟୀ କିଟୁ ଇଲେଭେନ୍ କ୍ରିକେଟ ଟିମ୍‌କୁ ମୁଖ୍ୟଅତିଥି ଓ ଅତିଥିମାନେ ୧୨ହଜାର ଟଙ୍କା ସହିତ ଚାମ୍ପିଅନ୍ ଟ୍ରଫି ପ୍ରଦାନ କରିଥିଲାବେଳେ ରନର୍ସଅପ୍ ନସିକେଶ୍ୱର ଏନସିସି ଟିମ୍‌କୁ ୭୫୦୦ ଟଙ୍କା ଓ କପ୍ ପ୍ରଦାନ କରିଥିଲେ। ଅମ୍ପାୟାର୍ ଭାବେ ଏସ୍‌କେ ମହାପାତ୍ର ଓ ମିଟୁ ପାଇଟାଲ ଖେଳ ପରିଚାଳନା କରିଥିଲେ। ଅରୁଣ କୁମାର ବରାଳ, ଦୁର୍ଯ୍ୟୋଧନ ପରିଡ଼ା ଧାରାବିବରଣୀ ପ୍ରଦାନ କରିଥିଲେ। କାଇମାଟି ଓ ନୁହାଡି ଗ୍ରାମର ତ୍ରିବିକ୍ରମ ବାରିକ, ପ୍ରତାପ ବାରିକ, ରଞ୍ଜିବ ବାରିକ, ହାପି କାଣ୍ଡି, ବାବୁ କାଣ୍ଡି, ସତ୍ୟ କାଣ୍ଡି, ପପୁନି ପାଇଟାଳ ପରିଚାଳନା କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**କୁଆଁପାଳ, ୧୨।୩/ଏନ୍‌ଏନ୍‌ଏସ୍:** କଟକ ସଦର ଫକୀରପଡା ବରୁଣେଇ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉପେନ୍ଦ୍ରନାଥ ରାଉତ ଓ ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ମାନସ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଦାୟକାଳିନ ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ମଣ୍ଡଳୀ ସଦସ୍ୟ ତଥା ପୂର୍ବତନ ସଂପାଦକ ନିରଞ୍ଜନ ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବିନ୍ଦ୍ର ବେହେରା, ସିଆରସି ଜ୍ୟୋତି ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା, ପ୍ରଦୀପ୍ତ କୁମାର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଉଷାରାଣୀ ନନ୍ଦ, ଅଲେଖ ଚନ୍ଦ୍ର ବେଉରା ପ୍ରମୁଖ ସମ୍ମାନିତ ଅତିଥି ଭବେ ଯୋଗଦାନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ରଘୁନାଥ ସାସମଲ, ଚୈତନ୍ୟ ରାଉତ, କଳ୍ପତରୁ ପାଗଳ, ଅଭିରାମ ନାୟକ, ମନୋରମା ତ୍ରିପାଠୀ, ନିକୁଞ୍ଜ କିଶୋର ପାଣିଗ୍ରାହୀ, ନିରଞ୍ଜନ କାନୁନ୍‌ଗୋ, ଅନୁପମା ମିଶ୍ର ପ୍ରମୁଖ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରଛାତ୍ରୀ, ଗ୍ରାମବାସୀ ତଥା ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କ ତରଫରୁ ବିଦାୟୀ ଶିକ୍ଷକ ଦ୍ୱୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ଶିକ୍ଷକ ଦ୍ୱୟଙ୍କ ଛାତ୍ର ବତ୍ସଳତା, ସରଳତା, କର୍ତ୍ତବ୍ୟନିଷ୍ଠା, ଶିକ୍ଷାଦାନ ପଦ୍ଧତି ଆଦି ଗୁଣାବଳୀର ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସାରା ଧନୱାର, ପୂର୍ଣ୍ଣିମା ପ୍ରିୟଦର୍ଶିନ ପୁଟ, ସ୍ୱାଗତିକା ବେହେରା, ଉମେଶ ମାଝୀ, ରବିନ୍ଦ୍ର ଜେନା, ସୁଷମା ସାହୁ ସହଯୋଗ କରିଥିଲେ।



## ବିଧାନସଭା ଖବର

# ରାସନ କାର୍ଡରେ ଏଣିକି ମିଳିବ ଗହମ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ରାସନ କାର୍ଡ଼ ମାଧ୍ୟମରେ ଖାଉଟିଙ୍କୁ ପୂର୍ବ ଭଳି ଗହମ ଯୋଗାଇ ଦିଆଯିବ। ରାଜ୍ୟ ସରକାର ଗହମ ଉଠାଣ ପାଇଁ ସମସ୍ତ ଜିଲ୍ଲାରେ ପରିବହନ ବ୍ୟବସ୍ଥା ସ୍ଥିରୀକୃତ କରିବା ପରେ ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ। କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ପରିବର୍ତ୍ତିତ ଆବଣ୍ଟନ ପତ୍ର ଆଧାରରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯିବ। ବୁଧବାର ବିଧାନସଭାରେ ପଟାଙ୍ଗୀର କଂଗ୍ରେସ ବିଧାୟକ ରାମ ଚନ୍ଦ୍ର କାଡାମ୍‌ଙ୍କ ପ୍ରଶ୍ନର ଉତ୍ତରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ତଥ୍ୟ ପ୍ରଦାନ କରିଛନ୍ତି।



ସେ କହିଛନ୍ତି ଯେ, କେନ୍ଦ୍ର ସରକାର ୨୦୨୫ ମାର୍ଚ୍ଚ ମାସଠାରୁ ଖାଉଟିଙ୍କୁ ସମ୍ପୂର୍ଣ୍ଣ ଚାଉଳ ଯୋଗାଇ ଦେବା ପାଇଁ ଆବଣ୍ଟନ ପତ୍ର ଜାରି କରିଛନ୍ତି। ପୂର୍ବରୁ ଅର୍ଥାତ କେନ୍ଦ୍ର ସରକାର ୨୦୨୪ ଅକ୍ଟୋବର ମାସରୁ ଖାଉଟିମାନଙ୍କୁ ଉଭୟ ଚାଉଳ ଓ ଗହମ ଯୋଗାଇ ଦେବାପାଇଁ ଆବଣ୍ଟନ ପତ୍ର ଜାରି କରିଥିଲେ। ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ କରିବା ପାଇଁ ଆବଶ୍ୟକୀୟ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହୋଇ ନଥିବାରୁ କେନ୍ଦ୍ର ସରକାରଙ୍କୁ ଅବଗତ କରାଇ ଗହମର ବଣ୍ଟନ ପ୍ରକ୍ରିୟାକୁ ସ୍ଥଗିତ ରଖି ହିତାଧିକାରୀଙ୍କୁ ୧୦୦ ପ୍ରତିଶତ ଚାଉଳ ବଣ୍ଟନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଛନ୍ତି।

## ନିର୍ମାଣ ବିଭାଗର ଖର୍ଚ୍ଚ ଦାବି ପାରିତ

# ଜାତୀୟ ରାଜପଥ ଢାଞ୍ଚାରେ ହେବ ରାଜ୍ୟ ରାଜପଥ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ୫ ବର୍ଷରେ ୧୫ହଜାର କିମି ଉନ୍ନତମାନର ରାସ୍ତା ନିର୍ମାଣ କରିବ ନିର୍ମାଣ ବିଭାଗ। ଜାତୀୟ ରାଜପଥ ଢ଼ାଞ୍ଚାରେ ରାଜ୍ୟ ରାଜପଥ ନିର୍ମାଣ ହେବ। ନୂଆ ଷ୍ଟେଟ୍ ରୋଡ୍ ପଲିସି ଆଧାରରେ ତାହା କରାଯିବ। ବିଧାନସଭାରେ ଏନେଇ ସ୍ୱତନ୍ତ୍ର ବିଲ୍ ଅଣାଯିବ। ଏଥିଯୋଗୁଁ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ରାସ୍ତାର ବିଭକ୍ତିକରଣ ସମ୍ଭବ ହେବ। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ନିର୍ମାଣ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବୁଧବାର ଅପରାହ୍ଣ ଅଧିବେଶନରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆର୍ଥିକ ବର୍ଷ ୨୦୨୫-୨୬ ଆର୍ଥିକ ବର୍ଷର ନିର୍ମାଣ ବିଭାଗର ଖର୍ଚ୍ଚଦାବି ଗୃହର ଅନୁମୋଦନ ପାଇଁ ଆଗତ କରିବାବେଳେ ଏହା କହିଛନ୍ତି।

ଏହାଛଡ଼ା ମନ୍ତ୍ରୀ କହିଥିଲେ ଯେ ମୋଟ୍ ଖର୍ଚ୍ଚ ଦାବି ଭିତରେ ପ୍ରଶାସନିକ ବ୍ୟୟ ବାବଦରେ ୨୯୯୬ କୋଟି ୬୮ ଲକ୍ଷ ୩୨ ହଜାର ଟଙ୍କା ଏବଂ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୯୪୫୧ କୋଟି ୭୫ ଲକ୍ଷ ଟଙ୍କା, ଏହିପରି ସର୍ବମୋଟ ୧୨୪୪୮ କୋଟି ୪୩ ଲକ୍ଷ ୩୨ ହଜାର ଟଙ୍କାର ଅନୁଦାନ ଦାବି ଗୃହରେ ଉପସ୍ଥାପନ ହୋଇଛି। ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ତଥା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନ ପାଇଁ ବଜେଟ୍‌ରେ ପ୍ରାବଧାନ ହୋଇଛି।

ମନ୍ତ୍ରୀ ଆହୁରି କହିଥିଲେ ଯେ, ନିର୍ମାଣ ବିଭାଗ ଅଧୀନରେ ୪୧୧୨ କିମି ରାଜ୍ୟ ରାଜପଥ, ୨୬୩୨ କିମି ମୁଖ୍ୟ ଜିଲ୍ଲା ରାସ୍ତା, ୨୨୮୬୬ କି.ମି ଅନ୍ୟାନ୍ୟ ଜିଲ୍ଲା ରାସ୍ତା ଏହିପରି ସର୍ବମୋଟ ୨୯୬୧୦ କି.ମି ରାସ୍ତା ଅଛି। ଏହା ବ୍ୟତୀତ ନିର୍ମାଣ ବିଭାଗ ୫୭୫୩ କି.ମି ଜାତୀୟ ରାଜପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ନିର୍ମାଣ ବିଭାଗ ଅଧୀନରେ ମୋଟ୍ ୧,୪୧,୯୦,୧୫୧ ବର୍ଗ ମିଟର ପରିମିତ କୋଠାବାଡ଼ି ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଅଛି। ଏହା ବ୍ୟତୀତ, ନିର୍ମାଣ ବିଭାଗ ଅନ୍ୟ ବିଭାଗଗୁଡ଼ିକର ପ୍ରମୁଖ କୋଠାବାଡ଼ି ନିର୍ମାଣ କରୁଛି। ସେଗୁଡ଼ିକ ମଧ୍ୟରେ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ନ୍ୟାୟାଳୟର କୋଠାବାଡ଼ି, କଳାସଂସ୍କୃତି କେନ୍ଦ୍ର, ଜିଲ୍ଲାପାଳ ଓ ତହସିଲ କାର୍ଯ୍ୟାଳୟ ଅନ୍ୟତମ।



**୫ବର୍ଷରେ ନିର୍ମାଣ ହେବ ୧୫ ହଜାର କିମି ରାସ୍ତା**

ମନ୍ତ୍ରୀ କହିଛନ୍ତି ଯେ ବଜେଟ୍‌ରେ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ସହର ମୁଖ୍ୟ ରାସ୍ତାକୁ ଭିଡ଼ ହ୍ରାସ ଯୋଜନାର ପ୍ରସ୍ତାବ ରହିଛି। ଜୟଦେବ ବିହାର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର ହେବ। ବାରଙ୍ଗ ଠାରୁ ପଟିଆ ଷ୍ଟେସନ୍ ଛକ, ଏନଏଚ୍-୧୬ ଓ ସୁଆଙ୍ଗ ମୌଜା ଦେଇ ଜଟଣୀକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତାର ଉନ୍ନତିକରଣ ହେବା ସହ କଳ୍ପନା ଛକ ଓ ରବିଟକିଜ ଛକ ଠାରେ ଫ୍ଲାଏ ଓଭର ନିର୍ମାଣ କରାଯିବ। ଶିଶୁ ଭବନ ଠାରୁ ମ୍ୟୁଜିଅମ ରାସ୍ତାରେ ଫ୍ଲାଏ ଓଭର ନିର୍ମାଣ ସହିତ ଏଜି ଛକ ଠାରେ ଭୂତଳ ରାସ୍ତା ନିର୍ମାଣ କରାଯିବ। କଳାରାହାଙ୍ଗ ଠାରୁ ବରିମୁଣ୍ଡ ଓ ଗୁରୁ କେଳୁଚରଣ ପାର୍କ ଠାରୁ ଫୁଲନଖରା ପର୍ଯ୍ୟନ୍ତ ଏକ ରାସ୍ତା ଓ ଏହି ରାସ୍ତାରେ ଏକ ନୂତନ ରେଳ ଓଭର ବ୍ରିଜ ନିର୍ମାଣ। ଭୁବନେଶ୍ୱର ଇନର ଓ ଆଉଟର ରିଂ-ରୋଡ଼ ନିର୍ମାଣ କରାଯିବ।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟ ରାଜପଥଗୁଡ଼ିକରେ କ୍ରମାଗତ ଟ୍ରାଫିକ ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ନିର୍ଦ୍ଦିଷ୍ଟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ଯୋଜନା ରହିଛି। ୪ଟି ବୃହତ ସେତୁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ୩୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଚାନ୍ଦବାଲି ନିକଟରେ ବୈତରଣୀ ନଦୀ ଉପରେ ୨ୟ ସେତୁ ହେବ। ୨୮୪ କୋଟି ଟଙ୍କା ବ୍ୟୟ ଅଟକଳରେ କଟକ-ଚାନ୍ଦବାଲି ରାସ୍ତାର ଭାରିଗଦା ଠାରେ ଖରସ୍ରୋତା ନଦୀ ଉପରେ ୨ୟ ସେତୁ ହେବା ସହ ୩୦୭ କୋଟି ଟଙ୍କା ବ୍ୟୟ ଅଟକଳରେ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ୨ୟ ସେତୁ କରାଯିବ। ୩୫୪ କୋଟି ଟଙ୍କା ବ୍ୟୟ ଅଟକଳରେ ପୂଜାରିପାଲି ଘାଟ-ଜରିମୂଳ ରାସ୍ତାରେ ଝାରସୁଗୁଡା ଓ ବରଗଡ଼ ଜିଲ୍ଲାକୁ ସଂଯୋଗ କରିବା ପାଇଁ ମହାନଦୀ ଉପରେ ସେତୁ ହେବ। ଭଲ ସେତୁଗୁଡ଼ିକ ରାଜ୍ୟର ସଡ଼କ ଯୋଗାଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଶେଷରେ ବାଚସ୍ପତି ସୁରମା ପାଢ଼ୀ ନିର୍ମାଣ ବିଭାଗର ଖର୍ଚ୍ଚଦାବିକୁ ବାଚନିକ ଭୋଟ୍‌ରେ ପାରିତ କରିଥିଲେ।

# ବିଦ୍ୟୁତ୍ ବିତରଣ କମ୍ପାନୀର ତାରଟଣା ଆୟ ୧.୩୪ କୋଟି

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ବିଦ୍ୟୁତ୍ ଖୁଣ୍ଟରେ ତାରଟଣା ବାବଦରେ ବିତରଣ କମ୍ପାନୀମାନେ ବିଭିନ୍ନ କମ୍ପାନୀ ଠାରୁ ମାସକୁ କୋଟିଏରୁ ଅଧିକ ଟଙ୍କା ଆୟ କରୁଛନ୍ତି। ଚଳିତ ଆର୍ଥିକ ବର୍ଷରେ ଟିପିସିଓଡିଏଲ୍‌ର ଏ ବାବଦରେ ଆୟ ୧କୋଟି ୩୪ଲକ୍ଷ ଟଙ୍କାକୁ ଟପିଯାଇଛି। ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ବିଭିନ୍ନ ପୌରାଞ୍ଚଳରେ ବିଦ୍ୟୁତ୍ ଖୁଣ୍ଟରେ ତାର ଟାଣିବା ବାବଦକୁ ବିଭିନ୍ନ କମ୍ପାନୀ ମାନଙ୍କ ଠାରୁ ବିତରଣ କମ୍ପାନୀଗୁଡ଼ିକ ଆୟ କରୁଛନ୍ତି। ଟିପିସିଓଡିଏଲ୍ ୨୦୨୦-୨୧ ବର୍ଷରେ ଏ ବାବଦରେ ପ୍ରାୟ ୧କୋଟି ୧୦ଲକ୍ଷ ଟଙ୍କା ଆୟ କରିଥିବାବେଳେ ୨୦୨୩-୨୪ ରେ ତାହା ୨କୋଟି ୨୨ଲକ୍ଷ ଟଙ୍କାକୁ ଟପିଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ଏହି ସୂତ୍ରରୁ ଆୟର ପରିମାଣ ୧କୋଟି ୩୪ଲକ୍ଷ ୧୬ହଜାର ଟଙ୍କାରେ ପହଞ୍ଚିଛି।



ସେହିଭଳି ଟିପିଡବ୍ଲ୍ୟୁଓଡିଏଲ୍ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୫୩ଲକ୍ଷ ଟଙ୍କା ଆୟ କରିଥିବାବେଳେ ଟିପିଏନଓଡିଏଲ ୧୪ଲକ୍ଷ ୭୬ହଜାର ଟଙ୍କା ଆୟ କରିଛି। ସିପିଏସଓଡିଏଲ୍ ୨୦୨୩-୨୪ ବର୍ଷରେ ଏ ବାବଦରେ ୨୪ଲକ୍ଷ ୬୨ ହଜାର ଟଙ୍କା ଆୟ କରିଥିବାବେଳେ ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ଏ ବାବଦୀୟ ଅର୍ଥ ଆଦାୟ କରିନଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ୧୭୮୦ କୋଟିର ବକେୟା ବିଦ୍ୟୁତ ବିଲ୍ ଆଦାୟ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ବିଦ୍ୟୁତ୍ ବିତରଣ ଗ୍ରାହକଙ୍କ ଉପରେ ଥିବା ବକେୟା ବାବଦରେ ୧୭୮୦କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ ହୋଇସାରିଲାଣି। ବକେୟା ଆଦାୟ କ୍ଷେତ୍ରରେ ଟିପିଏନ୍ଓଡିଏଲ ସବୁଠାରୁ ଆଗରେ ରହିଛି। ବିତରଣ କମ୍ପାନୀଗୁଡ଼ିକ ଆଦାୟ କରିଥିବା ବକେୟା ଅର୍ଥରୁ ଗ୍ରୀଡ୍‌କୋକୁ ୧୪୭୭ କୋଟି ୬୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏ କ୍ଷେତ୍ରରେ ବି ଟିପିଏନ୍ଓଡିଏଲ୍ ସର୍ବାଗ୍ରେ ରହିଛି।

ବୁଧବାର ବିଧାନସଭାରେ ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଟାଟା ପାୱାର ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରଠାରୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଥିବା ୮୪୩୭ କୋଟିର ବକେୟା ମଧ୍ୟରୁ ୪ଟି ବିତରଣ କମ୍ପାନୀ ମୋଟ୍ ୧୭୮୦ କୋଟି ୨୪ଲକ୍ଷ ଟଙ୍କା ଆଦାୟ କରିଛନ୍ତି। ଟିପିଏନଓଡିଏଲ୍ ସର୍ବାଧିକ ୬୫୩କୋଟି ୩୨ଲକ୍ଷ ଟଙ୍କା ଆଦାୟ କରିଥିବାବେଳେ, ଟିପିସିଓଡିଏଲ୍ ୪୩୯କୋଟି ଟଙ୍କା, ଟିପିଡବ୍ଲ୍ୟୁଓଡିଏଲ୍ ୪୧୬କୋଟି ୧୩ଲକ୍ଷ ଏବଂ ଟିପିଏସଓଡିଏଲ୍ ୨୭୧ କୋଟି ୭୯ଲକ୍ଷ ଆଦାୟ କରିଛି।

**ଆଦାୟ କ୍ଷେତ୍ରରେ ସର୍ବାଗ୍ରେ ଟିପିଏନ୍ଓଡିଏଲ୍**

ଟିପିଡବ୍ଲ୍ୟୁଓଡିଏଲ୍‌ର ଉପଭୋକ୍ତାଙ୍କ ଉପରେ ସର୍ବାଧିକ ୪୦୧୧ କୋଟି ଟଙ୍କାର ବକେୟା ରହିଥିବାବେଳେ ଟିପିସିଓଡିଏଲ୍ ଉପଭୋକ୍ତାଙ୍କ ଉପରେ ୨୦୪୭କୋଟିରୁ ବକେୟା ଥିଲା ବୋଲି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସ୍ପଷ୍ଟ କରିଛନ୍ତି।

# ୨୦୯୭ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ଓଡ଼ିଶାରେ ଷ୍ଟାର୍ଟଅପ୍ ଇଣ୍ଡିଆ ଗଠନ ପରଠାରୁ ୨୦୯୭ଟି ଷ୍ଟାର୍ଟଅପ୍‌ମାନଙ୍କୁ ସ୍ୱୀକୃତି ମିଳିଛି। ସେହିପରି ଓ-ହବ୍‌ରେ ୫୬ଟି ଷ୍ଟାର୍ଟଅପ୍‌କୁ ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯାଇଛି। ଯୁବ ଉଦ୍ୟୋଗୀଙ୍କୁ ଉତ୍ସାହିତ ଏବଂ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଷ୍ଟାର୍ଟଅପ୍ ଓଡ଼ିଶା ପ୍ରତି ସପ୍ତାହରେ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରୁଛି। ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଷ୍ଟାର୍ଟଅପ୍ ନୀତି ମାଧ୍ୟମରେ ଷ୍ଟାର୍ଟଅପ୍‌ମାନଙ୍କୁ ପ୍ରୋତ୍ସାହନ ଦେବାପାଇଁ ୧୧୨ଟି ଷ୍ଟାର୍ଟଅପ୍‌କୁ ସବସିଡି ଦେବାର ସୁବିଧା ମିଳିଛି। ୮୮ଟି ଷ୍ଟାର୍ଟଅପ୍‌କୁ ଯାତାୟାତ ଭତ୍ତା ପ୍ରଦାନ କରି ବିଭିନ୍ନ ଜାତୀୟ ଓ ଅର୍ନ୍ତଜାତୀୟ ପ୍ରଦର୍ଶନୀରେ ସେମାନଙ୍କ ଉତ୍ପାଦକୁ ପ୍ରଦର୍ଶନ କରିବାପାଇଁ ସରକାର ସୁଯୋଗ ଦେଇଛନ୍ତି। ୪୩୭ଟି ଷ୍ଟାର୍ଟଅପକୁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ଏଥିମଧ୍ୟରେ ଆବଶ୍ୟକତା ଅନୁଯାୟୀ ସହାୟତା, ଉତ୍ପାଦ ବିକାଶ ଏବଂ ବଜାର ପ୍ରବେଶ ସହାୟତା, ମାସିକ ସହାୟତା ଇତ୍ୟାଦି ରହିଛି ବୋଲି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଲ୍ଲେଖ କରିଛନ୍ତି।



# ୩୦ ମହିଳା ସୁବାହକ ସମ୍ମାନିତ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** କ୍ରୁଟରେ ସାରଥୀ ଭାବରେ କାର୍ଯ୍ୟରତ ୩୦ ମହିଳା ସୁବାହକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ। ସରକାରଙ୍କ ଦ୍ୱାରା ରାଜ୍ୟର ଛତିଆ, ପାଲୁର, କେନ୍ଦୁଝର ଓ ବଣାଇରେ ନିଃଶୁଳ୍କ ଯାନ ଚାଳନା ତାଲିମ କେନ୍ଦ୍ର ରହିଛି। ଏଠାରେ କେବଳ ପୁରୁଷ ନୁହେଁ ମହିଳାମାନେ ମଧ୍ୟ ସଫଳତାର ସହ ଯାନ ଚାଳନା ତାଲିମ ନେଇ ନିଜକୁ ସୁବାହକ ଭାବରେ ପ୍ରତିଷ୍ଠିତ କରୁଛନ୍ତି। ସେମାନଙ୍କ ସଂଘର୍ଷକୁ ସମ୍ମାନ ଦେବା ଓ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ରୁଟ୍ ଗାଡ଼କଣ ଇଭି ବସ୍ ଡିପୋରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଥିଲେ, ମହିଳା ସୁବାହକମାନଙ୍କ ଯାତ୍ରା ସମସ୍ତଙ୍କ ପାଇଁ ପ୍ରେରଣାର ସ୍ରୋତ। ସରକାର ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ସୁବାହକ ଯୋଜନା ଏଥିମଧ୍ୟରୁ ଅନ୍ୟତମ। ଏଥିରେ କେବଳ ଯାନ ଚାଳନା ତାଲିମ ଦିଆଯାଉଛି ତାହା ନୁହେଁ, ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରାଯାଉଛି। ସଡ଼କ ସୁରକ୍ଷାର ସାରଥୀ ଭାବରେ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ମହିଳା ସୁବାହକମାନେ ବିଶେଷ ଭୂମିକା ଗ୍ରହଣ କରିପାରିବେ। ଆଗକୁ ଆମ ବସ୍, ମୁଖ୍ୟମନ୍ତ୍ରୀ ବସ୍ ସେବା ଆଦିରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ଦିଗରେ ସରକାର ପ୍ରୟାସ କରୁଛନ୍ତି। ଏହାସହ କିଭଳି ସେମାନଙ୍କ ପାଇଁ ଋଣ ପ୍ରଦାନ ସୁବିଧାଜନକ ଭାବରେ ହୋଇପାରିବ, ଯେମିତି ସେମାନେ ନିଜର ଗାଡ଼ି କରି ସ୍ୱାବଲମ୍ବୀ ହୋଇପାରିବେ ସେ ଦିଗରେ ବ୍ୟାଙ୍କ ମାନଙ୍କ ସହ ଆଲୋଚନା କରି ଚେଷ୍ଟା କରାଯିବ ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁର, କ୍ରୁଟ୍ ଏମଡି ଏନ. ତିରୁମାଲା ନାଏକ ଓ ଏସଟିଏ ସଚିବ ଚିନ୍ମୟୀ ବିଶ୍ୱାଳ ନିଜର ମତ ଉପସ୍ଥାପନ କରିଥିଲେ। ଏସଟିଏ ଆକାଉଣ୍ଟସ୍ ଅଧିକାରୀ ମଧୁସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

# ୨୭ରେ ବିଧାନସଭା ଘେରିବ କଂଗ୍ରେସ




**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ନାରୀ ନିର୍ଯାତନା ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ବିଧାନସଭାରୁ ୭ ଦିନ ପାଇଁ ନିଲମ୍ବନ ପ୍ରସଙ୍ଗକୁ ନେଇ ଆସନ୍ତା ୨୭ ତାରିଖ ଦିନ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ। କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏ ନେଇ ସୂଚନା ଦେଇଛନ୍ତି। ଆଜି କଂଗ୍ରେସ ଭବନରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାଛଡ଼ା ବୈଠକରେ ଓଡ଼ିଶାରେ କଂଗ୍ରେସ ଦଳକୁ ଶକ୍ତିଶାଳୀ କରିବା ପାଇଁ ବରିଷ୍ଠ କଂଗ୍ରେସ ନେତାମାନେ ବିଭିନ୍ନ ପ୍ରକାର ପ୍ରସ୍ତାବ ଦେଇଥିଲେ। ସାମାଜିକ ନ୍ୟାୟ, ଖଣି ଦୁର୍ନୀତି, ଜାତିଗତ ଜନଗଣନା, ଓଡ଼ିଶାର ପ୍ରାକୃତିକ ସମ୍ପଦକୁ ଲୁଟ୍, କୃଷକମାନଙ୍କ ସମସ୍ୟା ଓ ପଞ୍ଚାୟତ ନିର୍ବାଚନ ଇତ୍ୟାଦି ପ୍ରସଙ୍ଗ ଆଲୋଚନାରେ ପ୍ରାଧାନ୍ୟ ପାଇଥିଲା। ତେବେ ନାରୀ ନିର୍ଯାତନା ବିରୋଧରେ ଓ ନାରୀ ମାନଙ୍କ ସଶକ୍ତିକରଣକୁ ମୁଖ୍ୟ ପ୍ରସଙ୍ଗ କରି ଆସନ୍ତା ମାର୍ଚ୍ଚ ୨୭ ତାରିଖରେ ବିଧାନ ସଭା ଘେରିବା ପାଇଁ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ବୈଠକରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଓ ଅଖିଳ ଭାରତ କଂଗ୍ରେସ ସମ୍ପାଦିକା ରୋଜାଲୀନା ତିର୍କୀ ଯୋଗ ଦେଇଥିଲେ। ପ୍ରଭାରୀ ଶ୍ରୀ ଲଲ୍ଲୁ ବିଜେପି ଶାସନ ସମୟରେ ନାରୀ ଓ କୋମଳମତି ବାଳିକାଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଦୁଷ୍କର୍ମ ବିରୋଧରେ ଦଳ ଆହୁରି ପ୍ରଭାବୀ ଢ଼ଙ୍ଗରେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଆହ୍ୱାନ ଦେଇଥିଲେ। ପିସିସି ସଭାପତି ଶ୍ରୀ ଦାସ କହିଲେ ଯେ ଓଡ଼ିଶାରେ ନାରୀମାନଙ୍କ ପ୍ରତି ଅତ୍ୟାଚାର ଓ ଶିଶୁମାନଙ୍କ ଉପରେ ଯୌନ ଶୋଷଣ ସୀମା ଲଙ୍ଘିଛି। କଂଗ୍ରେସ ଏହାକୁ ଗୁରୁତ୍ୱର ସହିତ ନେଇ ରାଜ୍ୟବ୍ୟାପି ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜରାସ୍ତାକୁ ଓହ୍ଲାଇଛି। ବିଧାନସଭା ଭିତରେ କଂଗ୍ରେସ ଦଳର ବିଧାୟକମାନେ ଏହାର ପ୍ରତିବାଦ କରିବାକୁ ଗଲାବେଳେ ସେମାନଙ୍କ ଉପରେ ଆକ୍ରମଣ କରାଯିବା ଓ ବରିଷ୍ଠ ବିଧାୟକ ତାରା ବାହିନୀପତିଙ୍କୁ ୭ ଦିନ ପାଇଁ ବିଧାନସଭାରୁ ନିଲମ୍ବନ କରିବା ଘଟଣା ନିନ୍ଦନୀୟ। ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ବକ୍ତବ୍ୟ ରଖି ଶାସକ ବିଜେପି ଦଳ କଂଗ୍ରେସ ବିଧାୟକମାନଙ୍କୁ ଆକ୍ରମଣ ବିଧାନ ସଭା ଇତିହାସରେ ଏହା ବିରଳ ଦୃଷ୍ଟାନ୍ତ ବୋଲି କହିଥିଲେ। ବୈଠକରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଂଗ୍ରେସ ନେତୃବୃନ୍ଦ ଗିରିଧର ଗମାଙ୍ଗୋ, ନିରଞ୍ଜନ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ପଞ୍ଚାନନ କାନୁନ୍‌ଗୋ, ଡଃ ରାମଚନ୍ଦ୍ର ଖୁଣ୍ଟିଆ, ତାରାପ୍ରସାଦ ବାହିନୀପତି, ସି.ଏସ୍. ରାଜନଏକ୍କା, ୟାସିର ନୱାଜ, ବାଙ୍କନିଧି ବେହେରା, ବିଜୟାନନ୍ଦ ଚାଉଳିଆ, ବିଦ୍ୟାଧର ମହାନ୍ତି, ହଳଧର ସେଠୀ, ଅମୀୟ କୁମାର ପଟ୍ଟନାୟକ, ଶୁଭେନ୍ଦୁ ମହାନ୍ତି, ଅମୀୟ ପାଣ୍ଡବ ଓ ସ୍ମୃତିରଞ୍ଜନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଚତୁର୍ଥ କୁମାର କୃଷ୍ଣ ଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତା

# ନୈତିକ ଶାସନ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ଆଜି ଭୁବନେଶ୍ୱରସ୍ଥିତ ଆରଆଇଇ-ଏନସିଇଆରଟି କ୍ୟାମ୍ପସ୍ ଅଡିଟୋରିୟମଠାରେ ଚତୁର୍ଥ କୁମାର କୃଷ୍ଣ ଚନ୍ଦ୍ର ରାୟ ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସମାବେଶୀ ବିକାଶ, ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ଶାସନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଦିବଂଗତ ବିଶିଷ୍ଟ ସାମାଜିକ କର୍ମୀ କୁମାର କୃଷ୍ଣ ଚନ୍ଦ୍ର ରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାଜ୍ୟପାଳ ସ୍ୱର୍ଗତ ରାୟଙ୍କର ସାମାଜିକ ନ୍ୟାୟ, ଶିକ୍ଷା ଏବଂ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଯେତେବେଳେ ସମାଜର ସବୁଠାରୁ ପଛୁଆ ବର୍ଗର ଲୋକଙ୍କର ଉତ୍‌ଥାନ ହୋଇଥାଏ ସେତେବେଳେ ପ୍ରକୃତ ପ୍ରଗତି ଅର୍ଥପୂର୍ଣ୍ଣ ହୋଇଥାଏ ବୋଲି କହିଥିଲେ। ଏହି ସ୍ମାରକୀ ବକ୍ତୃତା କେବଳ ସ୍ୱର୍ଗତ ରାୟଙ୍କର କୃତୀ ଓ କିର୍ତ୍ତୀ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ବରଂ ତାଙ୍କ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ସ୍ମରଣ କରାଇଦିଏ। ଅଗଣିତ ଅବହେଳିତ ଲୋକଙ୍କର ଜୀବନର ପରିବର୍ତ୍ତନ ପାଇଁ ତାଙ୍କର ପ୍ରତିବଦ୍ଧତା ଏବଂ ଆଦର୍ଶର ଆଜି ମଧ୍ୟ ପ୍ରାସଙ୍ଗିକତା ରହିଛି। କୌଣସି ପୃଷ୍ଠଭୂମି କିମ୍ବା ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତଙ୍କ ପାଇଁ ଯେପରି ସୁଯୋଗ ଉପଲବ୍ଧ ହେବ ସେଥିପାଇଁ ଏକ ନ୍ୟାୟପୂର୍ଣ୍ଣ ଏବଂ ସମାବେଶୀ ସମାଜ ଗଠନ ପାଇଁ ସାମୁହିକ ଉଦ୍ୟମ କରିବାକୁ ସ୍ୱର୍ଗତ ରାୟ ଅନୁପ୍ରେରିତ କରିଥିଲେ ବୋଲି ରାଜ୍ୟପାଳ କହିଥିଲେ। ବିକାଶାର୍ଥେ ବିଦ୍ୟାର୍ଥୀ ଟ୍ରଷ୍ଟ ଓ ଏବିଭିପି, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ସୌମେନ୍ଦ୍ର କୁମାର ଜେନା, ମୁଖ୍ୟବକ୍ତାଭାବେ ବି. ସୁରେନ୍ଦ୍ରନ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଦିପ୍ତୀମୟୀ ପ୍ରତିହାରୀ ଧନ୍ୟବାଦ ଦେଇଥିଲେ।

## ଲୋକସେବା ଭବନରେ ସଚିବସ୍ତରୀୟ ବୈଠକ

# ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ଉପସ୍ଥାପିତ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ଆଜି ଅପରାହ୍ଣରେ ସଚିବସ୍ତରୀୟ ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଅର୍ଥ ବିଭାଗ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷ ମାର୍ଚ୍ଚ ୬ ତାରିଖ ସୁଦ୍ଧା ବଜେଟ୍ ପ୍ରାବଧାନ ଅନୁସାରେ ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସଂପର୍କରେ ଉପସ୍ଥାପନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ କରାଯାଇଥିବା ଖର୍ଚ୍ଚ ସମୀକ୍ଷା କରାଯିବା ସହିତ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନାଗରିକ କୈନ୍ଦ୍ରିକ ସେବା ପ୍ରଦାନ, ଆଇଜିଓଟି କର୍ମଯୋଗୀ ପ୍ଲାଟଫର୍ମରେ କର୍ମଚାରୀ ତଥା ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ସଂପର୍କରେ ସମୀକ୍ଷା କରାଯାଇଥିଲା।

ବୈଠକରୁ ଜଣାଯାଇଛି ଯେ ଗତ ୨୦୨୩-୨୪ ଆର୍ଥିକ ବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗକୁ ବଜେଟ୍ ଅନୁମୋଦନ ଅନୁସାରେ ଅଧିକ ଅର୍ଥ ଆବଣ୍ଟନ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଭାଗମାନଙ୍କ ଦ୍ୱାରା ବଜେଟ୍ ପ୍ରାବଧାନ ଅନୁସାରେ ଖର୍ଚ୍ଚ ବୃଦ୍ଧି ନିମନ୍ତେ ପ୍ରଚେଷ୍ଟା କରାଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ଚଳିତ ମାର୍ଚ୍ଚ ୬ ତାରିଖ ସୁଦ୍ଧା ଗତ ବର୍ଷ ତୁଳନାରେ ଏହି ସମୟ ମଧ୍ୟରେ ସାମଗ୍ରିକ ଭାବେ ୧୬.୫ ପ୍ରତିଶତ ଖର୍ଚ୍ଚ ବୃଦ୍ଧି ପାଇଛି। କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ ହାର ଗତବର୍ଷ ତୁଳନାରେ ୧୭.୬ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବିଭିନ୍ନ ବିଭାଗ ଦ୍ୱାରା ବଜେଟ୍ ମୁତାବକ ଖର୍ଚ୍ଚ ଗତବର୍ଷ ତୁଳନାରେ ଅଧିକ କରାଯାଇଛି। ବୈଠକରେ ୮୦ ପ୍ରତିଶତରୁ ଅଧିକ ଖର୍ଚ୍ଚ କରିଥିବା ବିଭାଗମାନଙ୍କୁ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୯୦ ରୁ ୯୫ ପ୍ରତିଶତ ଖର୍ଚ୍ଚ କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ୭୦ ପ୍ରତିଶତ ଖର୍ଚ୍ଚ ହାସଲ କରିଥିବା ବିଭାଗମାନଙ୍କୁ ୮୦ ରୁ ୮୫ ପ୍ରତିଶତ ଖର୍ଚ୍ଚ କରିବାକୁ କୁହାଯାଇଛି। ବିଭିନ୍ନ ବିଭାଗ ତରଫରୁ ଖର୍ଚ୍ଚର ସ୍ଥିତି କେତେ ରହିଛି ଏବଂ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ହାର କେତେ ରହିବ, ସେ ସମ୍ପର୍କରେ ବିଭାଗୀୟ ସଚିବମାନେ ଉପସ୍ଥାପନ କରିଥିଲେ। କମ ଖର୍ଚ୍ଚ କରିଥିବା ବିଭାଗମାନଙ୍କୁ ଚଳିତ ଆର୍ଥିକ ବର୍ଷ ଶେଷ ସମୟସୀମା ମଧ୍ୟରେ ତଥା ନୂତନ ଆର୍ଥିକ ବର୍ଷ ପୂର୍ବରୁ ଯଥାସମ୍ଭବ ଖର୍ଚ୍ଚ ବୃଦ୍ଧି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

**ସାମଗ୍ରିକ ଭାବେ ୧୬.୫ ପ୍ରତିଶତ ଖର୍ଚ୍ଚ ବୃଦ୍ଧି**

ଆଗାମୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ବଜେଟ୍ ପ୍ରାବଧାନ ଅନୁସାରେ ଏବେଠାରୁ ପ୍ରସ୍ତୁତି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କେନ୍ଦ୍ର ଓ ରାଜ୍ୟ ଅନୁଦାନ ମିଳିତ ସହଯୋଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ବାବଦକୁ ପାଇବାକୁ ଥିବା ଅର୍ଥ ଓ ଫେବୃୟାରୀ ୨୦୨୫ ସୁଦ୍ଧା ପ୍ରାପ୍ତ ଅର୍ଥ ସଂପର୍କରେ ଅନୁଧ୍ୟାନ କରାଯାଇଥିଲା। କୌଣସି କ୍ଷେତ୍ରରେ ଖର୍ଚ୍ଚ ହୋଇପାରୁନଥିବା ଅର୍ଥ ବିଭାଗରେ ପାର୍କିଂ ଅଫ ଫଣ୍ଡ ଭାବରେ ନରଖିବାକୁ ଅର୍ଥ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଫେବୃୟାରୀ ୨୦୨୫ ସୁଦ୍ଧା ରାଜ୍ୟର ନିଜସ୍ୱ ରାଜସ୍ୱ ଆଦାୟ, କେନ୍ଦ୍ରୀୟ ଅନୁଦାନ, କେନ୍ଦ୍ରୀୟ କର ବାବଦରେ ରାଜ୍ୟର ଅଂଶ ପ୍ରଦାନ, ବିଭିନ୍ନ କର ଆଦାୟ, ଅଣ କର ରାଜସ୍ୱ କ୍ଷେତ୍ର ଆଦିରୁ ସଂଗୃହିତ ରାଜସ୍ୱ ସାମଗ୍ରିକ ଭାବେ ଗତ ଆର୍ଥିକ ବର୍ଷ ତୁଳନାରେ ବୃଦ୍ଧି ପାଇଥିବା ବୈଠକରୁ ଜଣାଯାଇଛି। ବୈଠକରେ ବିଭିନ୍ନ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବ୍ୟବସ୍ଥାରେ ଅଧିକ ଉନ୍ନତି ପାଇଁ ଓକାକ ତରଫରୁ ପଦକ୍ଷେପ ନିଆଯିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ଅନ୍ୟ ସମସ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

# ଏଏସ୍ଆଇ ମହାନିର୍ଦ୍ଦେଶକ-ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆଲୋଚନା

**ପୁରୀ,୧୨।୩/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ନୂଆଦିଲ୍ଲୀ ଠାରେ ଏଏସ୍ଆଇର ମହାନିର୍ଦ୍ଦେଶକ ଡ. ଯଦୁବୀର ସିଂହ ରାୱତଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଶ୍ରୀମନ୍ଦିରର ରତ୍ନଭଣ୍ଡାର କାର୍ଯ୍ୟ ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ନେଇ ମୁଖ୍ୟ ପ୍ରଶାସକ ଏଏସ୍ଆଇକୁ ଧନ୍ୟବାଦ ଦେବା ସହ ଠିକଣା ସମୟରେ କାର୍ଯ୍ୟ ସମାପନ ନେଇ ଗୁରୁତ୍ୱାରୋପ କରିଥିଲେ। ସେହିପରି ପାର୍ଶ୍ୱମନ୍ଦିରଗୁଡ଼ିକ ମରାମତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ନାଟମଣ୍ଡପରେ ଏସି ବ୍ୟବସ୍ଥା, ଶ୍ରୀମନ୍ଦିରର ଆଲୋକୀକରଣ, ଏବଂ ଅନ୍ୟାନ ମରାମତି ତଥା ରୁପା ଏବଂ ସୁନା ଛାଉଣି କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏସବୁ କାର୍ଯ୍ୟ ସଂପାଦନ ବେଳେ ସାଂସ୍କୃତିକ ବୈଶିଷ୍ଟ୍ୟ ପ୍ରତି ଧ୍ୟାନ ଦିଆଯିବା ନେଇ ଏଏସଆଇ ପକ୍ଷରୁ ପରାମର୍ଶ ଆସିଥିଲା। ଏହି ଆଲୋଚନା ବେଳେ ଏଏସ୍ଆଇ ଉପମହାନିର୍ଦ୍ଦେଶକ (ସଂରକ୍ଷଣ) ଡ. ଜାହାନୱିଜ୍ ଶର୍ମା ଉପସ୍ଥିତ ଥିଲେ। ଏହି ଗସ୍ତ ସମୟରେ ମୁଖ୍ୟ ପ୍ରଶାସକ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କୁ ଭେଟି ରଥଯାତ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାଭୁକ୍ତ କରିବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ।



# ଯାତ୍ରୀଙ୍କ ସୁବିଧା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ହୋଲି ସ୍ପେଶାଲ୍ ଟ୍ରେନ୍

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ହୋଲି ପର୍ବ ସମୟରେ ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ପୂରଣ କରିବା ପାଇଁ ପୂର୍ବତଟ ରେଳପଥ ପ୍ରମୁଖ ସ୍ଥାନଗୁଡ଼ିକୁ ସ୍ୱତନ୍ତ୍ର ଟ୍ରେନ ସଂଯୋଗ ଯୋଜନା କରି ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ନିଷ୍ପତ୍ତି ନେଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅତିରିକ୍ତ ଯାତ୍ରା ବିକଳ୍ପ ପ୍ରଦାନ କରିବ ଏବଂ ନିୟମିତ ଟ୍ରେନ୍‌ଗୁଡ଼ିକରେ ଭିଡ଼ କମ କରିବାରେ ସାହାଯ୍ୟ କରିବ।



କାର୍ଯ୍ୟସୂଚୀ ଅନୁଯାୟୀ ପୂର୍ବତଟ ରେଳପଥ ମଧ୍ୟରୁ ପୁଣି ଗୋଟିଏ ସ୍ୱତନ୍ତ୍ର ଟ୍ରେନ ରାୟଗଡା-ଟିଟିଲାଗଡ଼-ସମ୍ବଲପୁର-ରାଉରକେଲା ମାର୍ଗ ଦେଇ ବିଶାଖାପାଟଣା ଏବଂ ପାଟନା ମଧ୍ୟରେ ଚଳାଚଳ କରିବ। ଟ୍ରେନ୍ ନମ୍ବର ୦୮୫୩୭/୦୮୫୩୮ ବିଶାଖାପାଟଣା-ପାଟନା-ବିଶାଖାପାଟଣା ହୋଲି ସ୍ପେଶାଲ୍ ଟ୍ରେନ ବିଶାଖାପାଟଣାରୁ ପ୍ରତି ରବିବାର (୧୬ ମାର୍ଚ୍ଚ ରୁ ୩୦ ମାର୍ଚ୍ଚ ୨୦୨୫) ସଂଧ୍ୟା ୭ଟା ୩୦ରେ ଛାଡ଼ିବ। ପାଟନାରୁ ପ୍ରତି ସୋମବାର (୧୭ ମାର୍ଚ୍ଚରୁ ୩୧ ମାର୍ଚ୍ଚ ୨୦୨୫) ରାତି ୧୦ଟା ୩୦ ଘଣ୍ଟାରେ ଛାଡ଼ିବ। ଏହି ଟ୍ରେନ୍ ବିଶାଖାପାଟଣା ଓ ପାଟଣା ମଧ୍ୟରେ ଉଭୟ ପାର୍ଶ୍ୱରୁ ବିଜୟନଗରମ୍, ବବିଲି, ପାର୍ବତୀପୁରମ୍, ରାୟଗଡ଼ା, ସିଙ୍ଗାପୁର ରୋଡ୍, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ୍, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ହାଟିଆ, ରାଞ୍ଚି, ମୁରି, ବୋକାରୋ ଷ୍ଟିଲ୍ ସିଟି, ଚନ୍ଦ୍ରପୁରା, ଗୋମୋ, କୋଡ଼ର୍ମା, ଗୟା ଏବଂ ଜେହାନାବାଦ ଷ୍ଟେସନ୍‌ରେ ରହଣି କରିବ। ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ବିଶାଖାପାଟଣା-ପାଟନା ହୋଲି ସ୍ପେଶାଲ୍ ବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଅତିରିକ୍ତ ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି। ଏହା ହେଉଛି ଭୁବନେଶ୍ୱର-ଚେରଲାପାଲି (ହାଇଦ୍ରାବାଦ) ହୋଲି ସ୍ପେଶାଲ୍। ଏହି ଟ୍ରେନ୍ ସୋମବାର ଦିନ (୧୦ ମାର୍ଚ୍ଚରୁ ୨୪ ମାର୍ଚ୍ଚ ୨୦୨୫) ୧୨ଟା ୧୦ରେ ଭୁବନେଶ୍ୱରରୁ ଛାଡ଼ିବ। ମଙ୍ଗଳବାର ଦିନ (୧୧ ମାର୍ଚ୍ଚ ରୁ ୨୫ ମାର୍ଚ୍ଚ ୨୦୨୫) ୯ଟା ୫୦ରେ ହାଇଦ୍ରାବାଦରୁ ଫେରିବ। ସେହିପରି ପୁରୀ-କୋଲକାତା ହୋଲି ସ୍ପେଶାଲ୍ ୧୩, ୧୮ ଏବଂ ୨୦ ମାର୍ଚ୍ଚ ୨୦୨୫ ରେ ରାତି ୧୧ଟା ୫୦ରେ କୋଲକାତାରୁ ଛାଡ଼ିବ। ୧୪, ୧୯ ଏବଂ ୨୧ ମାର୍ଚ୍ଚ ୨୦୨୫ ରେ ଅପରାହ୍ଣ ୩ଟା ୩୦ରେ ପୁରୀରୁ ଛାଡ଼ିବ। ବିଶାଖାପାଟଣା-ଏସ୍ଏମ୍‌ଭିଟି ବେଙ୍ଗାଲୁରୁ ହୋଲି ସ୍ପେଶାଲ୍ ରବିବାର (୯ ମାର୍ଚ୍ଚରୁ ୨୩ ମାର୍ଚ୍ଚ ୨୦୨୫) ଦିନ ୩ଟା ୩୦ରେ ବିଶାଖାପାଟଣାରୁ ଛାଡ଼ିବ। ସୋମବାର ଦିନ (୧୦ ମାର୍ଚ୍ଚ ରୁ ୨୪ ମାର୍ଚ୍ଚ ୨୦୨୫) ୩ଟା ୫୦ରେ ବେଙ୍ଗାଲୁରୁ ଫେରିବ। ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଅନେକ ସ୍ୱତନ୍ତ୍ର ଟ୍ରେନର ସେବାକୁ ସମ୍ପ୍ରସାରିତ କରିଛି। ଜୁନ୍ ୨୦୨୫ ଶେଷ ସପ୍ତାହ ପର୍ଯ୍ୟନ୍ତ ୦୨୮୩୭/୦୨୮୩୮ ସାନ୍ତ୍ରାଗାଛି-ପୁରୀ-ସାନ୍ତ୍ରାଗାଛି ସାପ୍ତାହିକ ବିଶେଷ, ୦୨୮୩୯/୦୨୮୪୦ ଶାଲିମାର-ପୁରୀ-ଶାଲିମାର ସାପ୍ତାହିକ ବିଶେଷଓ ୦୮୦୧୧/୦୮୦୧୨ ଭଞ୍ଜପୁର (ବାରିପଦା)-ପୁରୀ-ଭଞ୍ଜପୁର ଦ୍ୱି-ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ସେହିପରି ଏପ୍ରିଲ୍ ୨୦୨୫ ଶେଷ ସପ୍ତାହ ପର୍ଯ୍ୟନ୍ତ ୦୯୦୫୯/୦୯୦୬୦ ଉଧନା (ସୁରତ)-ଖୋର୍ଦ୍ଧା ରୋଡ୍-ଉଧନା ସ୍ପେଶାଲ୍, ୦୨୮୧୧/୦୨୮୧୨ ଭୁବନେଶ୍ୱର-ଯଶବନ୍ତପୁର-ଭୁବନେଶ୍ୱର ସାପ୍ତାହିକ ବିଶେଷ, ୦୮୩୧୧/୦୮୩୧୨ ସମ୍ବଲପୁର-ଏରୋଡ୍-ସମ୍ବଲପୁର ସାପ୍ତାହିକ ବିଶେଷ, ୦୮୫୦୮/୦୮୫୦୭ ବିଶାଖାପାଟଣା-ଶାଲିମାର-ବିଶାଖାପାଟଣା ସାପ୍ତାହିକ ବିଶେଷ, ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଦୈନିକ ବିଶେଷ, ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସାପ୍ତାହିକ ବିଶେଷ ଚଳାଚଳ କରିବ।

# ବୟନିକାର ବାର୍ଷିକ ସାଧାରଣ ସଭା



**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ବୁଣାକାରଙ୍କ ଆର୍ଥିକ ବିକାଶ ପାଇଁ ବୟନିକା ସମ୍ପୂର୍ଣ୍ଣ ସମର୍ପିତ ଓ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର। ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି ଲିଃ (ବୟନିକା)ର ୩୮ତମ ବାର୍ଷିକ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସେ ଏହା କହିଛନ୍ତି। ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ ସଭାଗୃହରେ ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ଅଧ୍ୟକ୍ଷତାରେ ଆଜି ବାର୍ଷିକ ସାଧାରଣ ସଭା ଆୟୋଜିତ ହୋଇଯାଇଛି। ବୁଣାକାରଙ୍କ ଆର୍ଥିକ ସମୃଦ୍ଧି ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ଓ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ବାରିକ କହିଥିଲେ। ଗ୍ରାହକଙ୍କ ରୁଚିକୁ ପ୍ରାଥମିକତା ଦେଇ ନୂଆ ନୂଆ ଡିଜାଇନ୍‌ରେ ଲୁଗା ବୁଣିବା ପାଇଁ ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ ନିଜ ଅଭିଭାଷଣରେ ବୁଣାକାରଙ୍କୁ ପ୍ରେରିତ କରିଥିଲେ। ଅଧିକରୁ ଅଧିକ ବ୍ୟବସାୟ ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ ସଭାରେ ଅବଗତ କରାଇଥିଲେ। ପରିଚାଳନା ପରିଷଦର ସଭ୍ୟ ଶ୍ରୀଧର ବେହେରା ଓ ଶେଷ କୁମାର ମେହେର ବୟନିକାର ଆଭିମୁଖ୍ୟ ବିଷୟରେ ଉପସ୍ଥାପନ କରିଥିଲେ। ସମିତି ସଭାପତି ପ୍ରକାଶ ଚନ୍ଦ୍ର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବୟନିକାର ସାଧାରଣ ପରିଚାଳକ ତଥା ସମ୍ପାଦକ ଡକ୍ଟର ସୁଷମା ବାରିକ ଶେଷରେ ଧନ୍ୟବାଦ୍ ଦେଇଥିଲେ।

# ଗାନ୍ଧୀବାଦୀ ଅଚ୍ୟୁତାନନ୍ଦ ସାମଲଙ୍କ ସ୍ମୃତିରେ ଚାରାରୋପଣ



**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ବରୀ ଅଞ୍ଚଳର ଗାନ୍ଧୀବାଦୀ ତଥା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଅଚ୍ୟୁତାନନ୍ଦ ସାମଲଙ୍କ ୯୦ତମ ଜନ୍ମ ଦିବସ ଅବସରରେ ଆଜି ଭୁବନେଶ୍ୱର ଉପକଣ୍ଠସ୍ଥ ପାତ୍ରପଡ଼ାରେ ଥିବା ସ୍ମୃତିବନରେ ଚାରାରୋପଣ ସହିତ ସ୍ମୃତିଶିଳା ସ୍ଥାପନ କରାଯାଇଛି। ଅଚ୍ୟୁତାନନ୍ଦ ସାମଲ ସ୍ମାରକ ପ୍ରତିଷ୍ଠାନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗାନ୍ଧୀବାଦୀ ପ୍ରହଲ୍ଲାଦ ସିଂହ, ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଏବଂ ସାହିତ୍ୟିକ ନିଳୟକାନ୍ତ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଶତ୍ରୁଜିତ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସ୍ମାରକ ପ୍ରତିଷ୍ଠାନର ସଭାପତି ନିମାଇଁ ରାୟ ଓ ସମ୍ପାଦକ ତପନ ବିହାରୀ ଭଞ୍ଜଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରୀ ଅଞ୍ଚଳର ବହୁ ଶୁଭେଚ୍ଛୁ ଏବଂ ଅଚ୍ୟୁତାନନ୍ଦ ସାମଲ ସ୍ମାରକ ପ୍ରତିଷ୍ଠାନର ସଦସ୍ୟମାନେ ଯୋଗ ଦେଇଥିଲେ।

# ଶିଳ୍ପୀମାନଙ୍କ ଦ୍ୱାରା 'ନବଦୁର୍ଗା' ପରିବେଷଣ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** କଳା ଓ ସଂସ୍କୃତି ପାଇଁ ସମର୍ପିତ ଓଡ଼ିଶୀ ନୃତ୍ୟାନୁଷ୍ଠାନ 'ମୋକ୍ଷ' ପକ୍ଷରୁ ୧୦ମ ଅଭିଳାଷା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୋକ୍ଷ ଅନୁଷ୍ଠାନର ଅଧ୍ୟକ୍ଷା ଡଃ. ସୁଜାତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ସ୍ନେହପ୍ରଭା ସାମନ୍ତରାୟ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ଓଡ଼ିଶୀ ନୃତ୍ୟ ଗୁରୁ ବ୍ରଜ କିଶୋର ମଲ୍ଲିକ ଏବଂ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶୀ ନୃତ୍ୟ ବିଶାରଦ ଗୁରୁ ଜ୍ୟୋତି ରାଉତ, ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅଧ୍ୟାପକ ତଥା ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତ ବିଶାରଦ ଗୁରୁ ନିମକାନ୍ତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଦଳଗତ ନୃତ୍ୟ ମଧ୍ୟରେ ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ପଙ୍କଜ ଚରଣ ଦାସଙ୍କ ନୃତ୍ୟ ନିର୍ଦ୍ଦେଶନା ଏବଂ ସ୍ୱର୍ଗତ ଗୁରୁ ଶ୍ରୀ ହରିହର ପଣ୍ଡାଙ୍କ ରଚନାରେ ଅଗ୍ରଣୀ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ 'ରୁଦ୍ରାକ୍ଷ' ଫାଉଣ୍ଡେସନ ପକ୍ଷରୁ ଶିଳ୍ପୀମାନଙ୍କ 'ନବଦୁର୍ଗା' ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଅନୁଷ୍ଠାନ ତରଫରୁ ପ୍ରଶାନ୍ତ କଅଁର, ବିଶ୍ୱଜିତ୍ ଜେନା, ଲୋପାମୁଦ୍ରା ସାହୁ, ଅଭିପ୍ସା ବିଶ୍ୱାଳ ଏବଂ ସୁଜାତା ରାଉତଙ୍କ ଦ୍ୱାରା ଏହି ନୃତ୍ୟ ପରିବେଷଣ ଅତ୍ୟନ୍ତ ଉଚ୍ଚକୋଟୀର ପରିଲକ୍ଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ରାଜଶ୍ରୀ ପ୍ରିୟଦର୍ଶିନୀ ଓ ରତ୍ନା ମହାନ୍ତି ସଂଯୋଜନା କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା



**ଭୁବନେଶ୍ୱର/ଛତ୍ରପୁର,୧୨।୩/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଜି ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ନେଇ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏକ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଶିଷ୍ଟ ଡାକ୍ତରମାନଙ୍କ ଦ୍ୱାରା ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବକୁ ନେଇ ଏକ ଆନ୍ତଃମହାବିଦ୍ୟାଳୟ ସଚେତନତା କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ପୌରୋହିତ୍ୟ କରିଥିଲେ ଏମ୍‌କେସିଜି ମେଡିକାଲ୍‌ର ମାନସିକ ବିଭାଗ ମୁଖ୍ୟ ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ। ଛାତ୍ରୀମାନଙ୍କ ମଧ୍ୟରେ ମାସିକ ଋତୁଚକ୍ର ବିଷୟରେ ଅଧିକ ସଚେତନ କରାଇବା ସହ କିପରି ମାନସିକ ଭାବେ ସୁସ୍ଥ ରହିବେ ତାହା ଏହି କାର୍ଯକ୍ରମର ମୂଳ ଲକ୍ଷ୍ୟ ଥିଲା।

ଗୋପାଳପୁର ବନ୍ଦରର ବିଜନେସ ମୁଖ୍ୟ ସନ୍ଦୀପ ଜୈସୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲର ମାନସିକ ବିଭାଗର ମୁଖ୍ୟ ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ତ୍ରିପାଠୀ ଅଧ୍ୟକ୍ଷ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଭକ୍ତ ବନ୍ଧୁ ଶତପଥୀ, ଶିଳ୍ପ ସମ୍ପର୍କ ମୁଖ୍ୟ ଗୋପାଳପୁର ବନ୍ଦର, ଶ୍ରୀ ଦେବଦତ୍ତ ମିଶ୍ର ସିଏସଆର ମୁଖ୍ୟ ଗୋପାଳପୁର ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ୮୦ ଲିଟର କ୍ଷମତା ବିଶିଷ୍ଟ ଏକ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା (ଆରଓ ଫିଲ୍ଟର ମେସିନ୍) ସ୍ଥାପନା କରାଯାଇଥିଲା ଯାହାଦ୍ୱାରା ମହାବିଦ୍ୟାଳୟର ୩୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ପାଇପାରିବେ। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ, ଅଜୟ କୁମାର ତ୍ରିପାଠୀ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରଥମ ଥର ପାଇଁ ଆୟୋଜନ କରାଯାଇଥିବା ଏହି ଭଳି ଏକ ନିଆରା କାର୍ଯକ୍ରମ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଡକ୍ଟର ଶର୍ମିଷ୍ଠା ପ୍ରିୟଦର୍ଶିନୀ ମାସିକ ଋତୁଚକ୍ରରେ ମହିଳାମାନେ ସମ୍ମୁଖୀନ ହେଉଥିବା ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାକୁ ସାମ୍ନା ପାଇଁ ମାନସିକ ଭାବେ କିପରି ସୁସ୍ଥ ରହିବେ ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। 'ମହିଳା ସଶକ୍ତିକରଣ' ବିଷୟ ବସ୍ତୁକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ବେଳେ 'ମହିଳା ସଶକ୍ତିକରଣ -ଏକ ପରିକଳ୍ପନା ନା ବାସ୍ତବତା' ବିଷୟକୁ ନେଇ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ବିତର୍କ ପ୍ରତିଯୋଗିତା ହୋଇଥିଲା। ଆଦାନୀ ଫାଉଣ୍ଡେସନ ପକ୍ଷରୁ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। କୃତି ଛାତ୍ରୀମାନେ ହେଲେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ତୃତୀୟ ବର୍ଷର ଛାତ୍ରୀ ରିଶିକା ମିଶ୍ର, କଳା ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ସାଇ ସମ୍ପୂର୍ଣ୍ଣା, ବିଜ୍ଞାନ ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ ଏନ୍ ହରପ୍ରିୟା ରେଡ୍ଡୀ। ଏମାନେ ଯଥାକ୍ରମେ ଇଂରାଜୀ ବିତର୍କରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଓଡ଼ିଆ ବିତର୍କରେ କଳା ବିଭାଗର ଦ୍ୱିତୀୟ ବର୍ଷ ଛାତ୍ରୀ, ଶିଖା ନାହାକ, ପ୍ରତିଭା ଆବାସିକ ମହାବିଦ୍ୟାଳୟର ଖୁସି ଜେନା ଓ ଡି କାଜଲ ପାତ୍ର ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ୱତନ୍ତ୍ର ଜୁରୀ ପୁରସ୍କାରରେ ଓମ୍ ପ୍ରକାଶ ଡୋରା ପୁରସ୍କୃତ ହୋଇଥିବା ବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶାଶ୍ୱତୀ ସୌମ୍ୟ ପଟ୍ଟନାୟକ, ତେଜସ୍ୱିନୀ ବେହେରା , ଡି କାଜଲ ପ୍ରଧାନ, ଦିପ୍ତିମୟୀ ପଣ୍ଡା, ଶୁଭସ୍ମୀତା ଗୌଡ଼ ପ୍ରମୁଖ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଜାତୀୟ ପାରା ଜୁଡୋ ଚାମ୍ପିଅନସିପରେ ଆଥଲେଟ୍ ମୋହନ ଦୁଇଟି ବ୍ରୋଞ୍ଜ ପଦକ ଜିତିଲେ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ବେଦାନ୍ତ ଆଲୁମିନିୟମ୍ ଦ୍ୱାରା ସମସ୍ତ ପ୍ରକାର ସହଯୋଗ ପାଇଥିବା ଓଡ଼ିଶାର ଆଦିବାସୀ ବହୁଳ କଳାହାଣ୍ଡି ଜିଲ୍ଲାର ପାରା ଜୁଡୋ ଆଥଲେଟ୍ ମୋହନ ସାହୁ ରାଜ୍ୟର ପ୍ରତିନିଧିତ୍ୱ କରି ତ୍ରୟୋଦଶ ଜାତୀୟ ପାରା ଜୁଡୋ ଚାମ୍ପିଅନସିପ୍ ୨୦୨୫ ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଛନ୍ତି। ଜଣେ ପ୍ରତିଭାବାନ ଅଲଥଲେଟ୍ ଭାବେ ଆଶୀର୍ବାଦ ପ୍ରାପ୍ତ ମୋହନ ଜୁନିୟର (୬୬ କେଜି) ଏବଂ ସିନିୟର (୬୪ କେଜି) ବର୍ଗରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେ ବର୍ତ୍ତମାନ ଉଜବେକିସ୍ତାନର ତାସକେଣ୍ଟରେ ସମ୍ମାନଜନକ ଏସୀୟ ପାରା ଜୁଡୋ ଚାମ୍ପିଅନସିପ୍ ୨୦୨୫ ରେ ଭାରତର ପ୍ରତିନିଧିତ୍ୱ କରିବାକୁ ପ୍ରସ୍ତୁତ ହେଉଛନ୍ତି। ନିଜର ପ୍ରତିକ୍ରିୟାରେ ଉଲ୍ଲସିତ ମୋହନ ସାହୁ କହିଛନ୍ତି, ବେଦାନ୍ତ ଆଲୁମିନିୟମର ସମର୍ଥନ ପାଇଁ ମୁଁ ଅତ୍ୟନ୍ତ କୃତଜ୍ଞ, ଯାହା ମୋତେ



ସର୍ବୋଚ୍ଚ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ଆତ୍ମବିଶ୍ୱାସ ଦେଇଛି। ସ୍ଥାନୀୟ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ସମର୍ପଣ ଭାବ ଉପରେ ଗୁରୁତ୍ୱାରୋପ କରି ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଆମେ ଜୀବନକୁ ପ୍ରେରଣା ଏବଂ ପରିବର୍ତ୍ତନ କରିବା ପାଇଁ କ୍ରୀଡ଼ାକୁ ବିଶ୍ୱାସ କରୁ। ମୋହନ ସାହୁଙ୍କ ଭଳି କ୍ରୀଡ଼ାବିତ୍‌ମାନଙ୍କୁ ସହାୟତା କରିବା ସମାବେଶୀ ଏବଂ ଗୋଷ୍ଠୀଗତ ବିକାଶ ପ୍ରତି ଆମର ବୃହତ୍ତର ପ୍ରତିବଦ୍ଧତାର ଅଂଶବିଶେଷ। ସେ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ନୂତନ ଆହ୍ୱାନର ମୁକାବିଲା କରୁଥିବାରୁ ତାଙ୍କ ସହିତ ଛିଡ଼ା ହୋଇ ଆମେ ଗର୍ବିତ। ନିକଟରେ ଲକ୍ଷ୍ନୌରେ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ତାଙ୍କର ଅଂଶଗ୍ରହଣ ପାଇଁ କମ୍ପାନୀ ତାଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ଉପକରଣ ଏବଂ ଆର୍ଥିକ ସହାୟତା ପ୍ରଦାନ କରିଥିଲା। ତାଙ୍କର ଆବଶ୍ୟକ ସମ୍ବଳ ସହିତ ଜଣେ ସମ୍ପୂର୍ଣ୍ଣ ସୁସଜ୍ଜିତ କ୍ରୀଡ଼ାବିତ୍ ଭାବେ ମୋହନ ସାହୁ ଭାରତର ଶୀର୍ଷ ପାରା ଆଥଲେଟ୍‌ମାନଙ୍କ ସହିତ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିବା ଏବଂ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

# ସିଆଇଆଇର ନୂଆ ପଦାଧିକାରୀ ନିଯୁକ୍ତ

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ୨୦୨୫-୨୬ ବର୍ଷ ପାଇଁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି ବେଦାନ୍ତ ଲିମିଟେଡ୍ ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସୁନୀଲ ଗୁପ୍ତା ଏବଂ ଓଡ଼ିଶା ଆସେଟ ଏଏମ୍/ଏନ୍ଏସ୍ ଇଣ୍ଡିଆର କାର୍ଯ୍ୟକାରୀ ନିର୍ଦ୍ଦେଶକ ଜି ସୁରେଶ ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଆଜି ଭୁବନେଶ୍ୱରରେ ଆୟୋଜିତ ସିଆଇଆଇ ଓଡ଼ିଶା ଷ୍ଟେଟ୍ ଆନୁଆଲ ଡେ' ୨୦୨୫ରେ ଏହି ଘୋଷଣା କରାଯାଇଛି।

ଶ୍ରୀ ଗୁପ୍ତା ବେଦାନ୍ତ ଲିମିଟେଡ୍‌ର ଝାରସୁଗୁଡ଼ା, ଲାଞ୍ଜିଗଡ଼ସ୍ଥିତ ପ୍ଲାଣ୍ଟ ସମେତ ଖଣି ବ୍ୟବସାୟର ରଣନୈତିକ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଶ୍ରୀ ଜି ସୁରେଶ ହେଉଛନ୍ତି ଜଣେ ଅଭିଜ୍ଞ ଲିଡର ଯିଏକି ଏଏମ୍/ଏନ୍ଏସ ଇଣ୍ଡିଆରେ ଓଡିଶା ଆସେଟର ତଦାରଖ କରୁଛନ୍ତି। ଆଜି ସିଆଇଆଇ ଓଡ଼ିଶା ପକ୍ଷରୁ 'ବିକଶିତ ଓଡ଼ିଶା-୨୦୩୬: ଟୁୱାର୍ଡସ ସେଟିଂ ଦ ଏଜେଣ୍ଡା ଫର ନେଶନ ବିଲ୍ଡିଂ' ଉପରେ ଏକ ଅଧିବେଶନର ଆୟୋଜିତ ହୋଇଥିଲା। ଏଥିରେ ସିଆଇଆଇ ଇଷ୍ଟର୍ଣ୍ଣ ରିଜିଅନ କାଉନ୍‌ସିଲ୍‌ର ଅଧ୍ୟକ୍ଷ ଶୁଭେନ୍ଦ୍ର ବେହେରା, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ୨୦୨୪-୨୫ର ଅଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି, ଶଶି ଶେଖର ମହାନ୍ତି, ବିଭୁ ମିଶ୍ର, ସୁଧିର ଜୈସୱାଲ, ସ୍ୱୟଂ ପ୍ରକାଶ ବରାଳ, ନିତିନ ମାନେକ, ସସ୍ମିତା ସାମନ୍ତ ଏବଂ ପଞ୍ଜାବ ନ୍ୟାସ୍‌ନାଲ ବ୍ୟାଙ୍କର ଜେନେରାଲ ମ୍ୟାନେଜର ରାଜେଶ କୁମାର ପ୍ରମୁଖ ଯୋଗ ଦେଇଥିଲେ।

# ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱଦେବା ଉଚିତ୍

**ଭୁବନେଶ୍ୱର,୧୨।୩/ଏନ୍ଏନ୍ଏସ୍:** ଡିଏଆଇପିଏଲ୍ ଓଡ଼ିଶାରେ ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱ ଦେଉଛି। ଡାଇକିନ୍ ଉତ୍ପାଦଗୁଡିକ ତାହା ସହିତ ଡାଇକିନ ଗ୍ଲୋବାଲର ମଜଭୁତ ପ୍ରଯୁକ୍ତି ନେଇ ଆସୁଛି, ଯାହା କମ୍ ଖର୍ଚ୍ଚରେ ମାଲିକାନା ସୁଯୋଗ ପ୍ରଦାନ କରୁଛି ଏବଂ ସେଥିରେ ଅତୁଳନୀୟ ଗୁଣବତ୍ତା ଏବଂ ଦୀର୍ଘସ୍ଥାୟିତ୍ୱ ସନ୍ନିବେଶିତ ହୋଇଛି ବୋଲି କୁଲଦୀପକ ବିରମାନି, ସିନିୟର ଭାଇସ୍ ପ୍ରେସିଡେଣ୍ଟ ଓ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର, ଡାଇକିନ ଇଣ୍ଡିଆ କହିଛନ୍ତି। ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ ଯେ ଭାରତରେ ମଜଭୁତ ଏବଂ ନିରନ୍ତର ଅଭିବୃଦ୍ଧି ଘଟୁଛି। ସେହିପରି କୁଲଦୀପକ ବିରମାନି କହିଥିଲେ, ସର୍ବାଧୁନିକ କାରଖାନା ଆମର ଉତ୍ପାଦନ ସାମର୍ଥ୍ୟ ବୃଦ୍ଧି କରିବାକୁ ଯାଉଛି, ଯାହା ସୁଦୃଢ଼ ଯୋଗାଣ ଶୃଙ୍ଖଳ ଏବଂ ଅଧିକ ସୁସଂହତ, ଏଚ୍‌ଭିଏସି ସମାଧାନଗୁଡିକ ନିମନ୍ତେ ଶକ୍ତି-ସଚେତନ ଆଭିମୁଖ୍ୟ ସୁନିଶ୍ଚିତ କରୁଛି।

**ଆନ୍ଧ୍ରପ୍ରଦେଶ ମଞ୍ଜୁଷାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର**

# ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ

**ମଞ୍ଜୁଷା,୧୨।୩/ଏନ୍ଏନ୍ଏସ୍:** ରାଜନୈତିକ ଭୂଖଣ୍ଡ ଭିନ୍ନ ହେଲେ ବି ହୃଦୟର ଭୂଗୋଳରେ ସଦା ବିରାଜମାନ ଆମ ବିଚ୍ଛିନ୍ନାଞ୍ଚଳ। ଉଭୟ ଭାବଗତ, ଭାଷାଗତ ଓ ତଥା ସାଂସ୍କୃତିକ ଐତିହ୍ୟ ଏହାର ଆଧାର। ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆନ୍ଧ୍ରପ୍ରଦେଶର ପୁଣ୍ୟପୀଠ ମଞ୍ଜୁଷାସ୍ଥିତ ଓଡ଼ିଆ ଯୁବକ ପାଠାଗାରଙ୍କ ମିଳିତ ସହଯୋଗରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସାଇକମଳ କଲ୍ୟାଣମଣ୍ଡପଠାରେ ଆୟୋଜିତ ହୋଇଯାଇଛି।



ଏଥିରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଭୂମିକା ସମ୍ପର୍କରେ ଭାଷାଭିତ୍ତିକ ଆଲୋଚନା କରାଯାଇଥିଲା। ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିର ପ୍ରସାର, ପ୍ରଚାର ଓ ପ୍ରୟୋଗ ବିଷୟରେ ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଓଡ଼ିଆ ଅଧିବାସୀମାନଙ୍କର ଅନେକ ସମର୍ପଣ ଓ ବଳିଦାନ ଆଦିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିକୁ ସୁରକ୍ଷା ଦେବାରେ ସେମାନେ ଅନେକ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଉତ୍ସମାର ସଭାପତି ସତ୍ୟନାରାୟଣ ପାଢ଼ୀ, ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସଭାପତି ଭାସ୍କର ପାଢ଼ୀ ଏବଂ ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ବୃନ୍ଦାବନ ଦଳାଇ ଆଦି ଯୋଗଦାନ କରି ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପ୍ରତି ରହିଥିବା ଦାୟିତ୍ୱ ଏବଂ ଏହାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗ ମୁଖ୍ୟ ଡକ୍ଟର ବିଦ୍ୟୁତପ୍ରଭା ସାହୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା କିପରି ପାଇପାରିଅଛି ଓ ଓଡ଼ିଆ ଭାଷା ସୃଷ୍ଟି ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଶରଣାରବିନ୍ଦ ଓଝା ଯୋଗଦାନ କରି ଉତ୍କଳୀୟ ମାଟିରେ ଜନ୍ମିତ ସାରସ୍ୱତ ସ୍ରଷ୍ଟାଙ୍କ ଜୀବନାଦର୍ଶ, ପରାକାଷ୍ଠା ଓ ସମାଜର ମଙ୍ଗଳ ପାଇଁ ଯେଉଁସବୁ ଅନବଦ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିବାରେ ଅନେକ ସହାୟକ ହୋଇପାରିଛି ବୋଲି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭାଷା ସମ୍ପର୍କିତ ଆଲୋଚନା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଏହି ସ୍ଥାନମାନଙ୍କରେ ବସବାସ କରୁଥିବା ସାରସ୍ୱତ ପ୍ରେମୀଙ୍କ କାର୍ଯ୍ୟଧାରାକୁ ଭୂୟଂସୀ ପ୍ରଶଂସା କରିଥିଲେ। ଉତ୍ସବରେ ସଭାପତିତ୍ୱ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦାନ କରି ପୂର୍ବରୁ ଆଲୋଚନା କରିଥିବା ଅତିଥି ଓ ବକ୍ତାଙ୍କ ବକ୍ତବ୍ୟ ଉପରେ ସମ୍ୟକ୍ ସୂଚନା ପ୍ରଦାନ ସହ ଓଡ଼ିଶା ସାହିତ୍ୟ ଏକାଡେମୀର ଏହିପରି କାର୍ଯ୍ୟକୁ କିପରି ଆଗାମୀ ଦିନରେ ଏହି ଉପାନ୍ତ ଅଞ୍ଚଳମାନଙ୍କରେ ସୁଚାରୁ ରୂପେ କରାଯାଇପାରିବ ସେ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଦକ୍ଷ ପ୍ରଶାସକ ତଥା ସାହିତ୍ୟାନୁରାଗୀ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଉପାନ୍ତ ଅଞ୍ଚଳରେ ଭାଷାଭିତ୍ତିକ କାର୍ଯ୍ୟକ୍ରମ କିପରି ଆଗାମୀ ଦିନରେ ସୁଚାରୁ ରୂପେ କରାଯାଇପାରିବ ଏ ଉପରେ ନିଜର ମତ ପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣପୁରସ୍ଥିତ ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଧରାକୋଟ ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ସୁଜିତ୍ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଭାଷାବିତ୍ ତଥା ଓଡ଼ିଆ ଭାଷା ଆନ୍ଦୋଳନର ଜଣେ ଅନ୍ୟତମ ସାରଥି ପବିତ୍ର ମହାରଥା, ସୁସାହିତ୍ୟିକ ଓ ସ୍ତମ୍ଭକାର ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ-ସଚିବ ଡକ୍ଟର କୁଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଅଧ୍ୟାପକ ସୁଶାନ୍ତ ଦାସ, ଶିକ୍ଷାବିତ୍ ଓ ଗବେଷକ ଡକ୍ଟର ଗିରିଶ ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦାନ କରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଭୂମିକା ସମ୍ପର୍କରେ ଭାଷାଭିତ୍ତିକ ଆଲୋଚନା କରିବା ସହ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଉପାନ୍ତ ଅଞ୍ଚଳରେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମମାନ କରାଯିବା ପାଇଁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଆମନ୍ତ୍ରିତ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିଲେ।

**ନିତି ଭାରତୀ**
ଶକ୍ତି ବିଜୟରୁ ପ୍ରାପ୍ତ ହୋଇ ନଥାଏ। କଠିନ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ପରିସ୍ଥିତି ସାମ୍ନାରେ ମୁଣ୍ଡ ନ ନୁଆଁଇବାକୁ ନିଷ୍ପତ୍ତି ନେବା ହିଁ ଶକ୍ତି। - **ମହାତ୍ମା ଗାନ୍ଧୀ**

NITIDIN
ନିତିଦିନ
ଗୁରୁବାର, ୧୩ ମାର୍ଚ୍ଚ, ୨୦୨୫

# ଓଡ଼ିଶାର ପ୍ରାକୃତିକ ସମ୍ପଦଗୁଡ଼ିକର ସୁପରିଚାଳନା

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାରେ ବ୍ୟାପକ ଘନ ବନାନୀ, ବିଭିନ୍ନ ଜାତିର ବନ୍ୟପ୍ରାଣୀ, ପ୍ରଚୁର ଜଳ ସମ୍ପଦ, ଅସରନ୍ତି ଖଣିଜ ସମ୍ପଦ ଓ ଉର୍ବର ମୃତ୍ତିକା ଓଡ଼ିଶାର ପ୍ରଗତି ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ତେବେ ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ, ଦ୍ରୁତ ଜନସଂଖ୍ୟା ବୃଦ୍ଧି, ସହରୀକରଣ, ଲୋକଙ୍କ ଦାରିଦ୍ର୍ୟ ଏବଂ କେତେକ ମାନବକୃତ କାରଣ ଯୋଗୁଁ ଏହି ପ୍ରାକୃତିକ ସମ୍ପଦଗୁଡ଼ିକର କ୍ରମାଗତ ଅବକ୍ଷୟ ଘଟୁଛି। ସୁତରାଂ, ରାଜ୍ୟର ପାରିବେଶିକ ସ୍ଥିରତା, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ସମତା ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ରାଜ୍ୟରେ ଏକ ଫଳପ୍ରଦ ପ୍ରାକୃତିକ ସମ୍ବଳ ପରିଚାଳନା କାର୍ଯ୍ୟକ୍ରମ ଅପରିହାର୍ଯ୍ୟ।

ଖଣିଜ ସମ୍ପଦ ହିସାବରେ ତାଳଚେରରେ ଗଚ୍ଛିତ



ବିଦ୍ୟାଧର ମହାରଣା

କୋଇଲା; କେନ୍ଦୁଝର ଓ ସୁନ୍ଦରଗଡ଼ରେ ଲୁହାପଥର; କଳାହାଣ୍ଡି, କୋରାପୁଟ ଓ ରାୟଗଡ଼ାରେ ବକ୍ସାଇଟ; ଯାଜପୁର ସୁକିନ୍ଦାରେ କ୍ରୋମାଇଟ; ଗଞ୍ଜାମରେ ଚୂନପଥର; କେନ୍ଦୁଝର, ସୁନ୍ଦରଗଡ଼ ଓ ଯାଜପୁରରେ ମାଙ୍ଗାନିଜ; ରାୟଗଡ଼ାରେ ଗ୍ରାଫାଇଟ ଏବଂ ଗଞ୍ଜାମ ଜିଲ୍ଲାରେ ବିରଳ ଭାରିଧାତୁ ମିଳେ। ଏହିସବୁ ପ୍ରାକୃତିକ ସମ୍ବଳ ରାଜ୍ୟର ରାଜସ୍ୱ ବୃଦ୍ଧି ଓ କର୍ମନିଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ସହାୟକ ହୁଏ। କିନ୍ତୁ ଏଗୁଡ଼ିକର ଅତ୍ୟଧିକ ଉତ୍ତୋଳନ ଯୋଗୁଁ ଏବଂ ପରିବହନ ନିମନ୍ତେ ରାସ୍ତାଘାଟ ନିର୍ମାଣ ଯୋଗୁଁ ପାରିବେଶିକ ଅବକ୍ଷୟ ସହିତ ବହୁ ଆଦିବାସୀ ପରିବାର ବିସ୍ଥାପିତ ହୋଇଥାନ୍ତି। ରାଜ୍ୟର ମୋଟ ଜମିର ଅନ୍ତତଃ ୩୩ ପ୍ରତିଶତ ଜଙ୍ଗଲ ଜୈବ ବିବିଧତା ସଂରକ୍ଷଣ, ଅଙ୍ଗାରକ ପୃଥକୀକରଣ ଓ ଲୋକମାନଙ୍କ ଜୀବିକା ନିର୍ବାହନ ପାଇଁ ସହାୟକ ହୋଇଥାଏ। ମାତ୍ର ଆମ ରାଜ୍ୟରେ ଜଙ୍ଗଲ ପରିମାଣ ମୋଟ ଭୌଗୋଳିକ କ୍ଷେତ୍ରଫଳର ୨୫ ପ୍ରତିଶତ। ଏହି ଜଙ୍ଗଲ ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ଜାଳେଣି କାଠ, କାମି କାଠ, ଖାଦ୍ୟ, ଔଷଧୀୟ ବୃକ୍ଷଲତା, ଅଣକାଠ ଜଙ୍ଗଲଜାତ ଦ୍ରବ୍ୟ ଯୋଗାଇ ଥାଏ। ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଆଦିବାସୀ ସମ୍ପ୍ରଦାୟ ନିଜର ଜୀବିକା ନିର୍ବାହନ ପାଇଁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଜଙ୍ଗଲରେ ଭ୍ରମଣ କରନ୍ତି। ଓଡ଼ିଶାର ୭୦ ପ୍ରତିଶତ ଲୋକ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନିଜର ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ଏଇଥିପାଇଁ କୃଷି ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ। ରାଜ୍ୟର ଦଶ ପ୍ରକାରର କୃଷି ଜଳବାୟୁ ଓ ୮ ପ୍ରକାରର ମୃତ୍ତିକା ବିଭିନ୍ନ ଫସଲ ଚାଷ ଓ ଫଳ ଚାଷ ପାଇଁ ଅପୂର୍ବ ସୁଯୋଗ ସୃଷ୍ଟି କରିଛି। ନଦୀ ନାଳ, ଜଳାଶୟ, ଜଳସେଚନ ପ୍ରକଳ୍ପ, ୪୮୦ କିଲୋମିଟର ସମୁଦ୍ର କୂଳ ରାଜ୍ୟରେ ମାଛଚାଷ ପାଇଁ ବହୁ ସୁଯୋଗ ଦେଇଛି। ବିସ୍ତୃତ ଚାରଣ ଭୂମି ଜଙ୍ଗଲ ରାଜ୍ୟରେ ପ୍ରାଣୀ ପାଳନ ପାଇଁ ସହାୟକ ହୋଇଛି। କିନ୍ତୁ ଏହି ଅମୂଲ୍ୟ ସମ୍ପଦଗୁଡ଼ିକର ଦ୍ରୁତ ଅବକ୍ଷୟ ମୁଣ୍ଡବିନ୍ଧାର କାରଣ ହେଲାଣି।

କୁହାଯାଏ, 'ଓଡ଼ିଶା ଧନୀ, କିନ୍ତୁ ଓଡ଼ିଆ ଗରିବ।' ପ୍ରାକୃତିକ ସମ୍ବଳରେ ଭରପୂର ଥିଲେ ମଧ୍ୟ ଓଡ଼ିଆମାନେ ତାକୁ ପରିଚାଳନା କରିବାରେ ସମର୍ଥ ନୁହନ୍ତି। ଖଣି ଖନନ, ଜଙ୍ଗଲ କଟା ଓ ସହରୀକରଣ ଯୋଗୁଁ ରାଜ୍ୟର ପରିବେଶ ଅବକ୍ଷୟ ହେଉଛି। ପରିଣାମ ସ୍ୱରୂପ, ମୃତ୍ତିକା କ୍ଷୟ, ଜୈବ ବିବିଧତା ହ୍ରାସ ଓ ପାଣି ପବନ ପ୍ରଦୂଷିତ ହେବାରେ ଲାଗିଛି। ରାଜ୍ୟରେ ବାରମ୍ବାର ବନ୍ୟା, ମରୁଡ଼ି ଓ ବାତ୍ୟା ଦେଖାଯିବା ଫଳରେ ବ୍ୟାପକ ଧନ ଜୀବନ ହାନି ହୋଇଥାଏ ଏବଂ କୃଷି ତଥା ଜଳ ସମ୍ପଦ ପ୍ରଭାବିତ ହୁଏ। ଅଧିକ ତାପମାନ ଓ ବୃଷ୍ଟିପାତରେ ଅନିୟମିତତା ଯୋଗୁଁ ଲକ୍ଷ ଲକ୍ଷ ଲୋକଙ୍କର ଜୀବିକା ନିର୍ବାହନ ଓ ଖାଦ୍ୟ ନିରାପତ୍ତା ବିପନ୍ନ ହୋଇଥାଏ। ପ୍ରାକୃତିକ ସମ୍ବଳ ପାଇଁ ଜନସାଧାରଣ ଓ ଶିଳ୍ପ ମଧ୍ୟରେ ଟଣାଓଟରା ଲାଗି ରହେ। ଖଣିଜ ପ୍ରକଳ୍ପ ଓ ଭିତ୍ତିଭୂମି ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ଏବଂ ସାମାଜିକ ଅସ୍ଥିରତା ବିଶେଷ ଭାବରେ ଆଦିବାସୀ ଅଞ୍ଚଳରେ ପରିଲକ୍ଷିତ ହୁଏ। ସହରୀକରଣ ଓ ଶିଳ୍ପାୟନ ଯୋଗୁଁ କୃଷି ପାଇଁ ଉଦ୍ଦିଷ୍ଟ ସେଚ ଜଳ ହ୍ରାସ ପାଇବାରେ ଲାଗିଛି। ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) ଓ ଓଡ଼ିଶା ଖଣି ଅଞ୍ଚଳ ବିକାଶ ନିଗମ (ଓମବାଡସି) ଖଣି ପ୍ରଭାବିତ ଅଞ୍ଚଳର ସାମାଜିକ- ଅର୍ଥନୈତିକ ବିକାଶ ଓ ସ୍ଥାନୀୟ ଅଧିବାସୀଙ୍କ ବିକାଶ ପାଇଁ ଅଭିପ୍ରେତ। ଖଣିଜ ପଦାର୍ଥ ଉତ୍ତୋଳନ ପରେ ଏହାର ୩୦ ପ୍ରତିଶତ ରୟାଲ୍‌ଟି ଅସୁଲ କରି ଏହି ପାଣ୍ଠି ଗଠନ କରାଯାଏ। ସ୍ଥାନୀୟ ଜନସାଧାରଣଙ୍କ ସ୍ୱାସ୍ଥ୍ୟ , ଶିକ୍ଷା ଏବଂ ଭିତ୍ତିଭୂମି ବିକାଶ ପାଇଁ ଏହି ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଏ। ଲୋକଙ୍କ ସହ ପରାମର୍ଶ କରି ଜିଲ୍ଲାପାଳ ବିଭିନ୍ନ ପ୍ରକଳ୍ପ ଅନୁମୋଦନ କରି ସମ୍ପୃକ୍ତ ବିଭାଗ ଦ୍ୱାରା ଏହା କାର୍ଯ୍ୟକାରୀ କରନ୍ତି। ଓମବାଡସି ପ୍ରକଳ୍ପଗୁଡ଼ିକ ଖଣିଜ ପଦାର୍ଥରେ ଭରପୂର ଜିଲ୍ଲାର ସାମାଜିକ, ଅର୍ଥନୈତିକ ଓ ପାରିବେଶିକ ବିକାଶ ପାଇଁ ବିଭିନ୍ନ ବିକାଶ ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ସ୍ଥାନୀୟ ଲୋକଙ୍କ ଦକ୍ଷତା ବିକାଶ କରିଥାଏ। ଏହା ଫଳରେ ଲୋକଙ୍କର ଜୀବିକା ନିର୍ବାହନ ଉନ୍ନତ ହୋଇଥାଏ। ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଜନସାଧାରଣ, ସରକାର ଓ ବେସରକାରୀ ସଂସ୍ଥାମାନଙ୍କ ସହଭାଗିତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ସମ୍ବଳ ପରିଚାଳନା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ପ୍ରଣୟନ କରିଥିଲେ ମଧ୍ୟ ଅଂଶୀଦାରଙ୍କ ସହଯୋଗ ଅଭାବ ଓ ପାଣ୍ଠିର ଅଭାବ ଯୋଗୁଁ ଏହା ଫଳପ୍ରଦ ହୋଇନାହିଁ।

ଓଡ଼ିଶାରେ ନିଟ୍ ଚାଷ ଜମି ପ୍ରାୟ ୫୭ ଲକ୍ଷ ହେକ୍ଟର, ଯାହାକି ରାଜ୍ୟର ଭୌଗୋଳିକ କ୍ଷେତ୍ରଫଳର ପ୍ରାୟ ଏକ-ତୃତୀୟାଂଶ। ଏହି ଚାଷ ଜମିର ପ୍ରାୟ ୭୦ ପ୍ରତିଶତ ଅମ୍ଳ ମାଟି ହୋଇଥିବାରୁ ଏଥିରେ ମୃତ୍ତିକାର ପୋଷାକ ଉପଲବ୍ଧି ବାଧା ପାଏ। ଏପରି ମାଟିକୁ ଚୂନ ପ୍ରୟୋଗ କରି ସଂଶୋଧନ କରିବା ଆବଶ୍ୟକ। ଅତୀତରେ କାଗଜ କଳ ମଇଳା ବ୍ୟବହାର କରି ଅମ୍ଳ ମାଟି ସଂଶୋଧନ କରିବା ପାଇଁ ପ୍ରୟାସ ହୋଇଥିଲେ ମଧ୍ୟ କେତେକ ଦୁର୍ନୀତି ଯୋଗୁଁ ଏହା ସଫଳ ହୋଇ ନଥିଲା। ରାଜ୍ୟରେ ପ୍ରାୟ ୩ ଲକ୍ଷ ହେକ୍ଟର ଜମି ଲୁଣି ମାଟି ହୋଇଥିବାରୁ ଏଥିରେ ଭଲ ଫସଲ ଅମଳ ହୋଇପାରେ ନାହିଁ। ଏହି ମାଟିକୁ ହୁଏତ ଜିପ୍‌ସମ୍ ପ୍ରୟୋଗ କରି ସଂଶୋଧନ କରାଯାଇ ପାରେ କିମ୍ବା ଏଥିରେ କେତେକ ଚାଷ କୌଶଳ ପରିବର୍ତ୍ତନ କରି ଲୁଣି ସହଣୀ ଫସଲ ଚାଷ କରାଯାଇପାରେ।

ପ୍ରାକୃତିକ ସମ୍ପଦଗୁଡ଼ିକର ସୁପରିଚାଳନା ପାଇଁ ବୈଜ୍ଞାନିକମାନେ ନିକଟରେ କେତେକ ଅତ୍ୟାଧୁନିକ ଜ୍ଞାନକୌଶଳ ବାହାର କରିଛନ୍ତି। ଭୂ-ବିନିଯୋଗ, ଫସଲ ଚାଷ, ଜଙ୍ଗଲ ଓ ସମ୍ବଳଗୁଡ଼ିକର ବଣ୍ଟନ ସମ୍ବନ୍ଧୀୟ ତଥ୍ୟଗୁଡ଼ିକର ସ୍ୟାଟେଲାଇଟ ପ୍ରତିଫଳନ ରିମୋଟ୍ ସେନ୍‌ସିଂ ମାଧ୍ୟମରେ ମିଳି ପାରୁଛି। ଏହି ତଥ୍ୟଗୁଡ଼ିକୁ ଭୌଗୋଳିକ ସୂଚନା ପ୍ରଣାଳୀ (ଜିଆଇଏସ) ଦ୍ୱାରା ପରୀକ୍ଷା କରାଯାଇ ସମ୍ବଳଗୁଡ଼ିକର ସୁପରିଚାଳନା ନିମନ୍ତେ ସଠିକ୍ ରଣନୀତି ବାହାର କରାଯାଏ। ଡାଟା ଆନାଲିଟିକ୍ସ ଓ ବୃହତ୍ ଡାଟା ଦ୍ୱାରା ସ୍ୟାଟେଲାଇଟ ପ୍ରତିଫଳନ, ସେନ୍ସର ବ୍ୟବହାର, ସାମାଜିକ ଗଣମାଧ୍ୟମ ଦ୍ୱାରା ସଂଗ୍ରହ କରାଯାଇଥିବା ତଥ୍ୟଗୁଡ଼ିକୁ ଅନୁଶୀଳନ କରି ଭବିଷ୍ୟତ ରଣନୀତି ସ୍ଥିର କରାଯାଇପାରେ। ସମନ୍ୱିତ ଜଳ ପରିଚାଳନା ଏକ ସାମୂହିକ ତଥା ଏକୀଭୂତ ମାର୍ଗ। ଏଥିରେ ନଦୀ ସଂଯୋଗୀକରଣ , ଭୂ-ବିନିଯୋଗ, ପରିସଂସ୍ଥା ସ୍ୱାସ୍ଥ୍ୟରକ୍ଷା ପାଇଁ ସରକାରୀ ଓ ବିଭିନ୍ନ ଅଂଶୀଦାରଙ୍କ ସହଭାଗିତା ଅନ୍ତର୍ଗତ। ଏକ ପରିସଂସ୍ଥା ଆଧାରିତ ପରିଚାଳନା କୌଶଳ ହିସାବରେ ଗୋଟିଏ ପ୍ରଜାତି ବା ଗୋଟିଏ ଅଞ୍ଚଳ ପରିବର୍ତ୍ତେ ଏକ ପରିସଂସ୍ଥାର ସଜୀବ ଓ ନିର୍ଜୀବ ଉପାଦାନଗୁଡ଼ିକର ସାମୂହିକ ପରିଚାଳନା କରି ପରିସଂସ୍ଥା ସେବା ଓ ଜୈବ ବିବିଧତା ସଂରକ୍ଷଣ କରାଯାଏ। ଗୋଷ୍ଠୀ ଆଧାରିତ ପ୍ରାକୃତିକ ସମ୍ବଳ ପରିଚାଳନାରେ ଦେଶୀୟ ଜ୍ଞାନକୌଶଳ ଦେଶୀୟ ବିହନ ପ୍ରଜାତି ଇତ୍ୟାଦି ବ୍ୟବହାର କରାଯାଏ। ପରିଶୁଦ୍ଧ କୃଷି (ପ୍ରେସିସନ ଏଗ୍ରିକଲଚର) ପଦ୍ଧତି ଦ୍ୱାରା ସେନ୍ସର, ଡ୍ରୋନ କ୍ୟାମେରା, କମ୍ପ୍ୟୁଟର ଇତ୍ୟାଦି ବ୍ୟବହାର କରି ସଠିକ୍ ସାର ଓ ଜଳସେଚନ ପ୍ରୟୋଗ କରାଯାଏ। ଆକ୍ୱାପନିକ ଓ ହାଇଡ୍ରୋପନିକ ପ୍ରଣାଳୀରେ ସୀମିତ ମାଟି ଓ ସୀମିତ ଜଳରେ ବିଭିନ୍ନ ଚାଷ ହୋଇ ପାରୁଛି। ଜୀବାଶ୍ମ ଇନ୍ଧନ ଶକ୍ତି ବ୍ୟବହାର ପରିବର୍ତ୍ତେ ସୌର ଓ ପବନ ଶକ୍ତି ଚାଳିତ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଦ୍ୱାରା ବହୁ ଅମୂଲ୍ୟ ପ୍ରାକୃତିକ ସମ୍ବଳ ସୁରକ୍ଷିତ ରହେ। ଜଳବାୟୁ ତତ୍ପର କୃଷି ପଦ୍ଧତିରେ ସାଧାରଣତଃ ପାଣିପାଗ ସ୍ମାର୍ଟ, ଜଳ ସ୍ମାର୍ଟ, ବିହନ ସ୍ମାର୍ଟ, ଶକ୍ତି ସ୍ମାର୍ଟ, ପୋଷକ ସ୍ମାର୍ଟ, ଅଙ୍ଗାର ସ୍ମାର୍ଟ ଓ ଜ୍ଞାନ ସ୍ମାର୍ଟ କୌଶଳ ବ୍ୟବହାର କରାଯାଏ, ଯାହାଦ୍ୱାରା ଜଳବାୟୁ ପରିବର୍ତ୍ତନର ମୁକାବିଲା ସମ୍ଭବ। ଏହିସବୁ ଆଧୁନିକ କୌଶଳ ବ୍ୟତୀତ ବ୍ଲକ୍, ମୋବାଇଲ ଆପ୍, କୃତ୍ରିମ ପ୍ରଜ୍ଞା ବ୍ୟବହାର କରାଯାଇପାରେ। ଚକ୍ରିକ ଅର୍ଥନୀତି (ସର୍କୁଲାର ଇକୋନୋମି)ରେ ସମ୍ବଳଗୁଡ଼ିକର ପୁନଃବିନିଯୋଗ, ଅପଚୟ ହ୍ରାସ ଏବଂ ପୁନରୁତ୍ଥାନ କରାଯାଇପାରେ। ଏହିସବୁ ଆଧୁନିକ କୌଶଳ ପ୍ରୟୋଗ ଦ୍ୱାରା ପ୍ରାକୃତିକ ସମ୍ପଦଗୁଡ଼ିକର ପରିଚାଳନା ଅଧିକ ଦୃଢ଼ ଓ ଫଳପ୍ରଦ ହେବ।



ଆମ ରାଜ୍ୟରେ ବହୁ ପ୍ରକାରର ଆହ୍ୱାନ ଥିଲେ ମଧ୍ୟ ପ୍ରାକୃତିକ ସମ୍ବଳ ପରିଚାଳନା ସହିତ ବିକାଶକୁ ଯୋଡ଼ି ରାଜ୍ୟର ସଂବହନୀୟ ପ୍ରଗତି ପାଇଁ ଅପୂର୍ବ ସୁଯୋଗ ରହିଛି। ପ୍ରଥମରେ, ବିଭିନ୍ନ ପ୍ରାକୃତିକ ସମ୍ବଳଗୁଡ଼ିକର ଏକୀକୃତ ବିକାଶ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ। କୃଷି ବନୀକରଣ, ପୋଷଣୀୟ କୃଷି ପଦ୍ଧତି ଓ ଗୋଷ୍ଠୀଭିତ୍ତିକ ଜଙ୍ଗଲ ପରିଚାଳନା ଦ୍ୱାରା ଏହି ସମ୍ବଳଗୁଡ଼ିକର ଉତ୍ପାଦକତା ବୃଦ୍ଧି ସହିତ ଏଗୁଡ଼ିକର ବିନିଯୋଗ ଉପରେ ଚାପ କ୍ରମଶଃ ହ୍ରାସ ପାଇବ। ଦ୍ୱିତୀୟରେ, ଜଙ୍ଗଲ ମଧ୍ୟରେ ବାସ କରୁଥିବା ଆଦିମ ଆଦିବାସୀ ସମ୍ପ୍ରଦାୟଗୁଡ଼ିକର ସହଭାଗିତା ଓ ନିଷ୍ପତ୍ତି ନେବାର ସ୍ୱାଧୀନତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥାନୀୟ ଲୋକମାନଙ୍କର ଦକ୍ଷତା ବିକାଶ ସହିତ ସେମାନଙ୍କୁ କ୍ଷମତାପନ୍ନ କରି ପାରିଲେ ପ୍ରାକୃତିକ ସମ୍ବଳଗୁଡ଼ିକର ସୁରକ୍ଷା ହୋଇ ପାରିବ। ତୃତୀୟରେ, ଖଣି, ଜଙ୍ଗଲ ଓ ଭୂମି ପରିଚାଳନା ପାଇଁ ସରକାରୀ ନୀତି ଓ ନିୟନ୍ତ୍ରଣଗୁଡ଼ିକର ଦୃଢ଼ୀକରଣ ସହିତ ଏଥିରେ ଆବଶ୍ୟକ ପରିବର୍ତ୍ତନ କରାଯିବା ଆବଶ୍ୟକ। ଚତୁର୍ଥରେ, ଉନ୍ନୟନ ପ୍ରକଳ୍ପଗୁଡ଼ିକ ସହିତ ଅର୍ଥନୈତିକ ବିକାଶ ଧାରାକୁ ସମତାଳ କରିବା ଉଦ୍ଦେଶ୍ୟରେ ପ୍ରାକୃତିକ ସମ୍ବଳଗୁଡ଼ିକର ଅଟକଳ, ତଦାରଖ ଓ ପରିଚାଳନା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଗଲେ ବହୁ ଉପକାର ମିଳିବ। ଶେଷରେ, ପ୍ରାକୃତିକ ସମ୍ବଳ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ ଓ ଶିକ୍ଷିତ କରାଗଲେ ଶିଳ୍ପ, କୃଷି ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ କୌଣସି ପ୍ରତିଯୋଗିତା ବିନା ସହଯୋଗ ରହିବ। ଓଡ଼ିଶାର ପ୍ରାକୃତିକ ଉତ୍ସ ପରିଚାଳନା ବର୍ତ୍ତମାନର ସାମାଜିକ- ଅର୍ଥନୈତିକ ଓ ପାରିବେଶିକ ଭୂଖଣ୍ଡ ସହିତ ଥିବା ଜଟିଳତାକୁ ସମାଧାନ କରିବା ଉଚିତ। ଏକ ଏକୀଭୂତ, ଗୋଷ୍ଠୀକୈନ୍ଦ୍ରିକ ଓ ଧାରଣକ୍ଷମ ମାର୍ଗ ଅନୁସରଣ କରି ପାରିଲେ ଓଡ଼ିଶାର ପ୍ରାକୃତିକ ସମ୍ବଳଗୁଡ଼ିକର ସୁରକ୍ଷା ହେବା ସହିତ ଲୋକଙ୍କର ଜୀବିକା ନିର୍ବାହନ ମାର୍ଗର ସ୍ଥାୟୀ ବିକାଶ ହୋଇ ପାରିବ। ଏହାଦ୍ୱାରା ସାମ୍ପ୍ରତିକ ପିଢ଼ିର ଆବଶ୍ୟକତା ପୂରଣ ହେବା ସହିତ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣ ନିମନ୍ତେ ପ୍ରାକୃତିକ ସମ୍ବଳ ଓ ପରିବେଶ ସୁରକ୍ଷିତ ହୋଇ ରହିବ। ■

**ବିଦ୍ୟାଧର ମହାରଣା**
**କଳିଙ୍ଗ ନଗର-୭, ଘାଟିକିଆ**
**ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦**

# କାର୍ଣ୍ଣିଙ୍କ କାନାଡା ଓ ଭାରତ

ଚଳିତ ସପ୍ତାହରେ ଆନୁଷ୍ଠାନିକ ଭାବରେ ଜଷ୍ଟିନ୍ ଟ୍ରୁଡ୍ୟୁ ଶାସନ କ୍ଷମତାରୁ ଅପସରି ଯିବା ପରେ କାନାଡାର ନୂଆ ପ୍ରଧାନମନ୍ତ୍ରୀ ଭାବରେ ଗାଦିରେ ଉପବେଶନ କରିବାକୁ ଯାଉଛନ୍ତି ଶାସକ ଦଳ ଲିବେରାଲ ପାର୍ଟିର ନବନିର୍ବାଚିତ ନେତା ମାର୍କ୍ କାର୍ଣ୍ଣି। ଏହା ପରେ ମାର୍ଚ୍ଚ ୨୪ ତାରିଖରେ ସଂସଦର ଅଧିବେଶନ ପୁନର୍ବାର ବସିବ ଏବଂ ସେଠାରେ ତାଙ୍କୁ ସାମ୍ନା କରିବାକୁ ପଡ଼ିବ ଏକ ବିଶ୍ୱାସ ମତର। ସୂଚନାଯୋଗ୍ୟ ଯେ ଅକ୍ଟୋବର ୨୦୨୫ରେ ହେବ କାନାଡାର ଫେଡେରାଲ ନିର୍ବାଚନଗୁଡ଼ିକ, କିନ୍ତୁ ପର୍ଯ୍ୟବେକ୍ଷକମାନଙ୍କ ମତରେ ଶ୍ରୀଯୁକ୍ତ କାର୍ଣ୍ଣି ହୁଏତ ତା' ପୂର୍ବରୁ ସ୍ନାପ୍ ନିର୍ବାଚନଗୁଡ଼ିକ ଅନୁଷ୍ଠିତ କରାଇ ପାରନ୍ତି। ସେମାନେ ଏହା ମଧ୍ୟ ଆଶା କରନ୍ତି ଯେ ଶ୍ରୀଯୁକ୍ତ କାର୍ଣ୍ଣି ଜଣେ ଦକ୍ଷ ପ୍ରଶାସକ ଭାବରେ ନିଜକୁ ପ୍ରତିପାଦିତ କରି ପାରିବେ, କାରଣ ସେ ଜଣେ ଅର୍ଥନୀତିଜ୍ଞ ହେବା ସହିତ କାନାଡାର କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ଣ୍ଣର ଭାବରେ କାର୍ଯ୍ୟ କରିଥିବାରୁ ତାଙ୍କ ନିକଟରେ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାର ଢେର୍ ଅଭିଜ୍ଞତା ରହିଛି। ସେ ଏମିତି ଏକ ବିପର୍ଯ୍ୟୟମୂଳକ ସମୟରେ ଦେଶର ଶାସନ ଭାର ସମ୍ଭାଳିବାକୁ ଯାଉଛନ୍ତି, ଯେତେବେଳେ କି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଲାଗୁ କରିବାର ଘୋଷଣା ସମଗ୍ର ବିଶ୍ୱକୁ ଏକ ପରୀକ୍ଷା ମଧ୍ୟରେ ପକାଇବାକୁ ଯାଉଛି, ବିଶେଷକରି କାନାଡା ଏବଂ ମେକ୍ସିକୋକୁ ଯେଉଁମାନଙ୍କ ବିରୋଧରେ ଆମେରିକାକୁ ଆମଦାନୀ କ୍ଷେତ୍ରରେ ଏବେ ବି ଟାରିଫ୍ ଲାଗୁ କରାଯାଉଛି। ଶ୍ରୀଯୁକ୍ତ ଟ୍ରମ୍ପ୍ ଅନୁଚିତ ଶୁଳ୍କ ଲାଗୁ କରିବା ସହିତ ନିଶାଦ୍ରବ୍ୟ ଏବଂ ସୀମାରେ ପ୍ରବାସୀମାନଙ୍କୁ ପ୍ରେରଣ କରୁଥିବା ଅଭିଯୋଗ ଉଠାଇ ଜଷ୍ଟିନ୍ ଟ୍ରୁଡ୍ୟୁଙ୍କୁ ନିରନ୍ତର ଭାବରେ ଲକ୍ଷ୍ୟଭୁକ୍ତ କରି ସମାଲୋଚନା କରି ଆସୁଥିଲେ ଏବଂ କହି ଆସୁଥିଲେ ଯେ ଆମେରିକାର ୫୧ତମ ରାଜ୍ୟ ଭାବରେ ଏହା ଆହୁରି ଭଲ ରାଜ୍ୟଟିଏ ହୋଇ ପାରିଥାନ୍ତା। ଏବେ ଦେଖିବାର ବିଷୟ, ଶ୍ରୀଯୁକ୍ତ କାର୍ଣ୍ଣିଙ୍କୁ ସେ କେତେଦୂର ସହ୍ୟ କରି ପାରୁଛନ୍ତି।

ଲିବେରାଲ ପାର୍ଟି ଦ୍ୱାରା ଶ୍ରୀଯୁକ୍ତ କାର୍ଣ୍ଣିଙ୍କର ପ୍ରଧାନମନ୍ତ୍ରୀ ଭାବରେ ନିଯୁକ୍ତ ହେବାକୁ ଯେଉଁ ଦେଶରେ ବିପୁଳ ପରିମାଣରେ ସ୍ୱାଗତ କରାଯିବ, ତାହା ହେଉଛି ଭାରତ, ଯାହା ସହିତ ପୂର୍ବର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ପୁଣିଥରେ ଫେରାଇ ଆଣିବାର ଉଦ୍ୟମ କରାଯାଉଛି। ବେଶ୍ କେତେ ଶତାବ୍ଦୀ ଧରି କାନାଡାର ଭାରତ ସହିତ ସୁସମ୍ପର୍କ ରହି ଆସିଥିବା ବେଳେ ଜଷ୍ଟିନ୍ ଟ୍ରୁଡ୍ୟୁଙ୍କ ଶାସନ ସମୟରେ ଏହା ସର୍ବନିମ୍ନ ସ୍ତରରେ ପହଞ୍ଚି ଥିଲା, ଯେହେତୁ ସେ ସଂସଦରେ ଭାରତ ବିରୁଦ୍ଧରେ ଅଭିଯୋଗ ଉଠାଇ ଥିଲେ କି ଭାରତ କାନାଡା ମାଟିରେ ବାସ କରୁଥିବା ଖଲିସ୍ତାନ ସମର୍ଥକମାନଙ୍କ ଉପରେ ଆକ୍ରମଣ କରୁଛି। କ୍ଷମତାରେ ତିଷ୍ଠି ରହିବା ପାଇଁ ଏକ ମେଣ୍ଟ ସରକାରର ମୁଖ୍ୟ ଭାବରେ ଶ୍ରୀଯୁକ୍ତ ଟ୍ରୁଡ୍ୟୁ ଉଗ୍ରବାଦୀ ରାଜନୀତିକ ଶକ୍ତିମାନଙ୍କୁ ପ୍ରୋତ୍ସାହିତ କରି ଚାଲିଥିଲେ ଯାହା ତାଙ୍କ ପାଇଁ ଆତ୍ମଘାତୀ ସାବ୍ୟସ୍ତ ହୋଇଥିଲା, ଯାହାର ପରିଣତିରେ ତାଙ୍କ ଉପରୁ ଲିବେରାଲ ପାର୍ଟି ଆସ୍ଥା ହରାଇ ତାଙ୍କୁ ଶାସନ କ୍ଷମତାରୁ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଥିଲା। ସ୍ମରଣଯୋଗ୍ୟ ଯେ ତାଙ୍କ ପିତା ପିୟର ଏହି ଦଳର ନେତୃତ୍ୱ ସମ୍ମାନର ସହିତ ଦଶନ୍ଧି ଦଶନ୍ଧି ଧରି ନେଇଥିବା ବେଳେ ଶ୍ରୀଯୁକ୍ତ ଜଷ୍ଟିନ୍ ଏହାର ମର୍ଯ୍ୟାଦାକୁ ଭୂଲୁଣ୍ଠିତ କରିବାର କୌଣସି ଅବସରକୁ ହାତଛଡ଼ା କରି ନଥିଲେ। ଭାରତ ଉପରେ ସେ ଯେଉଁ ଖଲିସ୍ତାନୀ ନେତାଙ୍କୁ ହତ୍ୟା କରିବାର ଅଭିଯୋଗ ଉଠାଇ ଥିଲେ, ତାହା କେବେ ବି ସେଭଳି ବଳିଷ୍ଠ ପ୍ରମାଣ ଦ୍ୱାରା ସମର୍ଥିତ ହୋଇପାରି ନଥିଲା, ଯାହା ନ୍ୟାୟାଳୟରେ ଭାରତକୁ ଦୋଷୀ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ହୋଇଥାନ୍ତା। ପୁନଶ୍ଚ, ଆମେରିକାରେ ଶାସନ କ୍ଷେତ୍ରରେ ଜୋ ବାଇଡେନ୍‌ଙ୍କ ପତନ ତାଙ୍କର ଏହି ସୀମାପାର ହତ୍ୟା ଅଭିଯୋଗରେ ଭାରତ ଜଡ଼ିତ ରହିବାର ଅଭିଯୋଗକୁ ଅମୂଳକ ସାବ୍ୟସ୍ତ କରିବା ପଥରେ ଅଗ୍ରସର କରାଇବା ଏକ ପ୍ରକାର ନିଶ୍ଚିତ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ।

କାନାଡାର ନୂତନ ପ୍ରଧାନମନ୍ତ୍ରୀ ଅର୍ଥନୀତି ଏବଂ ଅତ୍ୟନ୍ତ ଉଚ୍ଚ ସ୍ତରର ଆର୍ଥିକ କାରବାରରେ ଗଭୀର ଜ୍ଞାନ ଦ୍ୱାରା ସୁସଜ୍ଜିତ ହୋଇ କ୍ଷମତାସୀନ ହେବାକୁ ଯାଉଛନ୍ତି, କାରଣ ତାଙ୍କ ନିକଟରେ କେବଳ କାନାଡାର ଫେଡେରାଲ ବ୍ୟାଙ୍କର ନେତୃତ୍ୱ ନେବାର ଅଭିଜ୍ଞତା ନାହିଁ, ତା' ସହିତ ରହିଛି ମଧ୍ୟ ବ୍ୟାଙ୍କ୍ ଅଫ୍ ଇଂଲଣ୍ଡର ନେତୃତ୍ୱ ନେବାର। ଏଭଳି ଜ୍ଞାନର ଗନ୍ତାଘର ହୋଇଥିବାରୁ ବିଶ୍ୱର ସର୍ବବୃହତ୍ ଅର୍ଥନୀତିକୁ ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକ ଉପରେ ଡୋନାଲ୍ଡ ଟ୍ରମ୍ପ୍ ଟାରିଫ୍ ଲାଗୁ କରି ଯେଉଁ ଅଘୋଷିତ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବାକୁ ଯାଉଛନ୍ତି, ଯାହା ବୈଶ୍ୱିକ ବାଣିଜ୍ୟ କାରବାରକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେବାର ସମ୍ଭାବନା ବହନ କରୁଛି, ସେଭଳି କ୍ଷେତ୍ରରେ ସେ ଜଣେ ସର୍ବାଧିକ ଉପଯୋଗୀ ବ୍ୟକ୍ତିତ୍ୱ ସାବ୍ୟସ୍ତ ହେବାକୁ ଯାଉଛନ୍ତି। ଅପର ପକ୍ଷରେ, ଏହା ଉଲ୍ଲେଖନୀୟ ଯେ ଶ୍ରୀଯୁକ୍ତ କାର୍ଣ୍ଣିଙ୍କ କ୍ଷମତାକୁ ଆଗମନରେ ଉତ୍ସାହିତ ହୋଇ ଭାରତ ଓଟାୱାରେ ଏକ ହାଇକମିଶନରଙ୍କ ଅବସ୍ଥାପନର ପୁନରୁଦ୍ଧାର କରିବାକୁ ବିଚାର କରୁଛି, ଯେତେବେଳେ କି କାନାଡା ଦିଲ୍ଲୀଠାରେ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଏହାର ଗୁଇନ୍ଦା ବିଭାଗ ମୁଖ୍ୟଙ୍କୁ ପଠାଇବାକୁ ଯାଉଛି। ଶ୍ରୀଯୁକ୍ତ କାର୍ଣ୍ଣି ଏବଂ ଶ୍ରୀଯୁକ୍ତ ପଲିଭର ଏକଥା ସ୍ପଷ୍ଟ କରି ଦେଇଛନ୍ତି ଯେ ସେମାନେ ଭାରତ ସହିତ ସମ୍ପର୍କରେ ସୁଧାର ଆଣିବା ପାଇଁ ପୁନର୍ବାର କାମ ଆରମ୍ଭ କରିବାକୁ ଯାଉଛନ୍ତି ଏବଂ ଏଥିପାଇଁ ସୁଯୋଗ ମଧ୍ୟ ରହିବ, ବିଶେଷକରି ଶିକ୍ଷା, ପୁଞ୍ଜିନିବେଶ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ। ତେବେ ଶ୍ରୀଯୁକ୍ତ କାର୍ଣ୍ଣିଙ୍କର ପ୍ରଥମ କାମ ହେବ ଆଗାମୀ ଫେଡେରାଲ ନିର୍ବାଚନଗୁଡ଼ିକରେ କଞ୍ଜରଭେଟିଭ୍ ପାର୍ଟି ବିପକ୍ଷରେ ନିଜ ଦେଶର ଲୋକମାନଙ୍କ ମାନ୍ୟତାରେ ନିଜ ସହିତ ନିଜ ଦଳକୁ ଉପରକୁ ଉଠାଇବା, ଯାହା ଶିଖ୍‌ମାନଙ୍କ ସହିତ ଶ୍ରୀଯୁକ୍ତ ଟ୍ରୁଡ୍ୟୁଙ୍କର ମଧୁଚନ୍ଦ୍ରିକା ତଥା କାନାଡା ଅଧିବାସୀମାନଙ୍କ ଜୀବନଧାରଣର ମାନ ସୂଚକାଙ୍କରେ ମୂଲ୍ୟବୃଦ୍ଧିଜନିତ ପ୍ରଭାବ ଯୋଗୁଁ ଜନପ୍ରିୟତା ଅର୍ଜନ କରିବାରେ ସକ୍ଷମ ହୋଇଛି। ■

# ଦୋଳଗୋବିନ୍ଦଙ୍କ ଦୋଳ ଯାତରା

ଆମ ସମାଜରେ ପାଳିତ ହେଉଥିବା ବିବିଧ ପର୍ବପର୍ବାଣି ପଛରେ ଭରି ରହିଛି ଅମଳିନ ଧାର୍ମିକ ଚେତନା ଓ ସାମାଜିକ ମୂଲ୍ୟବୋଧର ମଧୁର ପ୍ରତିଚ୍ଛବି, ଯାହା ଜୀବନକୁ କରେ ସୁନ୍ଦର, ସମୃଦ୍ଧ ଓ ଶୃଙ୍ଖଳିତ। ଏହି ପ୍ରସଙ୍ଗରେ ଦୋଳ ପୂର୍ଣ୍ଣିମାର ପରିଚୟ ବେଶ୍ ଗୌରବୋଜ୍ଜ୍ୱଳ ଓ ଭାବପୂର୍ଣ୍ଣ। ଧରା ବକ୍ଷରେ ଶୋଭାର ଶତ ସମ୍ଭାର ବାଢ଼ିଦେଇ, କୋଇଲି କଣ୍ଠରେ କୁହୁକ ଲଗାଇ, ଆମ୍ର ମୁକୁଳରେ ପୁଲକ ଜଗାଇ ମଳୟ ଦୋଳିରେ ଝୁଲି ଝୁଲି ଆସେ ଫଗୁବୋଳା ଫଗୁଣ। ସମସ୍ତଙ୍କ ତନୁ ମନରେ ଫଗୁଣର ପ୍ରୀତି ଫଗୁ ଯେବେ ନବ ଉତ୍ସାହ ଓ ଉନ୍ମାଦନା ଭରିଦିଏ, ସେହି ନୈସର୍ଗିକ ମଧୁ ମୁହୂର୍ତ୍ତରେ ପ୍ରଭୁ ଦୋଳଗୋବିନ୍ଦ ବିମାନରେ ଦୋହଲି ଦୋହଲି ପ୍ରତିଟି ଦୁଆରକୁ ଓହ୍ଲାଇ ଆସନ୍ତି ଦୋଳ ଯାତରା କରିବାକୁ।

ସାଧାରଣତଃ ଦୋଳ ଯାତ୍ରାର ଆରମ୍ଭ ହୁଏ ଫାଲ୍‌ଗୁନ ଶୁକ୍ଳ ଦଶମୀ ତିଥିଠାରୁ ଓ ପରିସମାପ୍ତି ହୁଏ ଦୋଳ ପୂର୍ଣ୍ଣିମାରେ। ବୈଷ୍ଣବ ଧର୍ମାବଲମ୍ବୀଙ୍କ ମତାନୁସାରେ, ବୃନ୍ଦାବନସ୍ଥ ଗୋପୀକୁଳ ସେମାନଙ୍କର ପରମ ଆରାଧ୍ୟ ଶ୍ରୀକୃଷ୍ଣ ଓ ଆହ୍ଲାଦିନୀ ରାଧାରାଣୀଙ୍କୁ ଫଗୁ ଖେଳର ତାଳେ ତାଳେ ଫୁଲହାର ମଣ୍ଡନପୂର୍ବକ ଦୋଳିରେ ଝୁଲାଇ ଅକଳନ ଆନନ୍ଦ ସାଗରରେ



ସାରଦା ପ୍ରସାଦ କର

ବୁଡ଼ି ଯାଉଥିଲେ। ସେହି ବିମଳ ଭକ୍ତିକ ପରମ୍ପରାର ସଜଳ ପ୍ରମାଣ ହିଁ ଦୋଳ ପୂର୍ଣ୍ଣିମା। ଏହି ପର୍ବରେ ପ୍ରତିଟି ଗାଁ ଦାଣ୍ଡ ହୁଏ ଚଳଚଞ୍ଚଳ। ଖୋଳ ସଂକୀର୍ତ୍ତନ, ଢୋଲ ମହୁରୀର ତାନ ସାଙ୍ଗକୁ ଗୁମ୍ ଗୁମ୍ ଘଣ୍ଟ ଧ୍ୱନିରେ ଫାଟିପଡ଼େ ଗାଁର ସରଳ ପରିବେଶ। ଭକ୍ତି ଓ ଭାବର ବିଭବରେ ବିଭୋର ହୋଇ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଆପଣାର ଗମ୍ଭୀରାକୁ ତ୍ୟାଗ କରି ସୁସଜ୍ଜିତ ବିମାନରେ ବସି ଆରମ୍ଭ କରନ୍ତି ଗାଁ ପରିକ୍ରମାର ମଧୁର ମହୋତ୍ସବ। ଆକର୍ଷଣୀୟ ବିମାନକୁ ଜରି ଜମ୍ବୁରାର ହାର, କଷି ଆମ୍ବ ପେନ୍ଥାକୁ ମଲ୍ଲୀ ମାଳତୀର ମାଳ, ଅବିର ସିଞ୍ଚନକୁ ଉଦଣ୍ଡ କୀର୍ତ୍ତନ ସବୁରି ମନରେ ଭରିଦିଏ ଅଜସ୍ର ଉତ୍ସାହ ଓ ଆନନ୍ଦର ଅମରାବତୀ।

ଦୋଳ ପୂର୍ଣ୍ଣିମା ଅବସରରେ ପ୍ରାୟତଃ ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯାଏ, ଯାହାର ନାମ 'ଦ୍ୱାରି' ଭୋଗ। ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ଯେପରି ମହାପ୍ରଭୁ ଜଗନ୍ନାଥ ଭକ୍ତମାନଙ୍କ ପାଇଁ ରତ୍ନ ସିଂହାସନକୁ ଛାଡ଼ି ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡ ଉପରକୁ, ଠିକ୍ ସେହିପରି ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ଭାବରେ ତଲ୍ଲୀନ ହୋଇ ପ୍ରତିଟି ଭକ୍ତ ଦୁଆରରେ ପାଦ ଦିଅନ୍ତି। ଏହା ପ୍ରମାଣ କରେ ଯେ ଯୁଗେ ଯୁଗେ ଭଗବାନ ହେଉଛନ୍ତି କେବଳ ଭକ୍ତର। କେତେକ ସ୍ଥାନରେ ଏହି ପର୍ବ ଦୋଳ ପୂର୍ଣ୍ଣିମା ପୂର୍ବରୁ ପାଞ୍ଚ ଦିନ ଧରି 'ରାଜଦୋଳ' ଭାବରେ ପାଳିତ ହେଉଥିବା ବେଳେ ଅନ୍ୟ କେତେକ ସ୍ଥାନରେ ପୂର୍ଣ୍ଣିମା ଦିନଠାରୁ ଯାତ୍ରା ଆରମ୍ଭ ହୁଏ ଯାହାକୁ 'ପଞ୍ଚୁଦୋଳ' କୁହାଯାଏ। ସାରା ଦିନ ଗାଁକୁ ଗାଁ ବୁଲି ଭୋଗ ଖାଇ ଶେଷରେ ବିମାନଗୁଡ଼ିକ ଆକର୍ଷଣୀୟ ରୋଷଣୀରେ ବାହାରନ୍ତି ମେଲଣ ପଡ଼ିଆ ଅଭିମୁଖେ। ଧାଡ଼ି ଧାଡ଼ି ବିମାନ ଆଗରେ ଢୋଲ ମହୁରୀର କମ୍ପନ, ଷଣ୍ଢ, ସଖୀ, ଘୋଡ଼ାନାଚ ସାଙ୍ଗକୁ ଭଳିକି ଭଳି ବାଣ ଓ ଖୋଳ କୀର୍ତ୍ତନ ପରିବେଶକୁ କରେ ଚିତ୍ତାକର୍ଷକ। ବର୍ଣ୍ଣାଢ୍ୟ ପଟୁଆରରେ ବିମାନଗୁଡ଼ିକ ମେଲଣ ପଡ଼ିଆରେ ଯାଇ ପହଞ୍ଚିବା ପରେ ସେଠାରେ ସେମାନଙ୍କୁ ଭୋଗ ହାଣ୍ଡି ଓ ନୂଆ ବସ୍ତ୍ର ଲାଗି କରାଯାଏ। ପାରମ୍ପରିକ ଓଡ଼ିଶୀ କୀର୍ତ୍ତନ ଓ ଅବିର ବୋଳାବୋଳି ସହ ବିଭିନ୍ନ ମନୋହରୀ ଦୋକାନ ତଥା ଲୋକମାନଙ୍କର କିଣାବିକାରେ କମ୍ପିଉଠେ ମେଲଣ ପଡ଼ିଆ। ଏହି ଦୋଳ ପୂର୍ଣ୍ଣିମାରେ ଶ୍ରୀ ଚୈତନ୍ୟଦେବଙ୍କ ଜନ୍ମତିଥି ମଧ୍ୟ ବେଶ୍ ଭାବର ସହିତ ପାଳିତ ହୁଏ। ଦଶହରା ପର୍ବରେ କ୍ଷତ୍ରିୟମାନେ, ଚୈତ୍ର ପୂର୍ଣ୍ଣିମାରେ କୈବର୍ତ୍ତମାନେ ମତୁଆଲା ହେଲା ପରି ଦୋଳ ପୂର୍ଣ୍ଣିମାରେ ଗୋପାଳମାନେ ହୁଅନ୍ତି ଭାବ ରସରେ ଉନ୍ମତ୍ତ। ନିଜ ବଂଶରେ ଜନ୍ମ ନେଇ ପ୍ରଭୁ ସୁନ୍ଦର ଲୀଳା କରିଥିବାରୁ ଏହାର ସ୍ମୃତି ସ୍ୱରୂପ ଗୋପାଳଙ୍କ କଣ୍ଠ ଉଚ୍ଛୁଳା ଲଉଡ଼ି ଖେଳ, ଶଙ୍ଖ ବାଦନ ଓ ତୂରୀର ଘନ ଘନ କମ୍ପନ ଫଗୁଣର ଏ ପର୍ବକୁ କରେ ଆହୁରି ରସୋତୀର୍ଣ୍ଣ। ଦୋଳ ପର୍ବର ଅନ୍ୟ ଏକ ବିଭବ ହେଉଛି ଠାକୁରଙ୍କ ଅଗ୍ନି ପରିକ୍ରମା। ଠାକୁରମାନେ ବିମାନରେ ବସି ଚତୁର୍ଦ୍ଦଶୀ ତିଥିରେ ଅଇଘର ବା ଦେବଅଗ୍ନିର ଚତୁଃପାର୍ଶ୍ୱରେ ସାତ ଥର ପରିକ୍ରମା କରନ୍ତି ଯାହାକୁ 'ମେଣ୍ଢାକୁଡ଼ିଆ ପୋଡ଼ି' ବା 'ମେଣ୍ଢାଘର ପୋଡ଼ି' ବୋଲି କୁହାଯାଏ। କିମ୍ବଦନ୍ତୀ ଅନୁସାରେ ହିରଣ୍ୟକଶିପୁର ମେଷାକୃତି ଭଗ୍ନୀ ହୋଲିକା ଭକ୍ତ ପ୍ରହ୍ଲାଦକୁ ମାରିବା ନିମିତ୍ତ ତାକୁ ନିଜ କୋଳରେ ବସାଇ ଚାରିପଟେ ଅଗ୍ନି ଜଳାଇବାର ବନ୍ଦୋବସ୍ତ କରିଥିଲା। କିନ୍ତୁ ଭକ୍ତକୁ ବିପତ୍ତି ଦେବାରୁ ଭଗବାନଙ୍କର କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇ ଯାଇଥିଲା ହୋଲିକା। ଏହି ସ୍ମୃତିର ସଜଳ ସ୍ମାରକ ହେଉଛି ହୋଲିକା ଦହନ।ପୁନଶ୍ଚ, ଦୋଳ ପୂର୍ଣ୍ଣିମା ଦିନ ଅବଧାନ ନୂଆ ପାଞ୍ଜି ପାଠ କରି ବର୍ଷକ ଯାକର ଭଲ ମନ୍ଦ ବିଷୟରେ ଲୋକଙ୍କୁ ଅବଗତ କରାନ୍ତି ଯାହା ଏଯାବତ୍ ପ୍ରଚଳିତ ହୋଇ ଆସୁଅଛି।

ଜୀବ ଓ ପରମଙ୍କ ଅନୁରାଗାତ୍ମିକ ଦୋଳ ଉତ୍ସବର ପରିସମାପ୍ତି ଘଟେ ହୋଲି ଖେଳରେ। ପରସ୍ପର ମଧ୍ୟରେ ସ୍ନେହ ଓ ସଂପ୍ରୀତିର ସୂତ୍ରକୁ ସଶକ୍ତ କରିବା ହେଉଛି ଏ ହୋଲି ଖେଳର ବିଶେଷତ୍ୱ। ପୁରାଣ ପ୍ରମାଣ କରେ ଯେ ବସନ୍ତ ରାସର ପ୍ରମୁଖ ଆକର୍ଷଣ ରସ ରାସ ପ୍ରଭୁ ଶ୍ରୀକୃଷ୍ଣଚନ୍ଦ୍ର ପ୍ରଣାଧିକ ପ୍ରିୟ ରାଧାରାଣୀଙ୍କ ସହ ଯେତେବେଳେ ଅବିରତ ଅବିର ସିଞ୍ଚନରେ ମାତିଥିଲେ ସେତେବେଳେ ବୃନ୍ଦାବନ ହେଉଥିଲା ସିନ୍ଦୂରିତ। ସକଳ ବୃକ୍ଷଲତା ପଶୁପକ୍ଷୀ ଲୀଳାମୟଙ୍କର ଲଳିତ ଲାସ୍ୟ ଲୀଳାରେ ହେଉଥିଲେ ଉନ୍ମତ୍ତ। ଚତୁର୍ଦ୍ଦିଗ ହେଉଥିଲା ରସସିକ୍ତ। ଫଗୁ ପୂର୍ଣ୍ଣିମାରେ ଦୋଳିରେ ବସି ଝୁଲିବାରୁ ପ୍ରଭୁଙ୍କ ନାମ ହେଲା ଦୋଳଗୋବିନ୍ଦ। ଶ୍ରୀକୃଷ୍ଣଙ୍କୁ ଲତା ଦୋଳିରେ ବସାଇ ପ୍ରେମ ପାଗଳିନୀ ଗୋପୀବୃନ୍ଦ ଚାଚେରୀ ଖେଳୁଥିବାର ରସାଳ ସ୍ମୃତି ଆଜି ବି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପରିଦୃଷ୍ଟ ହୁଏ। କବି ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ' ମତରେ- 'ଚାଚେରୀ ଗହଳ ସଖୀ ଗୋବିନ୍ଦଙ୍କ ଦୋଳ/ ସର୍ବସୁଖ ଘେନିଗଲେ ମଦନଗୋପାଳ।'

ଶ୍ରୀଜଗନ୍ନାଥଙ୍କ ଦକ୍ଷିଣ ଭୁଜରୁ ଦୋଳଗୋବିନ୍ଦ ଓ ବାମ ହସ୍ତରୁ ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପ୍ରାପ୍ତ ହୋଇ ଦୋଳ ବେଦୀକୁ ବିଜେ କରନ୍ତି, ଯେଉଁଠାରେ ଫଗୁଖେଳ ଓ ବସନ୍ତ ଗୁଣ୍ଡିଚା ଉତ୍ସବ ଅନୁଷ୍ଠିତ ହୁଏ। ଶ୍ରୀଦେବୀ ଓ ଭୂଦେବୀ ଦୋଳଗୋବିନ୍ଦଙ୍କ ସହ ଚାଚେରୀ ବେଶରେ ସଜ୍ଜିତ ହୋଇ ଅତୀତର ସେ ଭକ୍ତିମୟ ଗାଥାକୁ ସ୍ମରଣ କରାଇ ଦିଅନ୍ତି। ତେଣୁ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଆକର୍ଷଣ ଦୋଳ ଉତ୍ସବର ମହାର୍ଘ ମହିମାକୁ ବର୍ଣ୍ଣନା କରି କବି ବିଶ୍ୱନାଥ ଖୁଣ୍ଟିଆ କୁହନ୍ତି- 'ଦ୍ୱାଦଶ ଯାତ୍ରାରୁ ତିନି ଯାତ୍ରା ସାର ଦୋଳ, ସ୍ନାନ, ଶ୍ରୀଗୁଣ୍ଡିଚା/ ସକଳ ଲୋକର ଅବଲୋକନରେ ପାତକ ସମୂହ ମୁଞ୍ଚା।'

ଦୋଳ ପୂର୍ଣ୍ଣିମା ଉତ୍ସବ ପ୍ରାୟତଃ ପ୍ରତ୍ୟେକ ସ୍ଥାନରେ ଆଡ଼ମ୍ବର ସହକାରେ ପାଳିତ ହେଉଥିଲେ ମଧ୍ୟ ଓଡ଼ିଶାର ଓଳକଣା, ହରିରାଜପୁର, ବଳଙ୍ଗା, ଧର୍ମଶାଳା, ଯାଜପୁର, ରଣପୁର ଆଦି ମେଳଣର ଅଛି ଏକ ସ୍ୱତନ୍ତ୍ର ସୁନାମ। ଉପସଂହାରରେ ଏତିକି କୁହାଯାଇ ପାରେ ଯେ ଦୋଳ ପୂର୍ଣ୍ଣିମା ଆମ ସାଂସ୍କୃତିକ ପରମ୍ପରାର ଏକ ପ୍ରମୁଖ ବାର୍ତ୍ତାବହ। ଏହା ଯେ କେବଳ ଆମର ଭକ୍ତି ଭାବନାକୁ ଋଦ୍ଧିମନ୍ତ କରେ, ତାହା ନୁହେଁ, ବରଂ ଆମ ସାମାଜିକ ଜୀବନଚର୍ଯ୍ୟାକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ଏହା ଏକ ସହଜ, ସରଳ ଓ ସୁନ୍ଦର ସମୀକରଣ। ଦୋଳଗୋବିନ୍ଦଙ୍କର ଜୟ ହେଉ ଓ ଦୋଳ ପୂର୍ଣ୍ଣିମାର ବିମଳ ବିଭବ ଅତୁଟ ରହୁ। ■

**ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ**
**କଟକ, ମୋ: ୯୪୩୭୧୧୩୧୬୨**

# ତିନୋଟି ପୃଥିବୀର ନାୟକ: ଡାକ୍ତର କବି ପ୍ରସାଦ ମିଶ୍ର

'ମନୁଷ୍ୟ ଦେହେ ଦିବ୍ୟଜ୍ଞାନ/ ଦେଖି ସନ୍ତୋଷ ଭଗବାନ'- ଭାଗବତର ଏହି ବାଣୀର ଭାବାର୍ଥକୁ ଯଦି ବୁଝିବାକୁ ଯିବା, ଆମେ ଜାଣିବା କି ମଣିଷର ଜ୍ଞାନ ଈଶ୍ୱର ପ୍ରଦତ୍ତ ଏବଂ ଏହାକୁ ଯିଏ ଯେତିକି ଅଭ୍ୟାସ କରେ, ସିଏ ସେତିକି ପରିପକ୍ୱ ହୁଏ। ଗୀତାରେ ଭଗବାନ କହିଛନ୍ତି, 'ଅହଂ ଆତ୍ମା ଗୁଡ଼ାକେଶ'। ଯେଉଁ ବ୍ୟକ୍ତି ନିଜର ପରିଶ୍ରମ ଓ ତପସ୍ୟା ବଳରେ ଈଶ୍ୱରଙ୍କର ଏହି ଦିବ୍ୟ ଅନୁଭୂତିକୁ ଅନୁଭବ କରିପାରେ, ସିଏ ଆଗକୁ ଯାଇ ଦିବ୍ୟାତ୍ମା ବୋଲାଇ ଥାଏ। ଏହିପରି ଜଣେ ଦିବ୍ୟ ଚେତନାଯୁକ୍ତ ବ୍ୟକ୍ତି ଥିଲେ ଡାକ୍ତର କବି ପ୍ରସାଦ ମିଶ୍ର। ପିତା ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ମାତା ଭବାନୀ ଦେବୀଙ୍କ ମଧ୍ୟମ ସନ୍ତାନ ଭାବେ କଟକରେ ଜନ୍ମଗ୍ରହଣ କରିଥିଲେ ଓଡ଼ିଶାର ଅନ୍ୟତମ ସୁଯୋଗ୍ୟ ସନ୍ତାନ, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ, ବାଗ୍ମୀ, ଲେଖକ ଓ ସାହିତ୍ୟ ସଂଗଠକ ଡାକ୍ତର ମିଶ୍ର। ତାଙ୍କର ଆତ୍ମଜୀବନୀ 'ତିନୋଟି ପୃଥିବୀ'ରେ ସେ ନିଜ ଜୀବନର ତିନୋଟି ମୁଖ୍ୟ କର୍ମକ୍ଷେତ୍ର ବିଷୟରେ ଲେଖିଥିବା ବେଳେ ତାଙ୍କ ଜୀବନକୁ ଆଲୋଚନା କଲେ ଆମେ ଜାଣି ପାରିବା କି ସେ ପ୍ରକୃତରେ ତିନୋଟି ଭିନ୍ନ ଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରି ନିଜର ସ୍ୱାକ୍ଷର ଛାଡ଼ି ଯାଇଛନ୍ତି।



ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଡାକ୍ତର ଅଂଶୁମାନ କର

ଡାକ୍ତର ମିଶ୍ର ହୃଦ୍‌ରୋଗ ଚିକିତ୍ସାରେ ତାଙ୍କର ଉଲ୍ଲେଖନୀୟ ବିଶେଷଜ୍ଞତା ଏବଂ ଜଗନ୍ନାଥ ସଂସ୍କୃତିର ଜଣେ ପ୍ରମୁଖ ରାଷ୍ଟ୍ରଦୂତ ଭାବରେ ଜଣାଶୁଣା ଥିଲେ। ତାଙ୍କ ପୁସ୍ତକ 'ବାଇଶି ପାହାଚ'କୁ ତାଙ୍କର ସର୍ବୋତ୍ତମ ସାହିତ୍ୟିକ କୃତୀ ଭାବରେ ବିବେଚନା କରାଯାଏ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଏମ୍‌ବିବିଏସ୍ ଡିଗ୍ରୀ ହାସଲ କରିବା ପରେ ଡାକ୍ତର ମିଶ୍ର ଚଣ୍ଡିଗଡ଼ର ସ୍ନାତକୋତ୍ତର ଭେଷଜ କଲେଜରେ ହୃଦ୍‌ରୋଗରେ ସ୍ନାତକୋତ୍ତର କରି ୧୯୭୯ ମସିହାରେ ଆମେରିକାର ଆମେରିକୀୟ କଲେଜ ଅଫ୍ କାର୍ଡିଓଲୋଜି ଏବଂ ତା'ପରେ ୨୦୦୫ ମସିହାରେ ଗ୍ଲାସ୍‌ଗୋରୁ ଏଫଆରସିପି ଡିଗ୍ରୀ ହାସଲ କରିଥିଲେ। ନିଜ ମାତୃଭୂମି ପ୍ରତି ସେବା ଭାବ ତାଙ୍କୁ ଫେରେଇ ଆଣିଥିଲା ସ୍ୱଦେଶ। ପ୍ରଥମେ ରାଉରକେଲାର ଇସ୍ପାତ ଜେନେରାଲ ହସ୍ପିଟାଲରେ ହୃଦ୍‌ରୋଗ ବିଭାଗ ଖୋଲିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଏବଂ ଏହା ପରେ ଚେନ୍ନାଇର ଆପୋଲୋ ହସ୍ପିଟାଲରେ। ଦୀର୍ଘ ୪୦ ବର୍ଷ କାର୍ଯ୍ୟ କରିବା ସମୟରେ ତାଙ୍କର ଖ୍ୟାତି ବହୁ ଦୂରକୁ ବ୍ୟାପି ଯାଇଥିଲା। ଚେନ୍ନାଇରେ ଥିବା ବେଳେ ଓଡ଼ିଆ ଲୋକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇ ଦେବାକୁ ସେ ସଦା ଚେଷ୍ଟିତ ଥିଲେ। ଓଡ଼ିଶାରେ ମଧ୍ୟ ଶ୍ରୀ ଶ୍ରୀ ବଡ଼ଦା ହସ୍ପିଟାଲ ଓ ଆପୋଲୋ ଭୁବନେଶ୍ୱରର ସ୍ଥାପନାରେ ସେ ପ୍ରମୁଖ ଭୂମିକ ନିଭେଇ ଥିବା ବେଳେ ଅନେକ ଅନୁଷ୍ଠାନରେ ଦାତବ୍ୟ ଚିକିତ୍ସା ଦେଇ ଓଡ଼ିଆ ଲୋକଙ୍କୁ ବିଶେଷ ସେବା ଦେଇଛନ୍ତି।

ଜଣେ ଭଲ ହୃଦ୍‌ରୋଗ ଚିକିତ୍ସକ ହେବା ସହ ସେ ଜଣେ ଆଜୀବନ ସାହିତ୍ୟ ସାଧକ ଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ନିଜ ସାହିତ୍ୟ ଜୀବନର ଗୁରୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରେରିତ କଳିଙ୍ଗ ଭାରତୀ ଅନୁଷ୍ଠାନର ଉପ-ସଭାପତି ଭାବେ କାର୍ଯ୍ୟ କରିବା ସହ ଦେଶ ବିଦେଶରେ ଭଞ୍ଜ ସାହିତ୍ୟ ସହ ଆମର ରୀତିଯୁଗୀୟ ସାହିତ୍ୟର ପ୍ରଚାର କରିଛନ୍ତି। ଜଣେ ଉଚ୍ଚକୋଟୀର ଲେଖକ ହେବା ସହ ଉତ୍ତମ ବାଗ୍ମୀ ଭାବେ କବିବାବୁ ଇତିହାସଠାରୁ ଆରମ୍ଭ କରି ବିଜ୍ଞାନ, ଧର୍ମଠାରୁ ଆରମ୍ଭ କରି ଦର୍ଶନ ପର୍ଯ୍ୟନ୍ତ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ରମଣ ମହର୍ଷି', 'ଭକ୍ତି ଯୋଗ', 'ଇସିଜି ପ୍ରିମିୟର', "ଜଷ୍ଟ ଏ ମିନିଟ୍ ଡକ୍' ଆଦି ଅନେକ ପୁସ୍ତକ ବହୁ ଭାଷାରେ ଅନୂଦିତ ଓ ବହୁ ଭାବରେ ପାଠକୀୟ ସ୍ୱୀକୃତି ପ୍ରାପ୍ତ କରିଛି।

ଡାକ୍ତର ମିଶ୍ରଙ୍କ ଉକ୍ତ ସମସ୍ତ ଗୁଣର ଏକମାତ୍ର ଆଧାର ଥିଲେ ପ୍ରଭୁ ଶ୍ରୀ ଶ୍ରୀ ଶ୍ରୀଜଗନ୍ନାଥ। ମହାପ୍ରଭୁଙ୍କର ଜଣେ ପରମ ଭକ୍ତ ଭାବେ ତାଙ୍କର ଦିବ୍ୟ ଅନୁଭୂତି ସବୁ ତାଙ୍କ ପୁସ୍ତକରେ ଲିପିବଦ୍ଧ। ମାତ୍ର ସେଇ କାହାଣୀମାନଙ୍କଠାରୁ ଆହୁରି ପ୍ରେରଣାଦାୟକ ହେଉଛି ତାଙ୍କର ସମର୍ପଣ ଭାବ। ସେଇ ଭାବନାକୁ ଆଧାର କରି ସୁଦୂର ଚେନ୍ନାଇରେ ସମୁଦ୍ର ତଟରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା କରିବାରେ ତାଙ୍କ ଭୂମିକା ତାଙ୍କ ଉପରେ ମହାପ୍ରଭୁଙ୍କ ବିଶେଷ ଅନୁକମ୍ପା ଥିବାକୁ ଜଣାଏ। 'ପ୍ରାର୍ଥନାର ବିଶେଷତ୍ୱ' ଉପରେ ଭାଷଣ ଥିଲା ତାଙ୍କର ଶେଷବାଣୀ ଏବଂ ଏହା ହିଁ ତାଙ୍କର ଆଧ୍ୟାତ୍ମିକ ଚେତନାର ପରିପକ୍ୱତା।

ରାକ୍ଷୀ ପୂର୍ଣ୍ଣିମାରେ ଆରମ୍ଭ ଡାକ୍ତର ମିଶ୍ରଙ୍କ ଜୀବନ ଦୋଳଯାତ୍ରା ସମୟରେ ପ୍ରଭୁ ବିମାନରେ ଭ୍ରମଣ କରୁଥିବା ବେଳେ ଯିବା, ସେଇଟା ପୁଣି ଈଶ୍ୱରଙ୍କ ଉପାସନାର ପଦ୍ଧତିକୁ ବର୍ଣ୍ଣନା କରୁଥିବା ବେଳେ- ତାଙ୍କର ଜୀବନରେ ବିଭୁ କୃପାକୁ ପରିପ୍ରକାଶ କରିଥାଏ। ଏହିଭଳି ଜଣେ ମହାନ ଦିବ୍ୟାତ୍ମାଙ୍କୁ ଏ ଜାତି ସ୍ମରଣ କରିବା ଆବଶ୍ୟକ। ■

**ମୋ: ୯୬୭୮୦୩୦୪୯୪**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ପ୍ରଥମ ପୃଷ୍ଠାରୁ

### ସକାଳ ୮ରୁ ୯ଟା...

ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷହେବ। ରାତ୍ର ୯ଟାରେ ଦୋଳବେଦୀ ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ। ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରୁ ୧୨ଟା ମଧ୍ୟରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ। ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ଲାଗି ନୀତି ନିର୍ଘଣ୍ଟ ହୋଇଛି।

### ଶକ୍ତିଶାଳୀ ହେବ...

ସାମିଲ ହେବା ଦ୍ୱାରା ବାୟୁସେନା ଆଗାମୀ ୧୦ ବର୍ଷ ପାଇଁ ଏହାର ସ୍କ୍ୱାର୍ଡନ ଶକ୍ତି ବଜାୟ ରଖିବ। ପ୍ରକୃତରେ, ୨୦୩୭ ସୁଦ୍ଧା ୧୦ଟି ସ୍କ୍ୱାର୍ଡନ ଲଢୁଆ ବିମାନ ଅବସର ନେବାକୁ ଯାଉଛି। ଏହାର ଅର୍ଥ ହେଉଛି ୧୦ ରୁ ୧୨ ବର୍ଷ ମଧ୍ୟରେ ଭାରତୀୟ ବାୟୁସେନାରୁ ଅନେକ ଲଢୁଆ ବିମାନ ହଟାଇ ଦିଆଯିବ। ଏଥିରେ ଜାଗୁଆର, ମିରାଜ-୨୦୦୦ ଏବଂ ମିଗ-୨୯ ଭଳି ଯୁଦ୍ଧ ବିମାନ ଅନ୍ତର୍ଭୁକ୍ତ। ଦେଶର ବାୟୁ ଶକ୍ତିରେ କୌଣସି କମ୍ ନହେବା ପାଇଁ, ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ବିମାନଗୁଡ଼ିକୁ ବଦଳାଇବା ଦିଗରେ ଆଗକୁ ବଢୁଛି।

### ବାଜ୍ୟାପ୍ତି ହେଲା...

ତାଙ୍କ ପୁଅ ଓ ଝିଅ ଟୁଲିପ ସିଦ୍ଦିକି ଏବଂ ରାଦଓ୍ୱାନ ମୁଜୀବ ସିଦ୍ଦିକିଙ୍କ ସମ୍ପତ୍ତି ମଧ୍ୟ ଅନ୍ତର୍ଭୁକ୍ତ। ଏସିସି ନିଜ ଆବେଦନରେ ଦର୍ଶାଇଥିଲା ଯେ, ଅଭିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କର ସ୍ଥାବର ସମ୍ପତ୍ତି ସ୍ଥାନାନ୍ତର କିମ୍ବା ଅପବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଏହି ପରିସ୍ଥିତିରେ, ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ସମ୍ପତ୍ତି ଆଟାଚ୍ କରିବା ପାଇଁ ଏକ ନିର୍ଦ୍ଦେଶର ଆବଶ୍ୟକତା ରହିଛି।

### ପାଳନ ହେବ ଶୂନ୍ୟ...

ବ୍ୟବହରକୁ ପ୍ରୋତ୍ସାହିତ କରିବା ଏବଂ ଯାତ୍ରୀମାନଙ୍କ ମଧ୍ୟରେ ସୁରକ୍ଷା-ପ୍ରଥମେ ମାନସିକତା ସୃଷ୍ଟିକରିବା ପାଇଁ ଅଭିନବ ତଥା ପ୍ରମାଣଭିତ୍ତିକ ଉପାୟ ପ୍ରୟୋଗ ହେବ। ମହିଳାମାନେ ପରିବର୍ତ୍ତନର ଦୂତ ଭାବରେ, ସଚେତନତା ଅଭିଯାନର ନେତୃତ୍ୱ ନେବା, ସମ୍ପ୍ରଦାୟ ସହିତ ଜଡ଼ିତ ହେବା ଏବଂ ସମାଧାନରେ ନେତୃତ୍ୱ ପ୍ରଦର୍ଶନ କରିବା ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଏସ୍ଆରଟିସିର ସିଏମ୍‌ଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଟ୍ୱିନ୍‌ସିଟି ପୁଲିସ କମିଶନର୍ ଡକ୍ଟର୍ ଏସ୍. ଦେବଦତ୍ତ ସିଂହ, କୁଟ୍ ଏମ୍‌ଡି ଡ. ଏନ୍ ଥିରୁମାଲା ନାୟକ, ଆଇଆଇଟି ମାଡ୍ରାସର ପ୍ରଫେସର୍ ଭେଙ୍କଟେଶ ବାଲସୁବ୍ରମଣିଆନ୍‌ଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି, ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶୂନ୍ୟ ଦୁର୍ଘଟଣା ଦିବସ ସହିତ ଓଡ଼ିଶା ସଡ଼କ ସୁରକ୍ଷା ଏବଂ ସହରାଞ୍ଚଳ ପରିବହନରେ ଏକ ଜାତୀୟ ମାନଦଣ୍ଡ ସ୍ଥାପନ କରିବାକୁ ଯାଉଛି। ରାଜ୍ୟ ଏକ ବିକଶିତ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଥିବା ବେଳେ, ଏହି ପଦକ୍ଷେପ ନବସୃଜନ, ସମାନତା ଏବଂ ସ୍ଥାୟୀ ପ୍ରଗତି ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏକାଠି, ଆମେ କେବଳ ଦୁର୍ଘଟଣାକୁ ରୋକିବାନାହିଁ-ଆମେ ଜୀବନ ରକ୍ଷା କରିବା ସହ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା।

### ୧ରୁ ଆୟୁଷ୍ମାନ...

ଯୋଜନାରେ ସାମିଲ କରାଯିବ। ସୂଚନା ଅନୁଯାୟୀ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୨୩, ୧୨, ୯୭୯। ତେବେ ଏମାନଙ୍କ ମଧ୍ୟରୁ ପ୍ରାୟ ୧୭ ଲକ୍ଷ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ ଥିବାରୁ ଅଧିକ ୬ ଲକ୍ଷ ହିତାଧିକାରୀ ଏହି ଯୋଜନାରେ ଯୋଡ଼ିହେବେ । ଏହାଦ୍ୱାରା ରାଜ୍ୟର ସମୁଦାୟ ୩.୫୨ କୋଟି ଲୋକ ଉପକୃତ ହେବେ। ପ୍ରତ୍ୟେକ ପୁରୁଷ ହିତାଧିକାରୀଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ଦିଆଯିବା ବେଳେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ପ୍ରଦାନ କରାଯିବ । ଗୋଟିଏ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ହିତାଧିକାରୀ ଥିଲେ, ପରିବାର ପ୍ରତି ଚିକିତ୍ସା ଖର୍ଚ୍ଚ ସର୍ବାଧିକ ୧୫ ଲକ୍ଷ ଟଙ୍କା ହେବ। ହିତାଧିକାରୀମାନେ ଦେଶର ୨୯ ହଜାରରୁ ଅଧିକ ସରକାରୀ ଓ ପଞ୍ଜୀକୃତ ବେସରକାରୀ ଡାକ୍ତରଖାନାରେ ଚିକିତ୍ସା ସୁବିଧା ପାଇପାରିବେ। ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱତୀ ଏସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସରକାର କିଛି ଭୁଲ୍...

ପଞ୍ଚାୟତିରାଜ ଦିବସ ଥିଲା। ହେଲେ ହଟାତ୍ ଏହାକୁ ବନ୍ଦ୍ କରାଗଲା। ଏହା ସରକାରଙ୍କ ହୀନ ମାନସିକତା। ଏପରି ସରକାର ଚାଲିବ ନାହିଁ। ଆବଶ୍ୟକ ନାହିଁ ଯେ' ବାପାଙ୍କ ଆଲୋଚନା ସମୟରେ ପୁଅ ନବୀନ ଉପସ୍ଥିତ ରହିବେ। ଏ ପୁରା ଜାତି ତାଙ୍କ ପାଇଁ ଅଛି। ଆଶା କରୁଛୁ ଭୁଲ ସଂଶୋଧନ କରି ପୁଣି ରାଜ୍ୟସ୍ତରୀୟ ପଂଚାୟତିରାଜ ଦିବସ ପାଳନ କରିବେ ସରକାର ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ବିଜୁ ବାବୁ ସମସ୍ତଙ୍କ ଉପରେ। ଭାରତର ସଂଘୀୟ ବ୍ୟବସ୍ଥା ଅଛି। ଜାତୀୟ ଓ ରାଜ୍ୟ ତାଲିକା ଅଛି। ବିଜୁ ଜୟନ୍ତୀ ଯାହା ୧୯୯୩ରୁ ପଞ୍ଚାୟତିରାଜ ଦିବସ କରି ଆସୁଥିଲୁ, ମେଣ୍ଟରେ ଥିବା ବିଜେପି ବି ରାଜି ଥିଲା। ହେଲେ ବିଜୁ ସ୍ମୃତିକୁ ନଷ୍ଟ କରିବାକୁ ବିଜେପିର ଷଡଯନ୍ତ୍ର ନିନ୍ଦନୀୟ। ଛୁଟି ନ ହେଉ, ହେଲେ ତାଙ୍କ ଜନ୍ମଦିନରେ ପଞ୍ଚାୟତିରାଜ ଦିବସ ପାଳନ ହେଉ ବୋଲି ଶ୍ରୀ ସ୍ୱାଇଁ ଦାବି କରିଥିଲେ। ଶେଷରେ ଉତ୍ତର ଦେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ପୁଣି କହିଥିଲେ, ତେସ୍ତରୀ ତମ ସମ୍ବିଧାନ ସଂଶୋଧନ ଅଧିନିୟମ,୧୯୯୩ ରାଷ୍ଟ୍ରପତିଙ୍କ ସମ୍ମତି ପାଇବା ପରେ ୧୯୯୩ ଏପ୍ରିଲ ୨୪ରୁ ଲାଗୁ ହୋଇଛି। ଏହାକୁ ସ୍ମରଣୀୟ କରିବାକୁ ୨୦୧୨ ଠାରୁ ଏପ୍ରିଲ ୨୪କୁ ଜାତୀୟ ପଞ୍ଚାୟତିରାଜ ଦିବସ ରୂପେ ପାଳନ କରାଯାଉଛି। ଏହି ଉତ୍ସବରେ ପଞ୍ଚାୟତିରାଜ ସଶକ୍ତିକରଣ ପୁରସ୍କାର, ରାଷ୍ଟ୍ରୀୟ ଗୌରବ ଗ୍ରାମସଭା ପୁରସ୍କାର ଇତ୍ୟାଦି ଦେଶର ବିଭିନ୍ନ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ପ୍ରଦାନ କରାଯାଉଛି। ଭାରତ ସରକାରଙ୍କ ପତ୍ର ମୁତାବକ ଏହି ଉତ୍ସବଟି ରାଜ୍ୟର ବିଭିନ୍ନ ଜିଲ୍ଲାରେ ପାଳନ କରାଯାଉଛି ବୋଲି ମନ୍ତ୍ରୀ ଗୃହରେ ପ୍ରକାଶ କରିଥିଲେ।

### ପ୍ରେସ୍ ଗ୍ୟାଲେରୀକୁ...

ଏହାକୁ ଗଣମାଧ୍ୟମ ବ୍ୟବହାର କରିପାରିବେ। ତେଣୁ ଧାରଣାରେ ବସିଥିବା ସାମ୍ବାଦିକମାନେ ପ୍ରତ୍ୟାହାର କରିବାକୁ ବାଚସ୍ପତି ଅନୁରୋଧ କରିଥିବା କ୍ରୀଡା ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାପରେ ସାମ୍ବାଦିକମାନେ ଗାନ୍ଧିମୂର୍ତ୍ତୀତଳେ ଦେଇଥିବା ଧାରଣାକୁ ପ୍ରତ୍ୟାହାର କରିଛନ୍ତି। ଗତକାଲି ଅର୍ଥାତ ମଙ୍ଗଳବାର ଗୃହରେ ଘଟିଥିବା ଘଟଣା ପାଇଁ ବୁଧବାର ପୂର୍ବାହ୍ଣରେ ବିଧାନସଭା ପ୍ରେସ୍ ଗ୍ୟାଲେରୀରେ ସାମ୍ବାଦିକଙ୍କୁ ମୋବାଇଲ ବାରଣ କରାଯାଇଥିଲା। ସାମ୍ବାଦିକମାନେ ଯେତେବେଳେ ବିଧାନସଭା ପ୍ରଶ୍ନକାଳକୁ ପ୍ରସାରଣ କରିବାକୁ ବିଧାନସଭାରେ ପହଞ୍ଚିଥିଲେ, ସେତେବେଳେ ସମସ୍ତ ଗଣମାଧମ ପ୍ରତିନିଧିଙ୍କୁ ଏକ ଲଫାପା ଦିଆଯିବା ସହ ସେଥିରେ ଫୋନ୍ ରଖି ପ୍ରେସ୍ ଗ୍ୟାଲେରୀକୁ ଯିବା ପାଇଁ କୁହାଯାଇଥିଲା। ଫଳରେ ଏହାର ପ୍ରତିବାଦରେ ସାମ୍ବାଦିକମାନେ ଗାନ୍ଧି ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ଏହା ସହ ବିଧାନସଭା ପ୍ରେସ୍ ଗ୍ୟାଲେରୀକୁ ବି ବୟକଟ୍ କରିଥିଲେ। ସାମ୍ବାଦିକଙ୍କୁ ସମର୍ଥନ କରିଥିଲେ ବିଜେଡି ଓ କଂଗ୍ରେସ ସଭ୍ୟ। ତେବେ ଧାରଣାରେ ବସିଥିବା ସାମ୍ବାଦିକମାନେ କହିଥିଲେ, ମୋବାଇଲ ଫୋନ ବ୍ୟାନ କରି ସାମ୍ବାଦିକଙ୍କ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ମୋବାଇଲ ଆଉ କ୍ୟାମେରା ବନ୍ଦ୍ କରି ସାମ୍ବାଦିକମାନଙ୍କ କଣ୍ଠରୋଧ କରାଯାଇଛି।

### ବିନା କଂଗ୍ରେସ...

ମୂର୍ତ୍ତୀ ତଳେ ଧାରଣା ଦେଇଥିଲେ। ବୁଧବାର ବାଚସ୍ପତିଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଉପରେ ଲାଗୁ ହୋଇଥିବା ନିଲମ୍ବନ ନିଷ୍ପତ୍ତିକୁ ପୁନଃବିଚାର ପାଇଁ ଦାବି କରିଛୁ। ତାଙ୍କ ସହିତ ବିଧାୟକ ପ୍ରତାପ ଦେବ ଓ ଅରୁଣ ସାହୁ ବାଚସ୍ପତିଙ୍କୁ ଭେଟିଛନ୍ତି। ଉଲ୍ଲେଖନୀୟ ଯେ, ଗତକାଲି ଅର୍ଥାତ ମଙ୍ଗଳବାର ଦିନ ବିଧାନସଭା ରଣକ୍ଷେତ୍ରରେ ପରିଣତ ହୋଇଥିଲା। କଂଗ୍ରେସ ସଭ୍ୟମାନେ ରାଜ୍ୟରେ ନାରୀ ନିର୍ଯ୍ୟାତନା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତି ଦାବିରେ ନାରାବାଜି ସହ ହଟ୍ଟଗୋଳ ସୃଷ୍ଟି କରିଥିଲେ। ବାଚସ୍ପତିଙ୍କ ପୋଡ଼ିଅମ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ କଂଗ୍ରେସ ସଭ୍ୟ ତାରା ବାହିନୀପତି। ଏହାକୁ ଶାସକ ସଭ୍ୟ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବେଶ୍ କିଛି ସମୟ ପାଇଁ ଧସ୍ତାଧସ୍ତି ଓ ଠେଲାପେଲା ହୋଇଥିଲା। ଏପରିକି ଶାସକ ଦଳର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ବିରୋଧୀ ଦଳର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ସାର୍ଟ କଲର୍ ଧରି ପକାଇଥିଲେ। ଗୃହର ଅସ୍ୱାଭାବିକ ସ୍ଥିତି ଭିତରେ ଗୃହକୁ ବାରମ୍ବାର ମୁଲତବୀ କରିବା ସହ ବାଚସ୍ପତି ସୁରମା ପାଢ଼ୀ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଦାୟୀ କରି ୭ ଦିନ ପାଇଁ ଗୃହରୁ ନିଲମ୍ବିତ କରିଥିଲେ।

# ପ୍ରୋତ୍ସାହନ ରାଶି ବୃଦ୍ଧି ଦାବିରେ ଗାଁସାଥୀଙ୍କ ବିକ୍ଷୋଭ

## ଦାବିପୂରଣ ନହେଲେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ



**ଜଗତସିଂହପୁର,୧୨।୩/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ଗାଁସାଥୀ ମିଳିତ କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଦସ୍ୟ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମସ୍ତ ଗାଁସାଥୀମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନ ଜରିଆରେ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ୨୦୦୮ରୁ ଅଦ୍ୟାବଧି ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଆଶାୟୀ ସମସ୍ତ ଲିଗାଲ୍ ଗାଁସାଥୀଙ୍କୁ ସଠିକ୍ ଭାବେ ଚିହ୍ନଟ କରାଯାଇ ବୟସ ଓ ଯୋଗ୍ୟତା ଅନୁଯାୟୀ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ଗାଁସାଥୀଙ୍କ ସର୍ବନିମ୍ନ ୧୨ ହଜାର ଟଙ୍କା ମାସିକ ପ୍ରୋତ୍ସାହନ ପ୍ରଦାନ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ପ୍ରକାଶଥାଉକି ସାଧାରଣ ନିର୍ବାଚନ ପୂର୍ବରୁ ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସହମତି ଜଣାଇବା ସହ ବିଜେପି ଦଳର ଇସ୍ତାହାରର ୨୦ନମ୍ବର ପଏଣ୍ଟରେ ବିଜେପି ସରକାର ଆସିଲେ ସରକାର ଗଠନ ହେବା ୧୦ ମାସ ମଧ୍ୟରେ ଗାଁସାଥୀଙ୍କ ଦାବିପୂରଣ କରାଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ତେବେ ରାଜ୍ୟରେ ବିଜେପି ସରକାର ଗଢ଼ିବାକୁ ୧୦ ମାସ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ସରକାର ସେମାନଙ୍କ ଦାବିକୁ ଯଥାର୍ଥତା ମନେ ନକରିବା ନେଇ ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ତେବେ ଯଥାଶୀଘ୍ର ସରକାର ସେମାନଙ୍କ ଦାବିପୂରଣ ନକଲେ ଆଗାମୀ ଦିନରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଗାଁସାଥୀମାନେ ଆନ୍ଦୋଳନ କରିବେ ବୋଲି ରାଜ୍ୟ ସଦସ୍ୟ ଶ୍ରୀ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଭରତ ଚନ୍ଦ୍ର ସାହୁ, ବିଜୟ କୁମାର ଦାସ, ନିକୁ ମହାରଣା, ସୁବାସ ସାମଲ, ସାଗର ନାୟକ, ବିପିନ ନାୟକ, ସାରଦା ପ୍ରସନ୍ନ ଆଚାର୍ଯ୍ୟ, ଉଲ୍ଲାସ ଗୋଛାୟତ, ପ୍ରତାପ ଦଳାଇ, ଅଦୈତ ଲେଙ୍କା ଓ ବିଜ୍ଞାନ କୁମାର ସିଂଙ୍କ ସହିତ ଶତାଧିକ ଗାଁ ସାଥୀ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଢେଙ୍କାନାଳରେ ଦୋଳ ଉତ୍ସବ



**ଢେଙ୍କାନାଳ,୧୨।୩/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ସହରର ବିଭିନ୍ନ ରାଧାକୃଷ୍ଣ ମନ୍ଦିର ପକ୍ଷରୁ ଦୋଳ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଶ୍ରୀ ମଉଡ଼ମଣି ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ମୀନାବଜାରର ଦୋଳ ଉତ୍ସବ ଗତ ରବିବାର ଫଗୁ ଦଶମୀରୁ ଶ୍ରୀ ଶ୍ରୀ ଦୋଳଗୋବିନ୍ଦଜିଉଙ୍କ ପୀଠରେ ଭିତର ଫଗୁ ଆରମ୍ଭ ହୋଇଯାଇଛି। ୧୦ ତାରିଖ ସୋମବାର ଏକାଦଶୀ ତିଥୀରୁ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଦୋଳଗୋବିନ୍ଦ ଜିଉ ମା'ରାଧାଙ୍କ ସହ ବିମାନରେ ପରିକ୍ରମା କରି ପୂଜାର୍ଚ୍ଚନା ସହ ଭୋଗ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ଶ୍ରୀ ଶ୍ରୀ ମଉଡ଼ମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଟ୍ରଷ୍ଟ ଓ ପୂଜା କମିଟିର ମିଳିତ ସହଯୋଗରେ ଚାଲିଛି। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ଚେୟାରମ୍ୟାନ୍ ଲଳିତ କୁମାର ପଟ୍ଟନାୟକ ପୂଜା କମିଟି ସଭାପତି ରବି ନାରାୟଣ ମହାନ୍ତି, ଟ୍ରଷ୍ଟ ଉପସଭାପତି ବିରଞ୍ଚି ନାରାୟଣ ସାହୁ, ପୂଜା କମିଟି କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ଉଦୟନାଥ ବେହେରା, ଟ୍ରଷ୍ଟ ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା, ପୂଜା କମିଟି ସମ୍ପାଦକ ପୀତବାସ ସାହୁ ଓ ସଭ୍ୟ ଲୋକନାଥ ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର, ଦୟାନିଧି ବେହେରା ଓ ଚନ୍ଦନ ପାତ୍ର ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ମୁକ୍ତାଦେଇପୁର ଶାସନ ରାଧାକୃଷ୍ଣ ଜିଉ ମନ୍ଦିରର ରାଧାକୃଷ୍ଣ ଜିଉ ସୁସଜ୍ଜିତ ବିମାନରେ ମୁକ୍ତାଦେଇପୁର ଶାସନ ଅଞ୍ଚଳର ଘରକୁ ଘର ବୁଲି ଭୋଗଲାଗି ହୋଇଥାନ୍ତି। ନୂଆଶାସନର ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଅଞ୍ଚଳ ପରିକ୍ରମା କରିବା ସହ ଦୋଳ ଉତ୍ସବକୁ ମୁଖରିତ କରୁଛନ୍ତି। ୧୩ ତାରିଖ ମେଳଣ ଉତ୍ସବରେ ୭ଟି ବିମାନରେ ରାଧାକୃଷ୍ଣ ବିଜେ ହୋଇ ରାଧାକୃଷ୍ଣ ବଜାରସ୍ଥିତ ଦୋଳବେଦୀକୁ ଯିବାର କାର୍ଯ୍ୟକ୍ରମ ରହିଥିବାବେଳେ ମେଣ୍ଢାପୋଡ଼ି ଉତ୍ସବ ପାଳିତ ହେବ। ଏହି କାର୍ଯ୍ୟକ୍ରମରେ ଗୋପାଳମାନେ ଲଉଡ଼ି ନୃତ୍ୟ ପରିବେଷଣ କରିବେ।

## ବିଭିନ୍ନ ଦାବି ନେଇ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା

### ୨୪ରେ ଭୁବନେଶ୍ୱରରେ ଆନ୍ଦୋଳନ ଚେତାବନୀ




**ଜଗତସିଂହପୁର,୧୨।୩/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲାର ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାସହ ମାର୍ଚ୍ଚ ୧୯ ମଧ୍ୟରେ ରାଜ୍ୟ ସରକାର ସେମାନଙ୍କ ଦାବିପୂରଣ ନକଲେ ୨୪ରେ ରାଜ୍ୟର ସମସ୍ତ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇ ଭୁବନେଶ୍ୱର ଗାନ୍ଧୀମାର୍ଗରେ ସେମାନଙ୍କ ନ୍ୟାଯ୍ୟ ଦାବି ନେଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଦୀର୍ଘ ବର୍ଷ ହେଲା ସ୍ୱଳ୍ପ ପ୍ରୋତ୍ସାହନରେ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଠିକ୍ ଭାବେ ତୁଲାଇ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ଅନେକଙ୍କ ସ୍ଥାୟୀ ଚାକିରି କରିବା ବୟସ ଅତିକ୍ରାନ୍ତ ହେବାସହ ଅନେକଙ୍କୁ ବର୍ଷ ବର୍ଷ ଧରି ଚାକିରି କରିବା ପରେ ଛଟେଇ କରିଦିଆଯାଇଛି। ଫଳରେ ସ୍ୱଳ୍ପ ପାରିଶ୍ରମିକରେ ପରିବାର ଭରଣପୋଷଣ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ଏନେଇ ଓଡ଼ିଶା ରାଜ୍ୟ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଡାକରାରେ ଜିଲ୍ଲା ସଂଘର ସଭାନେତ୍ରୀ ମମତା ବିଶ୍ୱାଳଙ୍କ ନେତୃତ୍ୱରେ ଅନେକ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସମାନ କାମକୁ ସମାନ ଦରମା, ସରକାରୀ କର୍ମଚାରୀମାନେ ପାଉଥିବା ସମସ୍ତ ସରକାରୀ ସହାୟତା ପ୍ରଦାନ, ଆଉଟ୍‌ସୋର୍ସିଂଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ଦେଖି ସ୍ଥାୟୀ କରିବା, ଏଭଳି ଯେଉଁ କର୍ମଚାରୀଙ୍କୁ ଛଟେଇ କରାଯାଇଛି ସେମାନଙ୍କୁ ପୁନର୍ବାର ନିଯୁକ୍ତି ପ୍ରଦାନ ଆଦି ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ପିସିସି ସଭାପତିଙ୍କୁ ଭେଟିଲେ ମାଗୁଣି ଜେନା



**ଚଣ୍ଡିଖୋଲ,ବଡ଼ଚଣା ,୧୨।୩/ଏନ୍‌ଏନ୍‌ଏସ୍:** ନବନିଯୁକ୍ତ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କୁ ଭୁବନେଶ୍ୱରସ୍ଥିତ ବାସଭବନରେ ଯାଜପୁର ଜିଲ୍ଲା କଂଗ୍ରେସ ଲୋକସଭା ପ୍ରଚାର କମିଟିର ପୂର୍ବତନ ଅଧ୍ୟକ୍ଷ ମାଗୁଣି ଚରଣ ଜେନା ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ଓଡ଼ିଶାରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଇବା ବିରୋଧରେ କଂଗ୍ରେସ ଦଳ ପକ୍ଷରୁ ହୋଇଥିବା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉର ସଫଳତା ପାଇଁ ଶ୍ରୀ ଜେନା ପିସିସି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାସହ ଦଳିତଙ୍କ ଉପରେ ବୃଦ୍ଧି ପାଉଥିବା ନିର୍ଯ୍ୟାତନା, ଭୂମିହୀନ ସମସ୍ୟା, କ୍ରୋମାଇଟ୍ ଓ ଟାଟା ମାଇନ୍ସରେ ବ୍ୟାପକ ଅନିୟମିତତା, ମାଙ୍କିଡ଼ିଆ ଜନଜାତିଙ୍କ ସମସ୍ୟା, ବେକାରୀ ସମସ୍ୟା, ସୁକିନ୍ଦା ଖଣି, କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ନିଯୁକ୍ତି ସମସ୍ୟା, ଭାଗ ଚାଷୀ ସମସ୍ୟା, ଚାଷୀଙ୍କ ଅଭାବୀ ଧାନ ବିକ୍ରି, ପରିବା ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ, ଜୟ ବାପୁ ଓ ଜୟ ଭୀମ, ଜୟ ସମ୍ବିଧାନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ପିସିସି ସଭାପତି ଶ୍ରୀ ଦାସ ଆମ୍ବେଦକର ପ୍ରେମୀଙ୍କୁ କଂଗ୍ରେସ ଦଳରେ ସାମିଲ କରିବା ସହ ଗ୍ରାମାଞ୍ଚଳରେ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ଜେନାଙ୍କ ସହିତ ବହୁ କଂଗ୍ରେସ କର୍ମୀ ପିସିସି ସଭାପତିଙ୍କୁ ସାକ୍ଷାତ କରିଥିଲେ।

## ଅବକାରୀ ବିଭାଗର ମିଳିତ ଚଢ଼ଉ, ୯ ଗିରଫ



**ସୋର,୧୨।୩/ଏନ୍‌ଏନ୍‌ଏସ୍:** ସୋର ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ମଦ ଜବତ ସହ ୯ ଜଣଙ୍କୁ ଗିରଫ କରିଛି। ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶରେ ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁ, ନୀଳଗିରି ରେଞ୍ଜ ଅବକାରୀ ଅଧିକାରୀ କେଶବ ଦାସ, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ ଓ ଖଇରା ଅବକାରୀ ଅଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ଅଇଁରୀ ଗ୍ରାମର ଉମାକାନ୍ତ ବାରିକଠାରୁ ୨୫ ଲିଟର, ପାଖର ଛକରୁ ଶ୍ରୀକାନ୍ତ ରଣାଠାରୁ ୬. ୩ ଲିଟର ବିଦେଶୀମଦ, କେଶରୀପୁର ଗ୍ରାମର ବାଇଧର ଦାସଠାରୁ ୬୦ ଲିଟର ଦେଶୀମଦ, ଝଟିଆମାଳ ଛକରୁ ରମେଶ ପ୍ରଧାନ ନିକଟରୁ ୫୦ ଲିଟର, ଚାଲୁଣିଗାଁ ଲିଜା ଦାସଠାରୁ ୫. ୪ ଲିଟର ବିଦେଶୀମଦ, ବାଡୁଲି ଗ୍ରାମର ପ୍ରଫୁଲ୍ଲ ମଲିକଠାରୁ ୬୦ ଲିଟର ଦେଶୀମଦ, ସେହି ଗ୍ରାମର ମଙ୍ଗଲ ମଲିକଠାରୁ ୪୦ ଲିଟର ଦେଶୀମଦ, ବିରଞ୍ଚିପୁର ଗ୍ରାମର ରତିକାନ୍ତ ଜେନାଠାରୁ ୩୦ ଲିଟର ଦେଶୀମଦ ଓ ଜାମୁଝାଡ଼ି ଗ୍ରାମର ନୃସିଂହ ପ୍ରଧାନଠାରୁ ୫୦ ଲିଟର ଦେଶୀମଦ ଜବତ କରିବା ସହ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲ୍‌ରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସ୍ଆଇ ଭକ୍ତ ଚରଣ ସ୍ୱାଇଁ, ଏଏସ୍ଆଇ ବସନ୍ତ କୁମାର ବାରିକ, ଦୁର୍ଯ୍ୟୋଧନ ବେହେରା, ଦୀପିକା ପରିଡ଼ା, କନେଷ୍ଟବଲ ଶଶୀକାନ୍ତ ସାହୁ, ଦେବାଶିଷ ମଲ୍ଲିକ ଓ କାଜଲ ପ୍ରିୟଦର୍ଶିନୀଙ୍କ ସମେତ ପୁଲିସ କର୍ମଚାରୀ ସାମିଲ ହୋଇଥିଲେ।

## ବାଲି ଓ ମାଟି ବୋଝେଇ ଗାଡ଼ି ଜବତ

**ଧାମନଗର,୧୨।୩/ଏନ୍‌ଏନ୍‌ଏସ୍:** ଧାମନଗରରେ ବାରମ୍ବାର ବାଲି ଚୋରି ନେଇ ଖବର ପ୍ରକାଶ ପରେ ପୁଲିସର ନିଦ ଭାଙ୍ଗିଛି। ଏହିକ୍ରମେ ଧାମନଗର ସୀମାନ୍ତ ବୈତରଣୀ ନଦୀରୁ ବାଲି ଚୋରାଚାଲାଣ କରୁଥିବା ଗୋଟିଏ ହାଇୱା ଓ ମାଟି ଚୋରି କରୁଥିବା ଗୋଟିଏ ଟ୍ରାକ୍ଟରକୁ ଧାମନଗର ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା ଜବତ କରିଛନ୍ତି। ବାଲି ଓ ମାଟି ଚୋରି ନେଇ ଖବର ମିଳିବା ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୨ଟି ଗାଡ଼ି ଜବତ କରିଥିଲେ। ବାଲି ବୋଝେଇ କରି ଗୋଟିଏ ହାଇୱା କ୍ଷେଣ୍ଟପୁର ପଟୁ ଧାମନଗର ଅଭିମୁଖେ ଆସୁଥିବାବେଳେ ପୁଲିସ ଜବତ କରିଥିଲା। ସେହିପରି ମାଟି ଚୋରି କରି କରଦାରୁ ଧାମନଗର ଅଭିମୁଖେ ଆସୁଥିବା ଟ୍ରାକ୍ଟରକୁ ରାମେଶ୍ୱରପୁର ଗେଟ୍ ପାଖରୁ ଅଟକାଇ ଯାଞ୍ଚ କରିଥିଲେ। ତେବେ ହାଇୱା ଓ ଟ୍ରାକ୍ଟର୍ ଚାଳକ ଆବଶ୍ୟକ କାଗଜପତ୍ର ଦେଖାଇ ନପାରିବାରୁ ଗାଡ଼ି ଗୁଡ଼ିକୁ ପୁଲିସ ପକ୍ଷରୁ ଥାନାକୁ ନେଇ ଅଟକ ରଖାଯାଇଛି।

## ବଳରାମ ସାଇଡିଂରୁ ଖସି ଠିକା ଶ୍ରମିକ ମୃତ

**ତାଳଚେର,୧୨।୩/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ହିଙ୍ଗୁଳା ଥାନା ଅନ୍ତର୍ଗତ ବଳରାମ କୋଇଲା ଖଣିର ୯ନଂ ସାଇଡିଙ୍ଗରେ ଦୁର୍ଘଟଣାରେ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କେନ୍ଦୁଝରର ସନ୍ତୋଷ ନାଏକ। ବୁଧବାର ସନ୍ତୋଷ ଏକ ପୋଲରୁ ଖସିପଡ଼ି ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ନେଇ ହିଙ୍ଗୁଳା ଥାନା ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି।

## ଲଗାତାର ଚୋରିକୁ ନେଇ ବ୍ୟବସାୟୀଙ୍କ ରାସ୍ତାରୋକ

### ଜୋରଦାର୍ ପେଟ୍ରୋଲିଂ ପ୍ରତିଶ୍ରୁତି ପରେ ହଟିଲା ଅବରୋଧ



**କାମାକ୍ଷାନଗର,୧୨।୩/ଏନ୍‌ଏନ୍‌ଏସ୍:** ତୁମୁସିଙ୍ଗା ଥାନା ଅଁଳାବେରେଣି ବଜାରରେ ବାରମ୍ବାର ଚୋରି ହେଉଥିବା ଯୋଗୁ ବ୍ୟବସାୟୀମାନେ କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟରାସ୍ତାକୁ ଅବରୋଧ କରିଛନ୍ତି। ଗତ କିଛିଦିନ ହେବ ବିଳମ୍ବିତ ରାତିରେ ବଜାରରେ ଥିବା ବିଭିନ୍ନ ଦୋକାନରୁ ଚୋରି ଜାରି ରହିଛି। ଏନେଇ ସ୍ଥାନୀୟ ବ୍ୟବସାୟୀମାନେ ପୁଲିସକୁ ଜଣାଇଥିଲେ ମଧ୍ୟ ଚୋରକୁ ଧରାଯାଇ ନାହିଁ। ଫଳରେ ମଙ୍ଗଳବାର ରାତିରେ ବଜାରରେ ଥିବା ଏକ ସୁନା ଓ ଗ୍ରୋସୋରୀ ଦୋକାନରୁ ଚୋରି ହୋଇଥିଲା। ସୁନା ଦୋକାନୀ ଜଣକ ଦୋକାନ ବନ୍ଦ କରୁଥିବା ସମୟରେ ୪ ଜଣ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଭୟଭୀତ କରି ସୁନା, ରୁପା ଓ ଟଙ୍କା ନେଇ ଫେରାର୍ ହୋଇଯାଇଥିଲେ। ସେହିପରି ବଜାରରେ ଥିବା ଏକ ଗ୍ରୋସରୀ ଦୋକାନରୁ ମଧ୍ୟ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ତେବେ ରାତିରେ ପେଟ୍ରୋଲିଂ କଡ଼ାକଡ଼ି କରିବା ସହ ବଜାରରେ ପୁଲିସ ମୁତୟନ ପାଇଁ ଦାବି ହେଉଛି। ରାସ୍ତାରୋକ ଫଳରେ ଢେଙ୍କାନାଳ-କାମାକ୍ଷାନଗର ମଧ୍ୟରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଥିବାବେଳେ ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା। ଖବରପାଇ କାମାକ୍ଷାନଗର ଏସ୍‌ଡିପିଓ ଜ୍ଞାନରଞ୍ଜନ ମିଶ୍ର ଓ ତୁମୁସିଙ୍ଗା ପୁଲିସ ପହଞ୍ଚି ବ୍ୟବସାୟୀଙ୍କୁ ବୁଝାସୁଝା କରିବା ସହ ବଜାର ଅଞ୍ଚଳରେ ଜୋରଦାର୍ ପେଟ୍ରୋଲିଂ କରିବାର ପ୍ରତିଶ୍ରୁତି ଦେବାର ପ୍ରାୟ ଦୁଇ ଘଣ୍ଟା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।

ନିତିଦିନ NITIDIN



# ସୁବୋଧକୃଷ୍ଣ ମିଶନ୍ ପକ୍ଷରୁ ଭାଗବତ ସପ୍ତାହ



**କଟକ,୧୨।୩/ଏନ୍‌ଏନ୍‌ଏସ୍:** ସିଡିଏ ସେକ୍ଟର-୧୦ସ୍ଥିତ ସୁବୋଧକୃଷ୍ଣ କୁଟୀର ସମ୍ମୁଖ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ମିଶନ ପକ୍ଷରୁ ଭାଗବତ ସପ୍ତାହ ପାରାୟଣ ସ୍ୱାମୀ ଡ଼ଃ କୃଷ୍ଣପ୍ରେମାନନ୍ଦ ସରସ୍ୱତୀ ମହାରାଜଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ମିଶନର ରାଜ୍ୟ ଲୋକ-ସମ୍ପର୍କ ପ୍ରମୁଖ ଉତ୍କଳ ଭୂଷଣ ରାଉତରାୟ, ପଣ୍ଡିତ ରଞ୍ଜନ କୁମାର ମହାପାତ୍ର, ପ୍ରଶାନ୍ତ ମହାନ୍ତି, ବସନ୍ତ କୁମାର ବିଶୋଇ, ପ୍ରାକ୍ତନ ନ୍ୟାୟମୂର୍ତ୍ତି ମନୋରଞ୍ଜନ ମହାନ୍ତି, ମିଶନ ସମ୍ପାଦକ ବିନୟ କୁମାର ନାୟକ ପ୍ରମୁଖ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମ୍ମୁଖରେ ଉପସ୍ଥିତ କୃଷ୍ଣପ୍ରେମୀ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ଜଣାଇଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ । କାର୍ଯ୍ୟକ୍ରମକୁ ଡାକ୍ତର ଦୀପକ ରାଜ, ନୟନ କିଶୋର ପଣ୍ଡା, ନଗେନ ଦାସ, ଅଜିତ ମଣ୍ଡଳ, ବିଭୁଦତ୍ତ ବେଉରିଆ, ବିଭୁତିଭୂଷଣ ସାହୁ, ଶ୍ରଦ୍ଧା ବେଉରିଆ ଓ ବିଜୟ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପୁରୀ,୧୨।୩/ଏନ୍‌ଏନ୍‌ଏସ୍:** ଗୋପୀନାଥ ଦେବ ଡିଗ୍ରୀ କଲେଜର ବାଳିକା ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ମହାରଥୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ବିଷୟରେ ମାର୍ଗଦର୍ଶନ କରିବା ସହିତ ପ୍ରଥମ ବର୍ଷର ଛାତ୍ରୀମାନଙ୍କର ଆଗ୍ରହ ଏବଂ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା କରିଥିଲେ । କ୍ରୀଡ଼ା ଅଧ୍ୟାପକ ରବି ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ତା ୨୮.୦୨.୨୦୨୫ ରୁ ତା୧୨.୦୩.୨୦୨୫ ରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ହୋଇପାରିଛି । ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ପ୍ରଶିକ୍ଷିକା ସତ୍ୟଭାମା ମୁଦୁଲି ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ନିଜର ସହଯୋଗ ପ୍ରଦାନ କରିଥିଲେ ।



# ରାହାସବିହାରୀ ସିଂହଙ୍କ ବିୟୋଗରେ ଶୋକ

**କଟକ,୧୨।୩/ଏନ୍‌ଏନ୍‌ଏସ୍:** ଚାନ୍ଦିନୀଚୌକ ଅଞ୍ଚଳର ମୁରବୀ ରାହାସବିହାରୀ ସିଂହଙ୍କ ବିୟୋଗରେ ସମଗ୍ର ଚାନ୍ଦିନୀଚୌକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ତାଙ୍କ ପ୍ରତି ସମ୍ମାନ ଜଣାଇ ସମଗ୍ର ଅଞ୍ଚଳର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଥିଲା । ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଦରଜୀସାହିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ତାଙ୍କ ଶବ ପଟୁଆରରେ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ଓ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କମିଟିର କର୍ମକର୍ତ୍ତାମାନେ ସାମିଲ ହେବା ସହ ତାଙ୍କ ମର ଶରୀରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଚତୁର୍ଥ କନ୍ୟା ରାଜଶ୍ରୀ ସିଂହ ମୁଖାଗ୍ନି ଦେଇଥିଲେ ।

# ସ୍କୁଟିକୁ ଧକ୍କାଦେଲା ଟ୍ରକ୍: ଭାଇ ମୃତ, ଭଉଣୀ ଗୁରୁତର



**କଟକ,୧୨।୩/ଏନ୍‌ଏନ୍‌ଏସ୍:** ଗୋଶାଳା ଓଭରବ୍ରିଜ୍ ଉପରେ ଏକ ସ୍କୁଟିକୁ ଦ୍ରୁତଗାମୀ ଟ୍ରକ ଧକ୍କା ଦେବା ଯୋଗୁଁ ଘଟଣାସ୍ଥଳରେ ଭାଇର ମୃତ୍ୟୁ ହୋଇଥିବା ବେଳେ ଭଉଣୀ ଗୁରୁତର ହୋଇଛନ୍ତି । ଘଟଣା ସ୍ଥଳରେ ମଧୁପାଟଣା ଥାନା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲାବେଳେ ଆହତଙ୍କୁ ଏସ୍‌ସିବି ମେଡିକାଲ୍‌ରେ ଭର୍ତ୍ତି କରିଛି । ଆଜି ରାତି ପ୍ରାୟ ୧୦ଟାରେ ନୂଆପଡ଼ା ଆଡୁ ନୂଆବଜାରକୁ ମାଲ୍ ବୋଝେଇ ଟ୍ରକଟି ଯାଉଥିଲା ବେଳେ ଭାରସାମ୍ୟ ହରାଇ ବ୍ରିଜ୍ ବାଡ଼ାରେ ପିଟି ହୋଇଯାଇଥିଲା ବେଳେ ସ୍କୁଟିକୁ ଧକ୍‌କା ଦେଇଥିଲା । ଘଟଣା ସ୍ଥଳରେ ସ୍କୁଟି ଆରୋହୀ ଛିଟିକି ପଡ଼ିଥିଲେ । ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ନୂଆପଡ଼ା ନୂଆବଜାର ରାସ୍ତାରେ ଦୀର୍ଘ ସମୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ତେବେ ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି । ଟ୍ରକ ଡ୍ରାଇଭର ଫେରାର୍ ହୋଇଯାଇଛି । ପୁଲିସ ଟ୍ରକ୍‌କୁ ଜବତ କରି ତଦନ୍ତ ଚଳାଇଛି ।

# ଶ୍ୱେତଗଙ୍ଗାରେ ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ

**ପୁରୀ,୧୨।୩/ଏନ୍‌ଏନ୍‌ଏସ୍:** ଓଡ଼ିଆ ଚଳଚ୍ଚିତ୍ର ଜଗତର ଦିବଙ୍ଗତ ଅଭିନେତା ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ତାଙ୍କ ଅସ୍ଥି ବିସର୍ଜନ କରାଯାଇଛି । ପୁରୀର ପବିତ୍ର ଶ୍ୱେତଗଙ୍ଗା ତୀର୍ଥ ପୁଷ୍କରିଣୀରେ ଉତ୍ତମଙ୍କ ଅସ୍ଥି ବିସର୍ଜନ ହୋଇଛି । ପୁରୀରେ ଉତ୍ତମ ମହାନ୍ତିଙ୍କ ପୁଅ ବାବୁସାନ ତାଙ୍କ ଅସ୍ଥି ବିସର୍ଜନ କରିଥିଲେ । ଅସ୍ଥି ବିସର୍ଜନ ସମୟରେ ବାବୁସାନଙ୍କ ପତ୍ନୀ ତୃପ୍ତି ତିଳତର୍ପଣ ସହ ଶ୍ରାଦ୍ଧପିଣ୍ଡ ଦେଇଥିଲେ । ସୂଚନା ମୁତାବକ, ଆସନ୍ତା ୧୬ ତାରିଖରେ ବାବୁସାନ ବାରିପଦା ଯିବେ । ସେଠାରେ ଶ୍ରାଦ୍ଧ କାର୍ଯ୍ୟ ସହ ବ୍ରାହ୍ମଣ ଭୋଜନ କରାଇବେ । ତେବେ ବାବୁସାନ୍‌ଙ୍କ ଏକ ଫିଲ୍ମ ସୁଟିଂ ଚାଲିଥିଲା ବେଳେ ବାପା ଉତ୍ତମ ମହାନ୍ତି ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଅଧାରୁ ଫିଲ୍ମ ସୁଟିଂ ଛାଡ଼ି ଚାଲିଆସିଥିଲେ ବାବୁସାନ । ଆଉ ଏହି ସିନେମା ରଜରେ ରିଲିଜ୍ ହେବା ନେଇ ସାଇନ୍ କରିଛନ୍ତି ଅଭିନେତା ବାବୁଶାନ । ଫିଲ୍ମ ସୁଟିଂ ଅଧାରେ ଥିବାରୁ ନିଜ ବାପାଙ୍କ ଶୁଦ୍ଧି କାମରେ ଲଣ୍ଡା ହୋଇ ପାରିନଥିବା ବାବୁସାନଙ୍କ ସମ୍ପର୍କୀୟ କହିଛନ୍ତି । ତେବେ ଫିଲ୍ମର ସୁଟିଂ ଶେଷ ହେବା ପରେ ତ୍ରିବେଣୀ ସଙ୍ଗମ ଯାଇ ବାପା ଉତ୍ତମ ମହାନ୍ତିଙ୍କ ଅସ୍ଥି ବିସର୍ଜନ ସହ ଶ୍ରାଦ୍ଧ କରିବେ ଓ ମୁଣ୍ଡନ ହେବେ ବୋଲି ସୂଚନା ଦେଇଛନ୍ତି ଅଭିନେତା ବାବୁସାନ ମହାନ୍ତିଙ୍କ ସମ୍ପର୍କୀୟ ।



# ବିଜେଡି ନେତା ରାଜା ଚକ୍ର ଓ ୪ ସହଯୋଗୀଙ୍କ ଜାମିନ୍ ଆବେଦନ ଖାରଜ

**କଟକ,୧୨।୩/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ର ଓ ତାଙ୍କ ୪ ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି । ହାଇକୋର୍ଟର ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ସେମାନଙ୍କୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି । ଫଳରେ ସେମାନଙ୍କ ଗିରଫଦାରୀ ଆଶଙ୍କା ବୃଦ୍ଧି ପାଇଛି । ଅଭିଯୁକ୍ତ ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ରଙ୍କ ସହଯୋଗୀମାନେ ହେଲେ ସୁଧାଂଶୁ ଶେଖର ନାୟକ, ସମୀର କୁମାର ଜେନା, ସଦାଶିବ ସାମଲ ଓ ସୁଶାନ୍ତ ସାମଲ ।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ରାଜା ଚକ୍ର ଓ ତାଙ୍କର ୪ ସହଯୋଗୀ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ୩ଟି ପୃଥକ୍ ଆବେଦନ କରିଥିଲେ । ବିଜୁ ଜନତା ଦଳ ନେତା ରାଜା ଚକ୍ରଙ୍କ ବିରୋଧରେ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ ରହିଛି । ନିକଟରେ କ୍ରାଇମ୍‌ବ୍ରାଞ୍ଚ୍‌ର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ତାଙ୍କ ଘର ଉପରେ ଚଢ଼ଉ କରାଯାଇଥିଲା । ଏହି ଘଟଣାରେ ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଗନ୍ଧମାର୍ଦ୍ଦନ ଏଜେନ୍ସିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ, ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଗତ ଫେବୃୟାରୀ ୭ ତାରିଖରେ ଗିରଫ କରିଥିଲା । ଉକ୍ତ ସଂସ୍ଥା ୨୦୦୬ ମସିହାରେ ଆଇରନ୍ ଓର୍ ଲୋଡିଂ କରିବା ନିମନ୍ତେ ରେଜିଷ୍ଟ୍ରେସନ୍ କରିଥିଲା । ୨୦୧୭ ମସିହାରୁ ୨୦୨୪ ମସିହା ମଧ୍ୟରେ ଏମାନଙ୍କ ବିରୋଧରେ କୋଟି କୋଟି ଟଙ୍କାର ଅର୍ଥ ହେର୍‌ଫେର୍ ଅଭିଯୋଗ ହୋଇଥିଲା । ଅଭିଯୁକ୍ତମାନେ ଶ୍ରମିକ ଖର୍ଚ୍ଚ, ଇପିଏଫ୍ ଟଙ୍କା, ପାରିପାର୍ଶ୍ୱିକ ବିକାଶ, ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଆଳରେ କୋଟି କୋଟି ଟଙ୍କା ହଡ଼ପ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା । ହାଇକୋର୍ଟ ମଙ୍ଗଳବାର ମାମଲାର ଶୁଣାଣି କରି ରାଜା ଚକ୍ର ଓ ଅନ୍ୟମାନଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ ରଖିଥିଲେ । ଏଥିସହ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଜାରି ଅନ୍ତରୀଣ ସୁରକ୍ଷାକୁ ବଳବତ୍ତର ରଖିଥିଲେ ।

# ଟ୍ରେନ୍ ଶୌଚାଳୟରୁ ଗଳିତ ଶବ ଉଦ୍ଧାର

**କଟକ,୧୨।୩/ଏନ୍‌ଏନ୍‌ଏସ୍:** ପୁରୀ-ଭଦ୍ରକ ମେମୁ ଟ୍ରେନ ଶୌଚାଳୟ ମଧ୍ୟରୁ ଏକ ଗଳିତ ଶବ ବୁଧବାର ଉଦ୍ଧାର ହୋଇଛି । ଗଳିତ ଶବଟି ରେଳବାଇ ଟ୍ରାକ୍ ମ୍ୟାନେଜର ଭାବେ କାର୍ଯ୍ୟରତ ପୁରୀ ସତ୍ୟବାଦୀର ଧଡ଼ି ବେହେରା(୪୫)ଙ୍କର ବୋଲି ଚିହ୍ନଟ ହୋଇଛି । ସେ ଶୌଚାଳୟ ଯାଇଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି । କଟକ ଜିଆରପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ, ମୃତ ଧଡ଼ି ବେହେରା ପୁରୀରେ ରେଳବାଇର ଟ୍ରାକ୍ ମ୍ୟାନେଜର ଭାବେ କାମ କରୁଥିଲେ । ସେ ଗତ ସୋମବାର ପୁରୀରୁ ଭଦ୍ରକ ମେମୁ ଟ୍ରେନରେ ଆସିଥିଲେ । ସେ ଖୋର୍ଦ୍ଧାରେ ଓହ୍ଲାଇଥାନ୍ତେ । ମାତ୍ର ତା' ପୂର୍ବରୁ ସେ ବଗିର ଶୌଚାଳୟକୁ ଯାଇଥିଲେ । ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିଲା । ଶୌଚାଳୟ ଭିତର ପଟୁ ବନ୍ଦ ଥିବାରୁ ତାଙ୍କ ଶବ ଭିତରେ ପଡ଼ିରହିଥିଲା । ବୁଧବାର ଶୌଚାଳୟରୁ ଦୁର୍ଗନ୍ଧ ବାହାରିବାରୁ କଟକ ଷ୍ଟେସନ ମାଷ୍ଟର ଏ ସଂକ୍ରାନ୍ତରେ ସୂଚନା ପାଇଥିଲେ । କଟକ ଜିଆର୍‌ପି ଓ ଆର୍‌ପିଏଫ୍ ଉପସ୍ଥିତରେ ଶୌଚାଳୟ କବାଟ ଭାଙ୍ଗି ଗଳିତ ଶବ ଉଦ୍ଧାର କରାଯାଇଥିଲା । ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଯାଇଥିଲା । ଖବର ପାଇ ମୃତକଙ୍କ ପରିବାର ସଦସ୍ୟମାନେ କଟକରେ ପହଞ୍ଚିଥିବା ଜଣାପଡ଼ିଛି ।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ୍ କର୍ମଶାଳା




**କଟକ,୧୨।୩/ଏନ୍‌ଏନ୍‌ଏସ୍:** ସୂଚନା ଅଧିକାର ଆଇନ-୨୦୦୫କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି । ଜନ ସୂଚନା ଅଧିକାରୀମାନେ ନିର୍ଭୁଲ ଭାବେ ଅବିଳମ୍ବେ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସେମାନଙ୍କୁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଅଧିକାର ଆଇନ-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଆଜି କଟକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି କର୍ମଶାଳାରେ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶାରଦ ଭାବେ ଲୁମିନସ୍ ଇନଫୋସିସର ମାଷ୍ଟର ଟ୍ରେନର ସଂଗ୍ରାମ କୁମାର ପୃଷ୍ଟି ଯୋଗଦେଇ ସୂଚନା ଅଧିକାର ଆଇନର ଧାରା ୪(୧) (ଖ) ମୁତାବକ ୧୭ସ୍ତରୀୟ ତଥ୍ୟ ଉଭୟ ଇଂରାଜୀ ଓ ଓଡ଼ିଆରେ ନିଜ ସୂଚନା ଅଧିକାର ପୋର୍ଟାଲ୍‌ରେ ଅଦ୍ୟତନ କରିବା ଉପରେ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଆୟୁଷ ଆଥଲେଟିକ୍ସ୍‌ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ପୁରୀ,୧୨।୩/ଏନ୍‌ଏନ୍‌ଏସ୍:** ଆୟୁଷ ଆଥଲେଟିକ୍ସ୍‌ର ପରିଶ୍ରମର ଫଳସ୍ୱରୂପ ଚଳିତ ବର୍ଷ ୧୦ ଜଣ ଆଥଲେଟ୍ ସରକାରୀ ଚାକିରିରେ ନିଯୁକ୍ତି ପାଇପାରିଛନ୍ତି । ଏହା ଏକ ସୁନ୍ଦର ପଦକ୍ଷେପ ଓ ଅନୁକରଣୀୟ ବୋଲି କହିଛନ୍ତି ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ।

ଆଜି ଅପରାହ୍ନରେ ପୁରୀ କୋଣାର୍କ ମେରାଇନ୍ ଡ୍ରାଇଭ ରାସ୍ତା ପୂଜାପଣ୍ଡା କନ୍‌ଭେନ୍‌ସନ୍‌ଠାରେ ଆୟୁଷ ଆଥଲେଟିକସ୍ ଅନୁଷ୍ଠାନ ପକ୍ଷରୁ ସୁରକ୍ଷା ବାହିନୀରେ ନବ ନିଯୁକ୍ତ ଯୁବବର୍ଗଙ୍କୁ ଶୁଭେଚ୍ଛା ଜ୍ଞାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଆୟୁଷ ଆଥଲେଟିକ୍ସ୍‌ର ପ୍ରତିଷ୍ଠାତା ରଶ୍ମିରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ କେତେକ ଯୁବକ ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ପୁରୀ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ବିଭିନ୍ନ ଶାରୀରିକ ବ୍ୟାୟାମ କରିଥାନ୍ତି ଓ ପ୍ରଶିକ୍ଷଣ ନେଇଥାନ୍ତି । ଏହି ଭଳି ପ୍ରଶିକ୍ଷିତମାନେ ବିଭିନ୍ନ ପ୍ରତିଯୋଗିତା ଓ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ପୂର୍ବରୁ ୫ଟି ବ୍ୟାଚ୍‌ରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପିଲା ସରକାରୀ ଚାକିରି କରୁଥିବାବେଳେ ଚଳିତ ବର୍ଷ ମାନସ କୁମାର ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ଚନ୍ଦନ ପ୍ରଧାନ, ଅମିତ କୁମାର ଜେନା, ରାକେଶ କୁମାର ବେହେରା, ବିଦ୍ୟାଧର ବେହେରା, ସୁନିଲ କୁମାର ସାହୁ, ରୁଦ୍ର ପ୍ରସାଦ ସାହୁ ସଫଳ ହୋଇ ଆଜି ଶୁଭେଚ୍ଛା ପତ୍ର ଗ୍ରହଣ କରିଥିଲେ । ଅନ୍ୟ ଦୁଇ ସଫଳ ବ୍ୟକ୍ତି ଅନୁପସ୍ଥିତ ରହିଥିଲେ । ଏହି ମହତ୍ କାର୍ଯ୍ୟ ଦ୍ୱାରା ବିପଥଗାମୀ ହେଉଥିବା ପିଲାମାନେ ଭଲ ବାଟକୁ ଆସିବା ସହ କର୍ମ ନିଯୁକ୍ତି ପାଇଁ ଚେଷ୍ଟିତ ହେବେ ବୋଲି ଶ୍ରୀ ସେଠୀ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସେବାୟତ ତଥା କ୍ରୀଡ଼ାବିତ୍ କୃପାସିନ୍ଧୁ ପୂଜାପଣ୍ଡା, ବେଳଦଳ ସରପଞ୍ଚ ବିପିନ ଦାସ, ବିଚିତ୍ର ପ୍ରଧାନ, ଜିତେନ୍ଦ୍ର ପରିଡ଼ା, ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିବା ସହ ଯୁବବର୍ଗଙ୍କୁ ଏହା ନୂଆ ଦିଶା ଦେଖାଇବ ବୋଲି ଆଶା କରିଥିଲେ ।

# ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନରେ ବସନ୍ତୋତ୍ସବ

**କଟକ,୧୨।୩/ଏନ୍‌ଏନ୍‌ଏସ୍:** ପୁରୁଣା ସଚିବାଳୟ ମାର୍ଗସ୍ଥିତ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନଠାରେ ଚିତ୍ର, ସାହିତ୍ୟ, ସଙ୍ଗୀତ ସମନ୍ୱିତ ବସନ୍ତୋତ୍ସବ ରଙ୍ଗବରଷେ ଆଜି ପାଳିତ ହୋଇଯାଇଛି । ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ ଓ ପ୍ରଣବ ଅଖଣ୍ଡ ପରିଚାଳନା କରିଥିଲେ । କ୍ୟାନଭାସ୍ ଉପରେ ରାଧାକୃଷ୍ଣଙ୍କ ଚିତ୍ର ଅଙ୍କନପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ସମ୍ମାନିତ ଅତିଥି ଗୀତିକାର ଅରୁଣ ମନ୍ତ୍ରୀ କବିତା ପାଠ କରିଥିଲେ । ସଙ୍ଗୀତ ନିର୍ଦ୍ଦେଶକ ଶରତ ନାୟକ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟତମ ଅତିଥି ଗାୟିକା ଶୁଭଜ୍ୟୋତି ସୁଲଳିତ କଣ୍ଠର ଯାଦୁରେ ସମସ୍ତଙ୍କୁ ଚମକୃତ କରିଥିଲେ । ଛାତ୍ରୀଛାତ୍ରମାନେ ଚିତ୍ର ଅଙ୍କନ କରିବା ସହ କବିତା ପାଠ ଓ ନୃତ୍ୟ-ଗୀତ ବସନ୍ତୋତ୍ସବକୁ ମନୋରମ କରିଥିଲା । ମମତା ପଣ୍ଡା କାର୍ଯ୍ୟକ୍ରମ ସଂଚାଳନ ଓ ପୂଜା କାଣ୍ଡି ଧନ୍ୟବାଦ ଦେଇଥିଲେ । ସାଂସ୍କୃତିକ ପ୍ରଭାରୀ ଡ. ଜାନକୀ ଝା, ପ୍ରାଚୀ ପଟ୍ଟନାୟକ, ଶୈକ୍ଷିକ ପ୍ରଭାରୀ ଲୋପାମୁଦ୍ରା ବେହେରା ଓ ହେମନ୍ତ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

# ୧୦୯ ଗୃହରକ୍ଷୀ ପଦବୀ ଚୟନ ପାଇଁ ଦରଖାସ୍ତ ଆହ୍ୱାନ

**କଟକ,୧୨।୩/ଏନ୍‌ଏନ୍‌ଏସ୍:** କଟକ ସହରାଞ୍ଚଳରେ ଖାଲି ପଡ଼ିଥିବା ୧୦୯ଟି ଗୃହରକ୍ଷୀ ସାଧାରଣ ପଦବୀ ଚୟନ ନିମନ୍ତେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଆବେଦନକାରୀ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ । ଆବେଦନକାରୀଙ୍କ ବୟସ ୦୧.୦୧.୨୦୨୫ରିଖ ସୁଦ୍ଧା ୨୦ ବର୍ଷରୁ କମ୍ ଓ ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ସେ ପଞ୍ଚମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସେ ଓଡ଼ିଆ ଭାଷାରେ କହିବା, ପଢିବା ଲେଖିବା ଜାଣିଥିବା ଆବଶ୍ୟକ । ଆବେଦନକାରୀଙ୍କ ନାମରେ କୌଣସି ଫୌଜଦାରୀ ମୋକଦ୍ଦମା ନ ଥିବ । ତାଙ୍କର କୌଣସି ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ନଥିବ । ଡ୍ରାଇଭିଂ, କମ୍ପ୍ୟୁଟର ଡାଟା ଏଣ୍ଟ୍ରି, ହାର୍ଡ୍‌ୱେୟାର୍, ଇଲେକ୍ଟ୍ରିସିଆନ୍, ଅଟୋମୋବାଇଲ୍, ମେକାନିକ, ରୋଷେୟା, ଭଣ୍ଡାରୀ, ସଫେଇ କର୍ମଚାରୀ, ପାଣି ପାଇପ୍ ମେକାନିକ୍, ମାଳି ଆଦି କାର୍ଯ୍ୟ କ୍ଷେତ୍ରରେ ଅଭିଜ୍ଞତା ଥିବା ଆବେଦନକାରୀମାନଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ପଦବୀରେ ଆବେଦନ କରିବା ନିମନ୍ତେ ଆବେଦନ ଫର୍ମ ନିକଟସ୍ଥ ଥାନା, ଫାଣ୍ଡି, ଦୁର୍ଗପତି ସହରାଞ୍ଚଳ କଟକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ । ଆବେଦନକାରୀ ଫର୍ମ ଏ' ପୂରଣ କରି ଜିଲ୍ଲା ଗୃହରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ କଟକ ସହରାଞ୍ଚଳରେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି ।

# ଏନ୍‌ସିସି ଦ୍ୱାରା ସାଇକେଲ ସଚେତନତା ଶୋଭାଯାତ୍ରା

**ପୁରୀ,୧୨।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟ ଅନ୍ତର୍ଗତ କଟକ ଗ୍ରୁପ୍ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ସାରା ରାଜ୍ୟରେ ସଚେତନତା ଏବଂ ସାମାଜିକ ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୃହତ ସାଇକଲ ରାଲିର ଉଦ୍‌ଘାଟନ ସମାରୋହ ପୁରୀ ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଜି ପୂର୍ବାହ୍ନରେ କଟକ ଏନ୍‌ସିସି ଗ୍ରୁପର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ କର୍ଣ୍ଣେଲ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପତାକା ପ୍ରଦର୍ଶନ କରି କ୍ୟାଡେଟ୍‌ମାନଙ୍କୁ ଉତ୍ସାହିତ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଜର ଆଶୁତୋଷ ତ୍ରିପାଠୀ, ଲେଫ୍ଟନାଣ୍ଟ ଅନିଲ କୁମାର, ସଞ୍ଜୀବ ଦେୱାନ, ଜେ. ବି. ସିଂହ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାଇକେଲ ଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଚଳିତ ମାର୍ଚ୍ଚ ମାସ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ୨୦ ଦିନ ବ୍ୟାପୀ ଓଡିଶାର ୧୫ଟି ଜିଲ୍ଲା ପରିକ୍ରମା କରି ଆସନ୍ତା ଏପ୍ରିଲ ମାସ ୨ ତାରିଖରେ କଟକ ଏନସିସି ଗ୍ରୁପ୍ ମୁଖ୍ୟାଳୟରେ ଠାରେ ପହଞ୍ଚି ଉଦ୍‌ଯାପିତ ହେବ । ପ୍ରଥମ ଓଡ଼ିଶା ମେଡିକାଲ କମ୍ପାନୀ ଏନ୍‌ସିସିର କମାଣ୍ଡିଂ ଅଫିସର୍ ମେଜର ଆଶୁତୋଷ ତ୍ରିପାଠୀ, ୨୦ ଜଣ ଏନ୍‌ସିସି କ୍ୟାଡେଟ୍ ଏବଂ ୧୦ ଜଣ ଏନସିସି କର୍ମଚାରୀଙ୍କୁ ନେଇ ଏହି ସାଇକଲ ଶୋଭାଯାତ୍ରା ସଡ଼କ ସୁରକ୍ଷା ସଚେତନତା, ପରିବେଶ ସଂରକ୍ଷଣ, ସାଇବର ସୁରକ୍ଷା, ମହିଳା ସଶକ୍ତିକରଣ, ନିଶା ନିବାରଣ ସଚେତନତା, ଏନସିସି ତଥା ସଶସ୍ତ୍ର ବାହିନୀରେ ନିଯୁକ୍ତି ସୁଯୋଗ ବିଷୟରେ ପ୍ରଚାର ପ୍ରସାର କରିବା ସହ ଯୁବ ଶକ୍ତିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି । କ୍ୟାଡେଟ୍‌ମାନେ ଦୀର୍ଘ ୮୫୦ କିଲୋମିଟର ଦୂରତା ଅତିକ୍ରମ କରି ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଆୟୋଜିତ ହେବାକୁ ଥିବା ଆଲୋଚନା ସଭାରେ ଯୋଗଦେଇ ଛାତ୍ର, ଯୁବକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ପୁଲିସ କର୍ତ୍ତୃପକ୍ଷଙ୍କ ମିଳିତ ସମନ୍ୱୟରେ ପରିଚାଳିତ ହେଉଛି, ଯାହା ଯାତ୍ରା ସମୟରେ ସୁରକ୍ଷା, ଚିକିତ୍ସା ଏବଂ ପ୍ରଶାସନିକ ସହାୟତା ସୁନିଶ୍ଚିତ କରିବ । ସାମାଜିକ ସେବା, ସମର୍ପଣ ମନୋଭବ ଏବଂ ପ୍ରତିବଦ୍ଧତା ପାଇଁ କ୍ୟାଡେଟମାନଙ୍କୁ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବ । ଏନ୍‌ସିସି କଟକର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କହିଛନ୍ତି ଯେ ଏହି ସାଇକ୍ଲୋଥନ୍ କେବଳ ଏକ ଯାତ୍ରା ନୁହେଁ; ଏହା ସମ୍ପ୍ରଦାୟକୁ ପ୍ରେରଣା, ଶିକ୍ଷିତ ଏବଂ ସଶକ୍ତ କରିବା ପାଇଁ ଏକ ମିଶନ୍ । କ୍ୟାଡେଟ୍‌ମାନେ ଏନ୍‌ସିସିର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ମନୋଭାବକୁ ପ୍ରତିପାଦନ କରୁଛନ୍ତି । କାର୍ଯ୍ୟକ୍ରମକୁ ଲେଫ୍ଟନାଣ୍ଟ ମଞ୍ଜୁଲତା ମାହାଲି ଓ ଫାଷ୍ଟ ଅଫିସର ଶୋଭାମଣୀ ସ୍ୱାଇଁ, ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଓ ଏନସିସି ଅଧିକାରୀ ମାନେ ପରିଚାଳନା କରିଥିଲେ ।




# ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ରାଜ୍ୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ସଭା



**କଟକ,୧୨।୩/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର କଟକରେ ହେବାକୁ ଯାଉଥିବା ୬ଷ୍ଠ ରାଜ୍ୟ ସମ୍ମିଳନୀକୁ ସଫଳ କରିବାକୁ କଟକ ମହାନଗର ନିଗମ ଓ.ଏସ.ଆର.ଇ.ଏଫ. ସମନ୍ୱୟ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି । ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧା ସହ ଅନ୍ୟ ଆଠ ଦଫା ଦାବି ଉପରେ ଏପ୍ରିଲ ୧୨ତାରିଖ କଟକ ଶାରଳା ଭବନଠାରେ ହେବାକୁ ଯାଉଥିବା ୬ଷ୍ଠ ସମ୍ମିଳନୀର ପ୍ରସ୍ତୁତି ବୈଠକ କଟକ ତିନିଘରିଆଠାରେ ମୁଖ୍ୟ ସଂଯୋଜକ ସୁବୋଧ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ଦାସ, ଜୋନାଲ ସମ୍ପାଦକ ରଜନୀକାନ୍ତ ଚୌଧୁରୀ, ସଂଗଠନ ସମ୍ପାଦକ ସୁବୋଧ କୁମାର ମହାନ୍ତି, ଶରତ ଚନ୍ଦ୍ର ପରିଡ଼ା ଓ କୋଷାଧ୍ୟକ୍ଷ ପ୍ରେମାନନ୍ଦ ଜେନା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବି ମହାପାତ୍ର, ବିଭୁତି ଭୂଷଣ ମହାନ୍ତି, ଶିଶିର କୁମାର ନାୟକ, ନରହରି ମହାନ୍ତି, ଗୋପୀନାଥ ବାରିକ, ଧୀରେନ୍ଦ୍ର କୁମାର ନାୟକ,ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ନାୟକ, କ୍ଷୀରୋଦ ଚନ୍ଦ୍ର ଦୀକ୍ଷିତ, ଭବାନୀ ଚରଣ ମହାନ୍ତି, ଡ଼. ପ୍ରଫୁଲ୍ଲ କୁମାର ନାୟକ, କୃପାସିନ୍ଧୁ ବେହେରା, କେଶବ ଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ । ସଂଯୋଜକ ଗୋପୀନାଥ କର ଧନ୍ୟବାଦ୍ ଦେଇଥିଲେ ।



ପ୍ରେରଣା

# ଅଙ୍କିତା ବୋହରା

କାରିଗରମାନଙ୍କୁ ସଶକ୍ତ କରିବା ଠାରୁ ଆରମ୍ଭ କରି ସମାବେଶିତାକୁ ଆପଣାଇବା ପର୍ଯ୍ୟନ୍ତ ଅଙ୍କିତାଙ୍କ ଯାତ୍ରା ନୈତିକ ଉଦ୍ୟମିତା ପାଇଁ ପ୍ରେରଣା ଦେଉଛି। ପର୍ଯ୍ୟାବରଣ ଉପରେ ପଡୁଥିବା ପ୍ରଭାବ ପାଇଁ ସାଧାରଣତଃ ଆଲୋଚନାର ସମ୍ମୁଖୀନ ହେଉଥିବା ଉଦ୍ୟୋଗରେ ଅଙ୍କିତା ବୋହରା ନବାଚାରର ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ବ୍ରାଣ୍ଡ୍ ଏକ ସାଧାରଣ ଷ୍ଟାର୍ଟଅପ୍‌ରୁ ଆଗକୁ ବଢ଼ି ଦେଶର ସବୁଠାରୁ ସମ୍ମାନିତ ନୈତିକ ଫ୍ୟାସନ୍ ହାଉସ୍ ମଧ୍ୟରୁ ଅନ୍ୟତମ ହୋଇପାରିଛି। ଏହା ପାରମ୍ପରିକ ଶିଳ୍ପ କୌଶଳକୁ ଆଧୁନିକ ଡିଜାଇନ୍ ସହିତ ସହଜତାର ସହିତ ଯୋଡୁଛି। ମହିଳା ଉଦ୍ୟମୀ ପୁରସ୍କାର ୨୦୨୫ ଦ୍ୱାରା ସେ ସମ୍ମାନିତ ହେବା ସହିତ ତାଙ୍କର ଯାତ୍ରା ଦୃଢ଼ତା, ନବାଚାର ଓ ସଚେତନ ଉଦ୍ୟମିତାରେ ପ୍ରେରକ ଶିକ୍ଷା ପ୍ରଦାନ କରୁଛି। ୨୦୨୧ରେ ଅଙ୍କିତା ନିଜର ବ୍ରାଣ୍ଡ୍‌କୁ ଲଞ୍ଚ୍ କରିଥିଲେ ଏକ ସ୍ପଷ୍ଟ ମିଶନ ସହିତ। ଫ୍ୟାସନ୍ ଦୁନିଆରେ ହଇଚଇ ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ। ସ୍ଥିରତା ଓ ସମାବେଶିତାକୁ ନିଜ ବ୍ୟବସାୟର ମୂଳଦୁଆ କରି ସେ ଆରମ୍ଭ କରିଥିଲେ ତାଙ୍କର ଫ୍ୟାସନ୍ ବ୍ରାଣ୍ଡ୍। ମାତ୍ର ଚାରି ବର୍ଷ ଭିତରେ ସେ ୫୦ ଜଣ କର୍ମଚାରୀଙ୍କ ଏକ ଦଳ ଗଠନ କରି ଗୁଜରାଟ ଓ ବାରାଣସୀରେ ୫୦୦ରୁ ଅଧିକ କାରୀଗରଙ୍କୁ ଜୀବିକାର୍ଜନର ରାସ୍ତା ଦେଖାଇଥିଲେ। ଅଙ୍କିତା ଓ ତାଙ୍କ ଦଳ ଏପରି ଏକ ଭବିଷ୍ୟତର ନିର୍ମାଣ କରିବା ଦିଗରେ କାମ କରୁଛନ୍ତି ଯେଉଁଥିରେ ରହିଥିବ ଷ୍ଟାଇଲ୍, ସ୍ଥିରତା ଓ ସାମାଜିକ ଦାୟିତ୍ୱ।

ଅଙ୍କିତା ଯେଉଁ ସାମଗ୍ରୀର ବ୍ୟବହାର କରୁଛନ୍ତି ବା ଯେଉଁଭଳି ଭାବରେ ଉତ୍ପାଦଗୁଡ଼ିକର ବିପଣନ କରୁଛନ୍ତି ଏହି ଲକ୍ଷ୍ୟ ତାଙ୍କ ବ୍ରାଣ୍ଡର ସବୁ ଦିଗ ସହିତ ମିଶି ରହିଛି। ତେବେ ସ୍ଥିରତା ସହିତ ବିଳାସକୁ ମିଶାଇବା ହେଉଛି ଅଙ୍କିତାଙ୍କର ବିଶେଷତା। ଏହି ବ୍ରାଣ୍ଡ୍ ପାରମ୍ପରିକ ଭାରତୀୟ ବସ୍ତ୍ର ଯଥା-ବାନ୍ଧନୀ, ବନାରସୀ ଆଦିରୁ ପ୍ରସ୍ତୁତ ଆଧୁନିକ ଡିଜାଇନ୍‌ଗୁଡ଼ିକ ତିଆରି କରିବାରେ ମାହିର। ତାଙ୍କର ଅଭିନବ 'ବେଷ୍ଟ୍ ଆଉଟ୍ ଅଫ୍ ବେଷ୍ଟ'ର ଏକ ପଦକ୍ଷେପ ବଳକା କପଡ଼ାକୁ ସ୍କ୍ରଞ୍ଚି, ପୋଟ୍‌ଲୀ ଓ ହେୟାର୍ ଆକ୍ସେସରିଜ୍‌ରେ ପରିବର୍ତ୍ତିତ କରିଦିଏ। ଏହି କାରଣରୁ ଅତି କମ୍ କପଡ଼ା ନଷ୍ଟ ହୁଏ। ଅଙ୍କିତାଙ୍କ ମତରେ-ସ୍ଥିରତା ତାଙ୍କ ପାଇଁ କେବଳ ଏକ ଶବ୍ଦ ନୁହେଁ-'ଏହା ସେମାନଙ୍କ ପାଇଁ ଏକ ମୁଖ୍ୟ ସିଦ୍ଧାନ୍ତ।' ଏହି ପ୍ରତିବଦ୍ଧତା ସଚେତନ ଉପଭୋକ୍ତାମାନଙ୍କ ହୃଦୟରେ ଏକ ସ୍ଥାନ ପାଇପାରିଛି। ଏହି କାରଣରୁ ବର୍ଷକୁ ବର୍ଷ ୫୦ ପ୍ରତିଶତ ପ୍ରଭାବଶାଳୀ ରାଜସ୍ୱ ବୃଦ୍ଧି ଓ କର ଦେବା ପରେ ଏହି ବ୍ରାଣ୍ଡ୍ ୫୦ ପ୍ରତିଶତ ଲାଭ ପାଉଛି। ପାରମ୍ପରିକ ଶିଳ୍ପ କୌଶଳକୁ ସଂରକ୍ଷିତ କରିବା ପ୍ରତି ତାଙ୍କର ସମର୍ପଣ ଭାବନାର ଏହା ହେଉଛି ଏକ ପ୍ରେରକ ଦିଗ। ଗର୍ବର ସହିତ ଅଙ୍କିତା କହନ୍ତି-ଆମେ ସବୁ ପ୍ରକାରର ଶରୀର ପାଇଁ ଡିଜାଇନ୍ କରୁଛୁ କାରଣ ଦାମୀ ଫ୍ୟାସନ୍‌କୁ ସାମ୍ପଲ୍ ସାଇଜ୍ ପର୍ଯ୍ୟନ୍ତ ସୀମିତ ରଖିବା ଉଚିତ ନୁହେଁ। ବ୍ରାଣ୍ଡର କ୍ୟାମ୍ପେନ୍‌କୁ ଅଲଗା ଅଲଗା ଡେଲ୍ ଦେଖେଇ ଦିଆଯାଏ। ଏହି ସମାବେଶୀ ଭାବନା ତାଙ୍କର ଉତ୍ପାଦ ପେଶ୍ କରିବା ପର୍ଯ୍ୟନ୍ତ ବ୍ୟାପି ସାରିଛି ଯେଉଁଥିରେ ବିଭିନ୍ନ ପ୍ରକାରର ଶରୀର ପାଇଁ କଷ୍ଟମ୍ ଓ ଅନୁକୂଳ ଫିଟ୍ ଡିଜାଇନ୍ କରାଯାଏ। ପ୍ରତିନିଧିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତା କାରଣରୁ ଦେଢ଼ ଲକ୍ଷରୁ ଅଧିକ ଓ ଫେସ୍‌ବୁକ୍‌ରେ ୨୦,୦୦୦ରୁ ଅଧିକ ଆନୁଗାମୀ ଅଛନ୍ତି।

କୌଣସି ବାଧାବିଘ୍ନ ବିନା ଅଙ୍କିତାଙ୍କ ସଫଳତାର ଯାତ୍ରା ଏପରି ଚାଲିନାହିଁ। ଡିଜାଇନ୍ ଚୋରୀ ଓ ଆପୂର୍ତ୍ତି ଶୃଙ୍ଖଳା ବ୍ୟବଧାନଗୁଡ଼ିକରୁ ଆରମ୍ଭ କରି ଅଲ୍‌ଗୋରିଦମ୍‌ର ପରିବର୍ତ୍ତନ ଓ ପ୍ରତିଭା ଅଧିଗ୍ରହଣ ପର୍ଯ୍ୟନ୍ତ ଅନେକ ପ୍ରକାରର ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଛି ଅଙ୍କିତାଙ୍କୁ। କିନ୍ତୁ ତାଙ୍କର ନମନୀୟତା ଓ ରଣନୀତିକ ଚିନ୍ତାଧାରା ଏସବୁ ବାଧାବିଘ୍ନଗୁଡ଼ିକୁ ବିକାଶର ଅବସରରେ ପରିବର୍ତ୍ତିତ କରିଦେଇଛି। ନବାଚାର ଓ ଅନୁକୂଳନଶୀଳତା ଜରିଆରେ ସେମାନେ ଆହ୍ୱାନଗୁଡ଼ିକ ଉପରେ ନା କେବଳ ବିଜୟ ପ୍ରାପ୍ତ କରିଛନ୍ତି ତାହା ନୁହେଁ ଏହି କାରଣରୁ ସଶକ୍ତ ହୋଇ ଆଗକୁ ବଢ଼ିପାରିଛନ୍ତି। ଅଙ୍କିତାଙ୍କ ବ୍ରାଣ୍ଡ୍ ବହୁତ ଶୀଘ୍ର ମୁମ୍ବାଇ ଓ ଦିଲ୍ଲୀରେ ରିଟେଲ୍ ସ୍ପେସ୍ ଖୋଲିବାର ପ୍ରସ୍ତୁତି କରୁଛି। ଏହା ସହିତ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଏଆଇ-ବେସ୍‌ଡ ଭର୍ଚୁଆଲ୍ ଟ୍ରାଏ-ଅନ୍‌କୁ ସାମିଲ କରାଯିବ। ଅଙ୍କିତା ବୋହରା, ଅଞ୍ଜନା ବୋହରାଙ୍କ ଅନୋଖା ଡିଜାଇନ୍ ଓ ଉଚ୍ଚ ଗୁଣବତ୍ତା କପଡ଼ା କେତେକ ସେଲିବ୍ରିଟି ଓ ଫ୍ୟାସନ୍ ଇନ୍‌ଫ୍ଲୁଏନ୍ସରଙ୍କୁ ନିଜ ଆଡ଼କୁ ଆକର୍ଷିତ କରିଛନ୍ତି। ଆଜିର ସମୟରେ କେତେକ ଅଭିନେତ୍ରୀ ସେମାନଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ଆଉଟ୍‌ଫିଟ୍‌କୁ ବଡ଼ ବଡ଼ ଇଭେଣ୍ଟରେ ଷ୍ଟାଇଲ୍ କରୁଥିବାର ଦେଖିବାକୁ ମିଳିଛି। ଏହା ବ୍ୟତୀତ କୋମଲ୍ ପାଣ୍ଡେ ଓ ଡଲୀ ଜୈନ୍ ଇନ୍‌ଫ୍ଲୁଏନ୍ସରଙ୍କ ସହିତ କୋଲାବୋରେସନ୍ କରି ସେମାନେ ଏହି ବ୍ରାଣ୍ଡର ଲୋକପ୍ରିୟତାକୁ ଆଗକୁ ବଢ଼େଇ ଦେଇଛନ୍ତି।



ପ୍ରକୃତି ପାଇଁ ଫ୍ୟାସନ୍ ଇଣ୍ଡଷ୍ଟ୍ରି ଧୀରେ ଧୀରେ ବହୁତ ହାନିକାରକ ହୋଇଚାଲିଛି। ୨୦୧୯ର ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ହେଉଛି ଫ୍ୟାସନ୍ ଇଣ୍ଡଷ୍ଟ୍ରି। କାରଣ ଫ୍ୟାସନ୍ ଇଣ୍ଡଷ୍ଟ୍ରିରେ ୭୫ ପ୍ରତିଶତ ପ୍ଲାଷ୍ଟିକ୍‌ର ବ୍ୟବହାର କରାଯାଏ। ଏହି ଉଦ୍ୟୋଗ ପ୍ରତିବର୍ଷ ୧.୫ ଟ୍ରିଲିୟନ୍ ଆବର୍ଜନା ଉତ୍ପାଦନ କରୁଛି। ଏହା ସହିତ କପଡ଼ା ଉତ୍ପାଦନରେ ମଧ୍ୟ ରସାୟନର ବ୍ୟବହାର କରାଯାଉଛି ଯେଉଁଥି ପାଇଁ କାର୍ବନ୍ ଡାଇଅକ୍ସାଇଡ୍ ଓ ଗ୍ରୀନ୍ ହାଉସ୍ ଗ୍ୟାସ୍‌ର ଉତ୍ସର୍ଜନ ହୋଇଥାଏ। ଦୁନିଆର ୨୩ ପ୍ରତିଶତ ରସାୟନର ଉପଯୋଗ କେବଳ ଫ୍ୟାସନ୍ ଇଣ୍ଡଷ୍ଟ୍ରିରେ ହେଉଥିବାରୁ ବର୍ତ୍ତମାନ ସମୟରେ ସଷ୍ଟେନେବଲ୍ ଫ୍ୟାସନ୍‌ର ଆବଶ୍ୟକତା ବହୁତ ଜରୁରୀ ହୋଇଗଲାଣି। ସଷ୍ଟେନେବଲ୍ ଫ୍ୟାସନ୍ ଜରିଆରେ ସାମଗ୍ରୀଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲେ ଯେଉଁ କାରଣରୁ ଆବର୍ଜନା ହ୍ରାସ ପାଇପାରେ। ଏଥିରେ କମ୍ ପାଣି, କମ୍ ଏନର୍ଜି, ରସାୟନର କମ୍ ବ୍ୟବହାର କରାଯାଏ ଯେଉଁଥିରେ କାର୍ବନ ଡାଇଅକ୍ସାଇଡ୍‌ର ଉତ୍ସର୍ଜନ କମ୍ ହୁଏ। ଫାଷ୍ଟ୍ ଫ୍ୟାସନ୍ କମ୍ପାନୀଗୁଡ଼ିକ ଯେଉଁ କମ୍ ଦାମ୍‌ରେ କପଡ଼ା ତିଆରି କରନ୍ତି ସେଗୁଡ଼ିକୁ ବର୍ଷରେ କେତେ ଥର ନୂଆ କଲେକ୍ସନ୍‌ରେ ଲଞ୍ଚ୍ କରାଯାଏ। ତେଣୁ ସମୟ ଆସିଗଲାଣି କପଡ଼ା ପରିବର୍ତ୍ତେ ପ୍ରକୃତି ଉପରେ ଧ୍ୟାନ ଦେବା ଉଚିତ। ସମୟ ଥାଉ ଥାଉ ଯଦି ଏହି ସମସ୍ୟାର ସମାଧାନ ନ ହେଉଛି ତେବେ ଆଗାମୀ ପିଢ଼ି ପ୍ରକୃତିର ରଙ୍ଗ ସବୁଜ ବୋଲି ଭୁଲିଯିବ। ତେବେ ସଷ୍ଟେନେବଲ୍ ଫ୍ୟାସନ୍‌କୁ ଏକ ନୂଆ ପରିଚୟ ଦେବା ଦିଗରେ କାମ କରୁଛନ୍ତି ଫ୍ୟାସନ୍ ଡିଜାଇନର୍ ଅଙ୍କିତା ବୋହରା।

ଫ୍ୟାସନ୍

# ହୋଲି ଓ ଧଳା ରଙ୍ଗର ପରମ୍ପରା

**ହୋଲି କେବଳ ଏକ ଉତ୍ସବ ନୁହେଁ, ଏହା ହେଉଛି ଜୀବନର ଉତ୍ସବ, ପ୍ରେମ, ଖୁସି ଓ ଏକତାର ଉତ୍ସବ। ହୋଲି ଆମକୁ କ୍ଷମା କରିବାର ଶକ୍ତି, ବିବିଧତାର ସୁନ୍ଦରତା ଓ ଖୁସି ବାଣ୍ଟିବାର ମହତ୍ତ୍ୱକୁ ସ୍ମରଣ କରାଇଦିଏ। ଯେଉଁ ରଙ୍ଗ ଆମେ ପରସ୍ପରକୁ ଲଗାଇ ଦିଅନ୍ତି କିମ୍ବା ଯେଉଁ ସ୍ମିତହାସ୍ୟ ଆମେ ପରସ୍ପର ସହିତ ସେୟାର୍ କରନ୍ତି ତାହା ସମସ୍ତଙ୍କ ସହିତ ନିକଟତର କରାଏ ଓ ସ୍ମୃତି ହୋଇ ରହିଯାଏ। ତେଣୁ ହୋଲିର ଅସଲ ଅର୍ଥକୁ ସେଲିବ୍ରେଟ୍ କରି ବାଧାବିଘ୍ନକୁ ଅତିକ୍ରମ କରି ମାନବତାର ସଚ୍ଚା ରଙ୍ଗକୁ ଆପଣାଇବା ଉଚିତ। ହୋଲି ହେଉଛି ପ୍ରେମ, ଏକତା ଓ ଉଲ୍ଲାସର ପ୍ରତୀକ। ଏହି ପର୍ବର ଏକ ଖାସ୍ କଥା ହେଉଛି ଲୋକମାନେ ସାଧାରଣତଃ ଧଳା ଡ୍ରେସ୍ ପିନ୍ଧି ହୋଲି ଖେଳିବାର ଦେଖିବାକୁ ମିଳେ। ହୋଲିରେ ଧଳା ବସ୍ତ୍ର ପରିଧାନ କରି ରଙ୍ଗ ଖେଳିବା ଏକ ଫ୍ୟାସନ୍ ଷ୍ଟେଟ୍‌ମେଣ୍ଟ ହୋଇ ସାରିଲାଣି କିନ୍ତୁ ଏହା ପଛରେ ଥିବା କାରଣ ବିଷୟରେ ଜାଣିବା।**





**ରଙ୍ଗର ଚମକ-** ଧଳା ରଙ୍ଗ ଶୁଦ୍ଧତା ଓ ସାଦାପଣର ପ୍ରତୀକ। ହୋଲି ଦିନ ଲୋକମାନେ ଧଳା ରଙ୍ଗର ଡ୍ରେସ୍ ପିନ୍ଧି ହୋଲି ଖେଳୁଥିବାରୁ ସେଥିରେ ରଙ୍ଗର ଚମକ ଆହୁରି ଅଧିକ ନଜର ଆସେ। ଧଳା ରଙ୍ଗର କପଡ଼ାର ମୂଳ ରୂପରେ ହୋଲି ଉତ୍ସବର ଆନନ୍ଦ ଦୁଇ ଗୁଣ ହୋଇଯାଏ। ଏହା ହେଉଛି ଏକ ପ୍ରକାରର ରଙ୍ଗଗୁଡ଼ିକ ପ୍ରତି ସମ୍ମାନ ଓ ସେଗୁଡ଼ିକର ସୁନ୍ଦରତାକୁ ଉଜାଗର କରିବାର ଏକ ଉପାୟ।

**ସାଂସ୍କୃତିକ ଓ ଐତିହାସିକ ମହତ୍ତ୍ୱ-** ହୋଲି ଉତ୍ସବ ପାଳନ କରିବା ଏକ ପୁରୁଣା ପରମ୍ପରା। ଏହା ସହିତ ଯୋଡ଼ି ହୋଇ ରହିଛି ଅନେକ ରୀତିନୀତି। ଧଳା କପଡ଼ା ପିନ୍ଧିବାର ପରମ୍ପରା ଏଥିମଧ୍ୟରୁ ଅନ୍ୟତମ। ପୁରୁଣା ସମୟରେ ଲୋକମାନେ ସାଦାପଣ ଓ ଶୁଦ୍ଧତାର ପ୍ରତୀକ ଭାବରେ ଧଳା ବସ୍ତ୍ର ପିନ୍ଧୁଥିଲେ। ତେଣୁ ହୋଲିରେ ଧଳା କପଡ଼ା ପିନ୍ଧିବା ଏହି ପରମ୍ପରାର ଏକ ଅଂଶବିଶେଷ ଯାହା ଆଜି ବି ଜୀବିତ ହୋଇ ରହିଛି।

**ଆଧ୍ୟାତ୍ମିକ ମହତ୍ତ୍ୱ-** ଧଳା ରଙ୍ଗ ଆଧ୍ୟାତ୍ମିକ ଭାବରେ ଶୁଦ୍ଧତା, ଶାନ୍ତି ଓ ନବିନୀକରଣର ପ୍ରତୀକ। ହୋଲିର ଉତ୍ସବ କେବଳ ବାହ୍ୟସ୍ତରରେ ନୁହେଁ ଆଭ୍ୟନ୍ତରୀଣ ଭାବରେ ଶୁଦ୍ଧ ଓ ନୂଆ ପ୍ରାରମ୍ଭ ଭାବରେ ଏକ ସନ୍ଦେଶ ଦେଇଥାଏ। ଧଳା କପଡ଼ା ପିନ୍ଧି ଲୋକମାନେ ଏହି ଆଧ୍ୟାତ୍ମିକ ଭାବନାକୁ ବ୍ୟକ୍ତ କରିଥାନ୍ତି, ନିଜ ମନ ଓ ଆତ୍ମାକୁ ଶୁଦ୍ଧ କରିବା ପାଇଁ ପ୍ରୟାସ କରିଥାନ୍ତି।

**ସାମାଜିକ ଏକତାର ପ୍ରତୀକ-** ହୋଲି ଉତ୍ସବ ସମାଜରେ ଏକତା ଓ ଭାଇଚାରାକୁ ଆଗକୁ ବଢ଼ାଇଥାଏ। ଧଳା କପଡ଼ା ପିନ୍ଧି ସମସ୍ତେ ଏକ ସମାନ ଦେଖାଯାଆନ୍ତି। ତେଣୁ କୌଣସି ଭେଦଭାବ ବିନା ଏକା ସହିତ ମିଶି ଖୁସି ପାଳନ କରିବାର ଏହା ହେଉଛି ସଠିକ୍ ସମୟ। ଏହି ରଙ୍ଗ ଜାତି, ଧର୍ମ ଓ ସାମାଜିକ ସ୍ଥିତିର ଭେଦଭାବକୁ ନଷ୍ଟ କରି ଏକଜୁଟ କରିଥାଏ।

**ପ୍ରାକୃତିକ ଓ ସୌନ୍ଦର୍ଯ୍ୟରେ ଭରପୂର-** ପ୍ରାକୃତିକ ଭାବରେ ସବୁ ରଙ୍ଗ ସହିତ ଧଳା ରଙ୍ଗ ମିଶିଯାଏ। ହୋଲି ଦିନ ଯେତେବେଳେ ଲୋକମାନେ ରଙ୍ଗରେ ଗାଧେଇ ପଡ଼ନ୍ତି ଧଳା ରଙ୍ଗ ସେହିସବୁ ରଙ୍ଗଗୁଡ଼ିକୁ ଜୀବନ୍ତ କରିଦିଏ। ଏହା ସୌନ୍ଦର୍ଯ୍ୟରେ ଭରିଥିବା ଏକ ଦୃଷ୍ଟିକୋଣ ଯାହା ହୋଲିର ଉତ୍ସାହକୁ ବୃଦ୍ଧି କରିଥାଏ।

**ଆଧୁନିକ ସମୟରେ ପ୍ରାସଙ୍ଗିକତା-** ଆଧୁନିକ ସମୟରେ ଧଳା ରଙ୍ଗ ପିନ୍ଧିବାର ପରମ୍ପରା ଜାରି ରହିଛି। ଧଳା ରଙ୍ଗ ନା କେବଳ ଏକ ଫ୍ୟାସନ୍ ଷ୍ଟେଟ୍‌ମେଣ୍ଟ ତାହା ନୁହେଁ ହୋଲିର ପାରମ୍ପରିକ ଭାବନାକୁ ବଜାୟ ରଖିବାର ଏକ ଉପାୟ ହୋଇପାରେ। ତେବେ ଘରେ ଯଦି ହୋଲି ପାର୍ଟିର ଆୟୋଜନ କରୁଥାନ୍ତି ତେବେ ମହିଳାମାନେ ଧଳା ରଙ୍ଗର ନେଟ୍ ପ୍ଲାଜୋ ସୁଟ୍, ସ୍ଲିଭ୍‌ଲେସ୍ ସୁଟ୍, ଗୋଟା-ପଟ୍ଟି ସୁଟ୍ ପିନ୍ଧି ନିଜକୁ ରୟାଲ୍ ଲୁକ୍ ଦେଇପାରିବେ। ଏହା ସହିତ ପ୍ରିଣ୍ଟେଡ୍ ଦୁପଟ୍ଟା ଆପଣଙ୍କ ସୌନ୍ଦର୍ଯ୍ୟକୁ ଦୁଇ ଗୁଣ ବୃଦ୍ଧି କରେଇବ। ଷ୍ଟାଇଲିଶ୍ ଲୁକ୍ ପାଇବା ପାଇଁ ସିମ୍ପଲ୍ ଜ୍ୱେଲେରୀ ପିନ୍ଧିପାରିବେ।

ଖାଦ୍ୟଶାଳ

# ଅମୃତସରୀ ଚିକେନ୍ ମସଲା

ନନ୍‌ଭେଜ ଖାଇବାକୁ ପସନ୍ଦ କରୁଥିବା ଲୋକମାନେ ହୋଲିରେ କିଛି ନା କିଛି ଏହିପରି ଡିସ୍ ତିଆରି କରନ୍ତି। ଯଦି ଏହି ସୂଚୀରେ ଆପଣ ସାମିଲ ଅଛନ୍ତି ତେବେ ଘର ପାଇଁ ଓ ଅତିଥିମାନଙ୍କୁ ସ୍ୱାଗତ କରିବା ପାଇଁ କିଛି ଅଲଗା ଓ ସ୍ୱାଦିଷ୍ଟ ନନ୍‌ଭେଜ ରେସିପି ପ୍ରସ୍ତୁତ କରନ୍ତୁ ଯାହାକୁ ରୁଟି, ନାନ୍ କିମ୍ବା ଭାତ ସହିତ ଖାଇପାରିବେ। ଏଥିପାଇଁ ଅମୃତସରୀ ଚିକେନ୍ ମସଲା ଏକ ବିକଳ୍ପ ହୋଇପାରେ। ଏହା ଏକ ପଞ୍ଜାବୀ ଡିସ୍।



**ମ୍ୟାରିନେସନ୍ ପାଇଁ-** ଚିକେନ୍-୫୦୦ ଗ୍ରାମ୍, କଟାଅଦା-୨ ଚାମଚ, ରସୁଣ ପେଷ୍ଟ-୨ ଚାମଚ, ଦହି-୩ ଚାମଚ, ଲେମ୍ବୁ ରସ-୧ ଚାମଚ, ସିର୍‌କା-୧ ଚାମଚ, ଧଣିଆ, ଜିରା, ଲାଲ୍ ଲଙ୍କା ପାଉଡର୍-୧ ଚାମଚ ଲେଖାଏଁ, ଲୁଣ-୧ ଚାମଚ, କଟା ପିଆଜ-୨ ଚାମଚ।

ଗ୍ରେଭି ପାଇଁ-ମଖନ-୨ ଚାମଚ, ଲାଲ୍ ଲଙ୍କା ପାଉଡର, ଧଣିଆ ଓ ଜିରା ପାଉଡର୍-୧ ଚାମଚ ଲେଖାଏଁ, କଟାଯାଇଥିବା ଅଦା-୧ ଚାମଚ, ପାଣି-ଅଧା କପ୍, ଲୁଣ-୧ ଚାମଚ, ଟମାଟୋ- ୬ଟି, ଚିନି- ଅଧା ଚାମଚ, ମଖନ-୩ ଚାମଚ, କ୍ରିମ୍-୩ ଚାମଚ।

**ପ୍ରଣାଳୀ-** ଚିକେନ୍‌କୁ ମ୍ୟାରିନେଟ୍ କରିବା ପାଇଁ ଏକ ବଡ଼ ପାତ୍ରରେ ସବୁ ସାମଗ୍ରୀକୁ ପକାଇ ମିଶାଇଦେଇ ଦୁଇ ଘଣ୍ଟା ପାଇଁ ଅଲଗା ରଖିଦେବେ। ଚିକେନ୍ ଗ୍ରେଭି କରିବା ପାଇଁ ପ୍ରଥମେ ଏକ ପ୍ୟାନ୍‌ରେ ମଖନ ପକାଇ ତରଳେଇ ଦେବେ। ସେଥିରେ ଲାଲ୍ ଲଙ୍କା ପାଉଡର୍ ପକାଇବେ। ଏବେ ଏଥିରେ ଧଣିଆ, ଜିରା ଓ କଟା ଯାଇଥିବା ଅଦା ପକାଇ ଭାଜି ଦିଅନ୍ତୁ। ଏଥିରେ ପାଣି ପକାଇ ମସଲାକୁ ଭଲ ଭାବରେ ଭାଜିଦେବେ। ମସଲାରେ ଏବେ ଲୁଣ, କଞ୍ଚା ଲଙ୍କା, ଟମାଟୋ ଓ ଚିନି ପକାଇ ଭଲ ଭାବରେ ମିଶେଇ ଦିଅନ୍ତୁ। ଅନ୍ୟ ଏକ ପ୍ୟାନ୍‌ରେ ମଖନ ପକାଇ ଖେଳେଇ ଦିଅନ୍ତୁ ଏଥିରେ ମ୍ୟାରିନେଟ୍ କରାଯାଇଥିବା ଚିକେନ୍ ପକାଇ ଭାଜିଦେବେ। ଚିକେନ୍ ସିଝିବା ପାଇଁ ପ୍ୟାନ୍‌କୁ ଘୋଡ଼େଇ ଦେବେ। ଚିକେନ୍ ସୁନେଲି ରଙ୍ଗ ହେବା ପରେ ଟମାଟୋ ଗ୍ରେଭିକୁ ସେଥିରେ ଢ଼ାଳି ଦିଅନ୍ତୁ। ଏବେ ଘୋଡ଼ଣି ହଟେଇ ଗ୍ରେଭିରେ କ୍ରିମ୍ ପକେଇ ମିଶେଇ ଦେବେ। ପ୍ରସ୍ତୁତ ହୋଇଗଲା ଅମୃତସରୀ ଚିକେନ୍। ଏହା ଉପରେ ମଖନ, ଧଣିଆ ପତ୍ର ଓ କଞ୍ଚା ଲଙ୍କା ପକାଇ ଗାର୍ଣ୍ଣିସ୍ କରି ଗରମ ଗରମ ଖାଇବାକୁ ଦିଅନ୍ତୁ।



## ଅନ୍ୟ ସାବଧାନତା

ରଙ୍ଗ ଖେଳିବା ସମୟରେ ଆସ୍ଥମା ରୋଗୀମାନଙ୍କୁ ନିଃଶ୍ୱାସ-ପ୍ରଶ୍ୱାସ ନେବାରେ ସମସ୍ୟା ହୋଇପାରେ। ସୁସ୍ଥ ସ୍ନାକ୍ସ ଖାଇବା ସହିତ ଆବଶ୍ୟକରୁ ଅଧିକ ଖାଦ୍ୟ ନଖାଇଲେ ଭଲ। ରସାୟନଯୁକ୍ତ ରଙ୍ଗ ଆଖି, ନାକ ଓ କାନର କ୍ଷତି କରିପାରେ। ତେଣୁ ହର୍ବାଲ୍ ରଙ୍ଗର ବ୍ୟବହାର କରନ୍ତୁ। ଏହା ସ୍କିନ୍ ପାଇଁ ସୁରକ୍ଷିତ। ହୋଲି ଖେଳିବା ପରେ ଶରୀରକୁ ଡିଟକ୍ସ କରିବା ପାଇଁ ଜିରା ପାଣି, ପାନମଧୁରି ପାଣି, ଡାଲଚିନି ପାଣି କିମ୍ବା ଗରମ ପାଣି ପିଅନ୍ତୁ।

**ଖାଦ୍ୟପେୟ-** ହୋଲିରେ ରଙ୍ଗର ମଜା ଯେତିକି ଥାଏ ସେତିକି ମଜା ଖାଦ୍ୟପେୟର ମଧ୍ୟ ଥାଏ। ଲୋକ ତେଲଛଣା ଜିନିଷର ମଜା ଉଠାଇ ଥାଆନ୍ତି। ଏ ସମୟରେ କ୍ୟାଲୋରୀର ଚିନ୍ତା ଥାଏ ନା ସ୍ୱାସ୍ଥ୍ୟର। ଶରୀରକୁ ଡିଟକ୍ସ କରିବା ପାଇଁ ବଜାରରେ ଅନେକ ଉତ୍ପାଦ ମିଳୁଛି ଯେଉଁଗୁଡ଼ିକ ପ୍ରାକୃତିକ ଉପାୟରେ ଶରୀରକୁ ପରିଷ୍କାର କରିବ। ମିଠେଇ ଓ ବିଭିନ୍ନ ପ୍ରକାରର ଖାଦ୍ୟପେୟ ଖାଇବା ଯୋଗୁ ଶରୀରରେ ଫ୍ୟାଟ୍ ଓ ସୁଗାର ବୃଦ୍ଧିପାଏ। ଏ ସମୟରେ ଲୁଣି ଖାଦ୍ୟ ରକ୍ତଚାପକୁ ସୁଟ୍‌ଅପ୍ କରିଦିଏ। ତେଣୁ ଶରୀରକୁ ଡିଟକ୍ସ କରିବା ବହୁତ ଜରୁରୀ ହୋଇପଡ଼େ। ତେବେ ହୋଲି ସମୟରେ ଅଳ୍ପ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନ ଭୋଜନରେ ଶାଗ, ଡ଼ାଲି ଓ ରୁଟି ଆଦି ଖାଇବା ଉଚିତ। ଏହାପରେ ୨-୩ ଥର ଗ୍ରୀନ୍-ଟି ପିଇପାରିବେ। ଏହା ବଡ଼ିକୁ ଡିଟକ୍ସ କରିବାରେ ସାହାଯ୍ୟ କରିବ।

ସ୍ୱାସ୍ଥ୍ୟ

## ଧ୍ୟାନ ରଖିବା ବହୁତ ଜରୁରୀ

ମସ୍ତି ଓ ଖୁସି ମନେଇବାର ପର୍ବ ହୋଲି ପାଇଁ ପୂରା ଦେଶରେ ଲୋକମାନଙ୍କ ଭିତରେ ଉତ୍ସାହ ବୃଦ୍ଧି ପାଉଛି। ଫାଲ୍‌ଗୁନ ମାସର ପୂର୍ଣ୍ଣିମା ତିଥିରେ ପାଳନ କରାଯାଉଥିବା ହୋଲି ପର୍ବର ପ୍ରସ୍ତୁତି ମଧ୍ୟରେ ଲୋକମାନେ ବିଶେଷ କରି ମହିଳାମାନେ ଏତେ ବ୍ୟସ୍ତ ରହିଯାଆନ୍ତି ଯେ ସେମାନେ ନିଜ ସ୍ୱାସ୍ଥ୍ୟକୁ ଅଣଦେଖା କରନ୍ତି। ତେଣୁ ରଙ୍ଗ ଖେଳିବା ସହିତ ସ୍ୱାସ୍ଥ୍ୟର ଖାସ୍ ଧ୍ୟାନ ରଖିବା ବହୁତ ଜରୁରୀ ହୋଇଥାଏ। ବିଶେଷ କରି ଗର୍ଭବତୀ ଓ ସ୍ତନ୍ୟପାନ କରଉଥିବା ମହିଳାମାନେ ଖରା, ରସାୟନଯୁକ୍ତ ରଙ୍ଗ ଓ ଅଧିକ ଖାଦ୍ୟପେୟ ଠାରୁ ଦୂରରେ ରହିବା ଉଚିତ। ଏହିସବୁ କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ। ଏହା ସହିତ କିଛି ତଥ୍ୟ ଉପରେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

**ସ୍କିନ୍ ଓ କେଶ**

- ହୋଲି ଖେଳିବା ପୂର୍ବରୁ ମୁହଁ ଓ ଶରୀରରେ ତେଲ ବା ଲୋଶନ ଲଗାଇଲେ ରଙ୍ଗ ସ୍କିନ୍‌ରେ ଲାଗିବ ନାହିଁ ଓ ସହଜରେ ଛାଡ଼ିଯିବ।
- ରଙ୍ଗ ଲଗେଇବା ପରେ ତୁରନ୍ତ ସାବୁନର ବ୍ୟବହାର କରନ୍ତୁ ନାହିଁ। ଏପରି କଲେ ସ୍କିନ୍ ଶୁଷ୍କ ହୋଇଯାଏ। ସ୍କିନ୍‌ରେ ଯଦି ଜ୍ୱଳନ ହେଉଥାଏ ତେବେ ମହୁ, ଦହି ଓ ହଳଦୀର ମିଶ୍ରଣ ଲଗାନ୍ତୁ।
- ହୋଲି ଖେଳିବା ପୂର୍ବରୁ କେଶରେ ତେଲ ଲଗାଇଲେ ଖୁବ୍ ଭଲ ପରିଣାମ ପାଇବେ। ରଙ୍ଗ କେଶର କ୍ଷତି କରିବ ନାହିଁ।
- ମୁହଁ ଓ ଆଖପାଖ ସ୍ଥାନରେ ସ୍କିନ୍‌ର କ୍ଷତି ନହେବା ପାଇଁ ପେଟ୍ରୋଲିୟମ୍ ଜେଲି, ସୋରିଷ ବା ନଡ଼ିଆ ତେଲ ଲଗାଇଲେ ସ୍କିନ୍‌ର କ୍ଷତି ହେବ ନାହିଁ।
- ଢ଼ିଲା ଓ ଫୁଲ୍ ସ୍ଲିଭ୍ ଥିବା ଡ୍ରେସ୍ ପିନ୍ଧନ୍ତୁ ଯେପରି ରଙ୍ଗ ସ୍କିନ୍‌ର କମ୍ କ୍ଷତି କରିବ।
- ଗର୍ଭବତୀ ଓ ସ୍ତନ୍ୟପାନ କରଉଥିବା ମହିଳାମାନେ ସିନ୍ଥେଟିକ୍ ରଙ୍ଗରୁ ଦୂରରେ ରହିବା ଉଚିତ କାରଣ ସେଥିରେ ଥାଏ ହାନିକାରକ ରସାୟନ ଯାହା ସ୍କିନ୍ ଓ ଶ୍ୱସନ ତନ୍ତ୍ର ମାଧ୍ୟମରେ ଶରୀରରେ ପ୍ରବେଶ କରେ ଓ ପିଲାର କ୍ଷତି କରିଥାଏ।
- ହୋଲି ଖେଳିବା ସମୟରେ ପାଣିରେ ତିଆରି ରଙ୍ଗର ଉପଯୋଗ କରିବା ସୁରକ୍ଷିତ ହୋଇପାରେ। ଏପରି ସ୍ଥିତିରେ ଥିବା ମହିଳାମାନେ ବେଶୀ ସମୟ ଖରାରେ ରହିବା ଅନୁଚିତ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା
ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ:** ବିଦ୍ୟାର୍ଥୀମାନେ ଅଧା ଥିବା କାମ ପୂରା କରିବେ। ସମାଜରେ ଲୋକପ୍ରିୟତା ବଢ଼ିବ। ଚାକିରି କ୍ଷେତ୍ରରେ ପୁରସ୍କାର ମିଳିପାରେ। କାମକୁ ସାବଧାନ ହୋଇ କରିବେ। ନୂଆ କାମର ପ୍ଲାନିଂ କରିବେ।

**ବୃଷ:** ନୂଆ ପ୍ରପର୍ଟି କିଣିବା ପାଇଁ ଯୋଗ ରହିଛି। କୋର୍ଟ କଚେରିର କାମରେ ସଫଳତା ପାଇବେ। କାମକୁ ନେଇ ଚାଲିଥିବା ଟେନ୍‌ସନ ଦୂର ହେବ। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦିନଟି ମିଶାମିଶି ଫଳ ଦେବ।

**ମିଥୁନ:** ଦିନଟି ପ୍ରସନ୍ନତାର ସହିତ ବିତିବ। ଗୁପ୍ତ ଶତ୍ରୁଙ୍କ ଠାରୁ ସାବଧାନ ରହିବେ। ପ୍ରଭାବଶାଳୀ ଲୋକଙ୍କ ସହିତ ସାକ୍ଷାତ କରିବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଖାସ୍। ଜୀବନସାଥିଙ୍କ ପରାମର୍ଶ କାମରେ ଆସିବ।

**କର୍କଟ:** ଦିନଟି ଆନନ୍ଦମୟ ରହିବ। ମନର ଇଚ୍ଛା ପୂରଣ ହେବ। ସୁଖ ସମୃଦ୍ଧି ଉପରେ ଖର୍ଚ୍ଚ କରିବେ। ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ। ନୂଆ ଲୋକଙ୍କ ସହିତ ସାକ୍ଷାତ କରିବେ। ଘରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ।

**ସିଂହ:** ଦିନ ଶେଷ ହେବା ଆଗରୁ ନୂଆ ଅବସର ପାଇବେ। ଅଫିସ୍ ରୋମାନ୍ସରେ ନ ପଡ଼ିଲେ ଭଲ। କାର୍ଯ୍ୟସ୍ଥଳରେ କୌଣସି ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ପ୍ରସ୍ତୁତ ରୁହନ୍ତୁ।

**କନ୍ୟା:** ଆଜି ଆପଣଙ୍କୁ କିମ୍ବା ଜୀବନସାଥିଙ୍କୁ କିଛି ଖୁସି ଖବର ମିଳିଯିବ। ସିଙ୍ଗଲ୍ସମାନେ ପ୍ରଥମ ପ୍ରେମରେ ପଡ଼ିପାରନ୍ତି। ପରିବାରର ଆବଶ୍ୟକତାକୁ ପୂରା କରୁ କରୁ ନିଜକୁ ଆରାମ ଦେବାକୁ ଭୁଲିଯିବେ।

**ତୁଳା:** ବଡ଼ ବିତ୍ତୀୟ ନିଷ୍ପତ୍ତି ନେବାର ସ୍ଥିତିରେ ରହିବେ। ସାଙ୍ଗସାଥିଙ୍କ ସହିତ ଅର୍ଥ ନେଣଦେଣର ସମସ୍ୟାର ସମାଧାନ କରିବେ। ଦାମୀ ଜିନିଷ ଉପରେ ଅଧିକ ଖର୍ଚ୍ଚ ନକଲେ ଭଲ।

**ବିଛା:** ଦୀର୍ଘ ସମୟରୁ ବାକିଥିବା ରାଶି ଆଜି ଆଦାୟ କରିବେ। ପାରିବାରିକ ଦାୟିତ୍ୱକୁ ଭୁଲନ୍ତୁ ନାହିଁ। ଜିନିଷ ହ୍ରାସ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ ନାହିଁ। ବାହାରକୁ ଯାଇ ନୂଆ ଅବସରର ସନ୍ଧାନ ନିଅନ୍ତୁ।

**ଧନୁ:** ନୂଆ ପ୍ରୋଜେକ୍ଟ ଆରମ୍ଭ କରିବା ପୂର୍ବରୁ ଅନୁଭବୀଙ୍କ ସହିତ କଥାବାର୍ତ୍ତା କରିବେ। ଘରେ ଉତ୍ସବର ପରିବେଶ ଦେଖାଦେବ। ଏହା ଚାପ ହ୍ରାସ କରେଇବ। ସାଲାଡ୍ ସହିତ ଭରପୂର ଡାଏଟ୍‌ର ଆନନ୍ଦ ନିଅନ୍ତୁ।

**ମକର:** ପୁରୁଣା ନିବେଶରୁ ଭଲ ରିଟର୍ଣ୍ଣ ପାଇବେ। ପିଲାଙ୍କ ଯତ୍ନରେ ବ୍ୟସ୍ତ ରହିବେ। କ୍ୟାରିୟର୍ ଦୃଷ୍ଟିରୁ ନିଜ କ୍ଲାଏଣ୍ଟସଙ୍କୁ କଥା ଦିଅନ୍ତୁ ନାହିଁ। ପୁରୁଣା ସାଙ୍ଗ ସାକ୍ଷାତ କରିବାକୁ ଆସିବେ।

**କୁମ୍ଭ:** ଆପଣଙ୍କର ହସମୁଖ ଗୁଣ ଆପଣଙ୍କର ବଡ଼ ସମ୍ପତ୍ତି। ପ୍ରେମୀମାନେ ପାରିବାରିକ ଭାବନାକୁ ଆବଶ୍ୟକତା ଠାରୁ ଅଧିକ ଧ୍ୟାନ ଦେବେ। ଦୀର୍ଘ ଦିନର ରୋଗରୁ ମୁକ୍ତି ମିଳିବ। ଅର୍ଥକୁ ମ୍ୟାନେଜ୍ କରିବା ପାଇଁ ଯୋଜନା ତିଆରି କରିବେ।

**ମୀନ:** ଦିନଟି ଖୁବ୍ ଭଲରେ ବିତିବ। ଅର୍ଥର ଗୁରୁତ୍ୱକୁ ଭଲ ଭାବରେ ବୁଝିଛନ୍ତି। ଅଫିସ୍‌ରେ ଲୋକଙ୍କ ସହିତ କଥା ହେବା ବେଳେ ସାବଧାନ ରୁହନ୍ତୁ। ବୁଝିବିଚାରି କାମ କରିବା ସହିତ ଧୈର୍ଯ୍ୟ ଧରନ୍ତୁ।

# ତାତିର ମୁକାବିଲା ନେଇ ପ୍ରସ୍ତୁତି



**ଟିଟିଲାଗଡ଼, ୧୨।୩/ଏନ୍‌ଏନ୍‌ଏସ୍‌:** ରାଜ୍ୟରେ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଗ୍ରୀଷ୍ମପ୍ରବାହ ରେକର୍ଡ ସୃଷ୍ଟି କରିଥିବାବେଳେ ଟିଟିଲାଗଡ଼ ଅଞ୍ଚଳର ତାପମାତ୍ରା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ ଖତ୍ରୀ ଉପଖଣ୍ଡ ପ୍ରଶାସନର ବିଭିନ୍ନ ବ୍ଲକ୍‌ର ଅଧିକାରୀ ଓ କର୍ମଚାରୀଙ୍କ ସହ ତାତିର ମୁକାବିଲା ତଥା ଜନଜୀବନ ସୁରକ୍ଷା ନେଇ ଆଲୋଚନା ସହ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ବିଶେଷକରି ଲୋକଙ୍କ ପାନୀୟଜଳର ସୁବ୍ୟବସ୍ଥା, ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ବିଶେଷ ସାବଧାନତା, ଅଂଶୁଘାତରେ ଆକ୍ରାନ୍ତଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ତ୍ୱରିତ ଚିକିତ୍ସା ବ୍ୟବସ୍ଥା ଓ ପ୍ରାଣୀ ସମ୍ପଦଙ୍କ ସୁରକ୍ଷା ଆଦି ନେଇ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଶୀତତାପ ନିୟନ୍ତ୍ରିତ କକ୍ଷ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସହର ତଥା ଗ୍ରାମାଞ୍ଚଳ ଛକ ଗୁଡ଼ିକରେ ଆବଶ୍ୟକମତେ ଜଳଛତ୍ର ବ୍ୟବସ୍ଥା ଓ ଜଳକ୍ଲିଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ପ୍ରସ୍ତୁତ ରହିବାକୁ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକ୍‌ର ବିଡିଓ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତରେ ଶୂନ୍ୟ ମୃତ୍ୟୁହାର ନେଇ ବ୍ୟାପକ ସଚେତନତା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରକାର, ଟିଟିଲାଗଡ଼ ବିଡିଓ ଚନ୍ଦ୍ରମଣି ନାଗ ଓ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ।

# ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ସ୍ମୃତି ସମାରୋହ



**ବଡ଼ବିଲ, ୧୨।୩/ଏନ୍‌ଏନ୍‌ଏସ୍‌:** ବଡ଼ବିଲ୍ ସତ୍ୟସାଇ ମନ୍ଦିରରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୋରରୁ ଓଁକାରମ୍, ସୁପ୍ରଭାତମ୍, ନଗର ସଙ୍କୀର୍ତ୍ତନ ଓ ଷୋଡ଼ଶ ଉପାଚାର ପୂଜା କରାଯାଇଥିଲା। ସକାଳ ୮ଟାରେ ମୁଖ୍ୟକର୍ତ୍ତା ଶଶିକାନ୍ତ ଶର୍ମାଙ୍କ ଦ୍ୱାରା ବିଧିବଦ୍ଧ ବାର୍ଷିକ ଉତ୍ସବର ପୂଜା ହୋଇଥିଲା। ପରେ ନାରାୟଣ ସେବାରେ ନାରାୟଣଙ୍କୁ ବସ୍ତ୍ର ଓ ପ୍ରସାଦ ବଣ୍ଟା ଯାଇଥିଲା। ସନ୍ଧ୍ୟା ସମୟରେ ହରେକୃଷ୍ଣ ମହାମନ୍ତ ନାମ କୀର୍ତ୍ତନ ସହ ସତ୍ୟସାଇ ଭଜନ ହୋଇଥିଲା। ସନ୍ଧ୍ୟାରେ ସାଇ କଳା କେନ୍ଦ୍ରର କୁନି କୁନି କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ବିଲ୍ ମୁନସିପାଲିଟିର ଏକଜିକ୍ୟୁଟିଭ୍ ଅଫିସର ରମେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଦୀପକ ଷ୍ଟିଲ୍‌ର ଡାଇରେକ୍ଟର ଶଶିକାନ୍ତ ଶର୍ମା ଓ ସମାଜସେବୀ ଶଙ୍କର କୋନାର ଉପସ୍ଥିତ ଥିଲେ। ମିନତୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ମିଶ୍ର, ପ୍ରଫୁଲ୍ଲ ମହାପାତ୍ର, ଗୁରୁ କଳ୍ପତରୁ ଆଚାର୍ଯ୍ୟ, ରବି ରାଓ, କୀର୍ତ୍ତନ ରାଉଳ, ବିନୟ ଭୂଷଣ ବିଶ୍ୱାଳ, ସନ୍ତୋଷ ଚୌଧୁରୀ, ରାଜେଶ ନାୟକ, ସୁକାନ୍ତ ସାହୁ, ପ୍ରକାଶ ପ୍ରଧାନ, ବିଶ୍ୱଜିତ ପଣ୍ଡା, ଅନିତା ବାରିକ, ବଳରାମ ସା, ସତ୍ୟବ୍ରତ ବଡ଼ପଣ୍ଡା, ପ୍ରଦୀପ ମହନ୍ତ, ଭୀଷ୍ମ ପାତ୍ର ଓ ତପନ ପ୍ରମୁଖଙ୍କ ସମେତ ସତ୍ୟସାଇ ସେବା ସମିତି ବଡ଼ବିଲ୍‌ର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ଲମ୍ବା ଧାଡ଼ିରେ ରୋଗୀ, ଡାକ୍ତରଙ୍କ ଦେଖାନାହିଁ

**କେନ୍ଦ୍ରାପଡ଼ା, ୧୨।୩/ଏନ୍‌ଏନ୍‌ଏସ୍‌:** ଇଚ୍ଛାପୁର ନିକଟ ଶ୍ୟାମଗୁଡ଼ିଆରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ ଅଟ୍ଟାଳିକା ଶହେ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିଲା। ଏଠାରେ ରୋଗୀଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ମିଳିବ ବୋଲି ଆଶା ଥିଲା କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ରହିଛି। ସକାଳ ୮ଟାରୁ ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବର୍ହିବିଭାଗରେ ଡାକ୍ତରମାନେ ଡ୍ୟୁଟି କରିବାର ନିୟମ ଥିବାବେଳେ ସେମାନେ ମନଇଚ୍ଛା ଆସୁଛନ୍ତି। କେତେକ ବର୍ହି ବିଭାଗକୁ କେତେବେଳେ ଡାକ୍ତର ଦୁଇ ଘଣ୍ଟା ବିଳମ୍ବରେ ଆସୁଛନ୍ତି ତ କେତେବେଳେ ଜମାରୁ ଆସୁ ନାହାନ୍ତି। ଫଳରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଏହାଦ୍ୱାରା ଦୂରଦୂରାନ୍ତରୁ ଚିକିତ୍ସା ପାଇଁ ଆସିଥିବା ରୋଗୀ ଓ ସେମାନଙ୍କୁ ନେଇ ଆସିଥିବା ସମ୍ପର୍କୀୟମାନେ ହେଉଛନ୍ତି। କେତେକ ରୋଗୀ ବାଧହୋଇ ଘରୋଇ ନର୍ସିଂହୋମ୍ ଯାଉଛନ୍ତି। ଆଉ କେତେକ ରୋଗୀ ଗାଁକୁ ଫେରି ଯାଉଛନ୍ତି। ଏପରି ଦୃଶ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ଦେଖିବାକୁ ମିଳୁଛି। କାଜୁଆଲ୍ଟିକୁ ଛାଡ଼ିଦେଲେ ବର୍ହି ବିଭାଗ ଡାକ୍ତର ସଠିକ୍ ସମୟରେ ଏବଂ ସେମାନଙ୍କର ଯେଉଁଦିନ ପାଳି ରହିଛି ଆସୁନାହାନ୍ତି। ଏହି ବିଶେଷଜ୍ଞ ଡାକ୍ତରମାନେ ସରକାରୀ ଡାକ୍ତରଖାନାକୁ



ନଆସି ଘରୋଇ ନର୍ସିଂହୋମ୍‌ରେ ରହି ରୋଗୀଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ ହୋଇଛି।

କେତେକ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି ଯେ ସେମାନେ ୪୦ରୁ ୫୦ କିଲୋମିଟର ଦୂରରୁ ଆସି ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛନ୍ତି। କିନ୍ତୁ ଅନେକ ସମୟରେ ଡାକ୍ତର ନଆସିବାରୁ ସେମାନେ ନିରାଶ ହେଉଛନ୍ତି। କେହି କେହି ରୋଗୀ ଏଠାରେ ଡାକ୍ତର ଦେଖାଇବା ପାଇଁ ହୋଟେଲ୍ ଓ ଲଜ୍‌ରେ ରହି ଅଯଥା ଅର୍ଥ ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ତେଣୁ ଏହାର ପ୍ରତିକାର କରି ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କୁ

**ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ଦାବି**

ଚିକିତ୍ସା ସେବା ଯୋଗାଇବା ପାଇଁ ରୋଗୀଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ରାଜନଗର ମଦନପୁର ଗ୍ରାମରୁ ଆସିଥିବା ଶୁକଦେବ ପ୍ରଧାନ ଓ ଆର୍ତ୍ତ ସେଠୀ ଏବଂ ମହାକାଳପଡ଼ାର ଚଢ଼େଇଗୁଆଁରୁ ବୁଧବାର ଆସିଥିବା ସତ୍ୟବ୍ରତ ବିଶ୍ୱାଳ ଓ କାଦମ୍ବିନୀ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ସେମାନେ ୪୦ କିଲୋମିଟର ଦୂରରୁ ଚିକିତ୍ସା ପାଇଁ ଏଠାକୁ ଆସିଛନ୍ତି। ସକାଳ ୬ଟାରୁ ଲମ୍ବାଲାଇନ୍‌ରେ ଥିଲେ ମଧ୍ୟ ୯ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଆସିନଥିଲେ। ଫଳରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ି ଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରମୋଦ ପ୍ରହରାଜଙ୍କୁ ପଚାରିବାରୁ ଏଠାରେ ଡାକ୍ତରଙ୍କ ସଂଖ୍ୟା ବହୁତ କମ୍ ରହିଛି। ତଥାପି ଡ୍ୟୁଟିରେ ଖିଲାପ କରୁଥିବା ଡାକ୍ତରଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପିକଅପ୍ ଜବତ, ୧୨ ଗୋରୁ ଉଦ୍ଧାର

**ସୋର, ୧୨।୩/ଏନ୍‌ଏନ୍‌ଏସ୍‌:** ସୋର ପୌରପାଳିକା ଅନ୍ତର୍ଗତ ଇଟୁଆ ଗ୍ରାମରୁ ଏକ ବେଆଇନ ଗୋରୁ ବୋଝେଇ ପିକଅପ୍ ପୁଲିସ ଜବତ କରିଛି। ବୁଧବାର ଅପରାହ୍ନରେ ଏକ ପିକଅପ୍ ଡଗରପଡ଼ାରୁ ବେଆଇନ ଭାବେ ୧୨ଟି ଗୋରୁ ବୋଝେଇ କରି ସୋର ଅଭିମୁଖେ ଆସୁଥିବାବେଳେ କଲେଜ ଛକ ନିକଟରେ ଏହାର ଚକା ଫାଟି ଯାଇଥିଲା। ସ୍ଥାନୀୟ ଲୋକେ ଗାଡ଼ି ପାଖରେ ପହଞ୍ଚିବା ପରେ ଏହାର ଚାଳକ ଦ୍ରୁତ ଗତିରେ ଇଟୁଆ ଗ୍ରାମକୁ ପଳାଇ ଆସି ପୀର ଆସ୍ଥାନ ନିକଟରେ ଗାଡ଼ିଟିକୁ ରଖିଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ସେଥିରେ ଗୋରୁ ବୋଝେଇ ହୋଇଥିବା ଜାଣିପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରି ଥାନାକୁ ଆଣିବା ସହ ୧୨ଟି ଗୋରୁଙ୍କୁ ଉଦ୍ଧାର କରି ମଇତାପୁର ଗୋଶାଳାରେ ଛାଡ଼ିଥିବା ଜଣାପଡ଼ିଛି। ଏନେଇ ସୋର ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା

**ବାରିପଦା, ୧୨।୩/ଏନ୍‌ଏନ୍‌ଏସ୍‌:** ବାରିପଦା ବନଖଣ୍ଡ ପକ୍ଷରୁ ଏକ ବନାଗ୍ନି ନିବାରଣ ଏବଂ ନିୟନ୍ତ୍ରଣ ନିମନ୍ତେ ଜନସଚେତନତା କାର୍ଯ୍ୟକ୍ରମ ବାଲିଡ଼ିହାରେ ଅନୁଷ୍ଠିତ ହୋଇଯାଇଛି। ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦର ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗଦେଇ ଜଙ୍ଗଲ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ଏନ୍‌ଜିଓର ସମ୍ପାଦିକା ସୁଶ୍ରୀ ସଂଯୁକ୍ତା ବସା, ସ୍ୱାର୍ଦା ଏନ୍‌ଜିଓର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ବାରିପଦା ଏସିଏଫ୍ ରବିନାରାୟଣ ମହାନ୍ତି, ଶିମିଳିପାଳ ଦକ୍ଷିଣ ଏସିଏଫ୍ ପ୍ରଶାନ୍ତ କୁମାର ସାହୁ, ଶିମିଳିପାଳ



ଉତ୍ତର ଏସିଏଫ୍ ଶୈଳେନ୍ଦ୍ର ଦାସ, ବାରିପଦା ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଓ ଅଗ୍ନି ନିବାରଣ ବିଭାଗର ସହକାରୀ ଅଧିକାରୀ ଗୁଣଧର ଜେନା ପ୍ରମୁଖ ଯୋଗଦେଇ ଲୋକଙ୍କୁ ଜଙ୍ଗଲ ଅଗ୍ନିର ନିବାରଣ ଓ ନିୟନ୍ତ୍ରଣ ବାବଦରେ ସଚେତନ କରାଇଥିଲେ। ସହକାରୀ ବନ ସଂରକ୍ଷକ ରବି ନାରାୟଣ ମହାନ୍ତି ଲୋକଙ୍କୁ ଜଙ୍ଗଲ ନିଆଁ ସମ୍ବନ୍ଧରେ ତାଲିମ ଦେଇଥିବାବେଳେ ବାରିପଦା ବନଖଣ୍ଡ ଅଧିକାରୀ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲରେ ନିଆଁ ନଲଗାଇବା ନିମନ୍ତେ ସମୂହ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଶାମାଖୁଣ୍ଟା, ସିନ୍ଦୁରଗୌରା, ବାଲିଡ଼ିହା, କୁଚିଲାଘାଟି, ଭାଲୁକି ଓ କଳାପଥର ପଞ୍ଚାୟତର ସରପଞ୍ଚଙ୍କ ସହିତ ନିକଟସ୍ଥ ଅଞ୍ଚଳର ଦେହୁରୀ ଓ ଜଙ୍ଗଲ କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ଫରେଷ୍ଟର୍

**ଢେଙ୍କାନାଳ, ୧୨।୩/ଏନ୍‌ଏନ୍‌ଏସ୍‌:** ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଞ୍ଚଳ ମହାବିରରୋଡ଼ ଅନ୍ତର୍ଗତ ଡିହଡ଼ୋଳ ଫରେଷ୍ଟ ସେକ୍ସନ୍‌ର ଫରେଷ୍ଟର ବିଶ୍ୱନାଥ ସୋରେନ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଗିରଫ କରିଛି। ଘଟଣାରୁ ପ୍ରକାଶ, ସ୍ଥାନୀୟ ଅଞ୍ଚଳର ବଳରାମ ସାହୁ ରିଜର୍ଭ ଫରେଷ୍ଟ ଅଞ୍ଚଳରୁ ମାଟି ଖୋଳି ଅନ୍ୟତ୍ର ଚାଲାଣ କରୁଥିବାବେଳେ ଫରେଷ୍ଟର ବିଶ୍ୱନାଥ ଚଢ଼ଉ କରିଥିଲେ। ଏହି ମାଟି ଚାଲାଣର ଫଟୋ ଉତ୍ତୋଳନ କରି ବଳରାମକୁ ୩୨ ହଜାର ଟଙ୍କା ଅର୍ଥ ଦାବି କରିଥିଲେ। ଏହି ଦାବି ମୁତାବକ ବଳରାମ ତାଙ୍କ ପାଖରେ ଥିବା ୧୦ ହଜାର ଟଙ୍କା ବିଶ୍ୱନାଥଙ୍କୁ ଦେଇଥିଲେ। ମାତ୍ର ଆଉ ୧୭ ହଜାର ଟଙ୍କା ଦେବାପାଇଁ ଫରେଷ୍ଟର୍ ବଳରାମଙ୍କୁ କହିବା ସହ ନଦେଲେ ତାଙ୍କ ଫଟୋ ଅନୁଯାୟୀ ତାଙ୍କୁ ଗିରଫ କରିବାକୁ ଧମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ବଳରାମ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ ଭିଜିଲାନ୍ସ ଛପି ରହିଥିବାବେଳେ ବଳରାମ ବିଶ୍ୱନାଥଙ୍କୁ ୧୦ ହଜାର ଟଙ୍କା

**୧୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗିରଫ**

ପ୍ରଦାନ କରିଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ନଗଦ ଅର୍ଥ ସହ ବିଶ୍ୱନାଥଙ୍କୁ ଗିରଫ କରିଥିଲେ। ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବିଶ୍ୱନାଥଙ୍କ ଅଫିସ କାର୍ଯ୍ୟାଳୟ ସହ ଘରେ ତଲାସି କରାଯାଇଥିଲା।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

# ବେସରକାରୀ ସଂସ୍ଥାର ପଦପଦବୀ ପାଇଁ ୧୨୧୫ ନିଯୁକ୍ତ

**ଯାଜପୁର, ୧୨।୩/ଏନ୍‌ଏନ୍‌ଏସ୍‌:** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ଆନୁକୂଲ୍ୟରେ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ, ସାଂସଦ ପ୍ରତିନିଧି ଫନିନ୍ଦ୍ର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଯାଜପୁର ପୌରଅଧ୍ୟକ୍ଷା ରଞ୍ଜୁଲତା ହୋତା, ଏନ୍ ସି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ରଞ୍ଜନ କୁମାର ବେହେରା, ସରକାରୀ ବହୁମୁଖୀ ବୈଷୟିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡକ୍ଟର ସୁଭାଙ୍ଗ କିଶୋର ଦାଶ, ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନର ଅଧ୍ୟକ୍ଷ ପଦ୍ମଚରଣ ସେଠୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ପ୍ରାୟ ୫୦ଟି ବେସରକାରୀ ସଂସ୍ଥାର ନିଯୁକ୍ତିଦାତାଙ୍କ ସମେତ ୧୫ଟି ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରୀ ସଂସ୍ଥାର ପ୍ରତିନିଧି ଓ ୩ଟି ଦୀର୍ଘ ମିଆଦୀ ତାଲିମ୍ ପ୍ରଦାନକାରୀ ଅନୁଷ୍ଠାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୪୨୨ ନିଯୁକ୍ତି ଆଶାୟୀ ଯୁବକ ଯୁବତୀ ପଞ୍ଜୀକୃତ ହୋଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୧୨୧୫ ଜଣ ଯୁବକ ଯୁବତୀ ବିଭିନ୍ନ ବେସରକାରୀ ସଂସ୍ଥାର ପଦପଦବୀ ପାଇଁ ନିଯୁକ୍ତିଦାତାଙ୍କ ଦ୍ୱାରା ପ୍ରାଥମିକ ଭାବେ ଚୟନ ହୋଇଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ସହିତ ଅନୁବନ୍ଧିତ ଥିବା ବିଭିନ୍ନ



ଦକ୍ଷତା ବିକାଶ ତାଲିମ୍ ପ୍ରଦାନକାରୀ ସଂସ୍ଥାଙ୍କ ଦ୍ୱାରା ସ୍ୱଳ୍ପ ଅବଧିର ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ତାଲିମ ନିମନ୍ତେ ୮୬୮ ଜଣ ଯୁବକ ମନୋନୀତ ହୋଇଥିଲେ। ସେହିପରି ଦୀର୍ଘ ଅବଧିର ଦକ୍ଷତା ବିକାଶ ତାଲିମ୍ ନିମନ୍ତେ ୧୮୦ ଜଣ ଯୁବକ ଇଚ୍ଛାପ୍ରକାଶ କରିଥିବାବେଳେ ୬୯ ଜଣ ଯୁବକ ଯୁବତୀ ଆତ୍ମନିଯୁକ୍ତି ତାଲିମ୍ ମାଧ୍ୟମରେ ରୋଜଗାରକ୍ଷମ ହେବା ପାଇଁ ଆବେଦନ କରିଥିଲେ। ତାଲିମ୍ ସମୟରେ ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ୧୮ ରୁ ୩୫ ବର୍ଷ ବୟସ ମଧ୍ୟରେ ଶିକ୍ଷାଗତ ଯୋଗ୍ୟତା ୫ମ ଶ୍ରେଣୀ ପାସ୍‌ରୁ ସ୍ନାତକ ପାସ୍, ଆଇଟିଆଇ, ଡିପ୍ଲୋମା ଓ ନର୍ସିଂ ପାସ୍ କରିଥିବା ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ଇଚ୍ଛା ମୁତାବକ ନିଯୁକ୍ତି ପ୍ରଦାନକାରୀ ଘରୋଇ ସଂସ୍ଥାର ପ୍ରତିନିଧିଙ୍କ ସହିତ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ସାକ୍ଷାତକାର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ, ଅଗ୍ନିଶମ ବିଭାଗର କର୍ମଚାରୀ, ଜିଲ୍ଲା ଚିକିତ୍ସାର କର୍ମଚାରୀ ଓ ଆମ୍ବୁଲାନ୍ସ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଓ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ କର୍ମଚାରୀ ରାକେଶ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରୁଥିବାବେଳେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବେଆଇନ ରାସ୍ତା ନିର୍ମାଣରୁ ନାଳ ଅବରୋଧ

**କେନ୍ଦୁଝର, ୧୨।୩/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ସଦର ତହସିଲ ଧୃପଦା ନିକଟ ମୋଚିଗାଁରେ ରାସ୍ତା ନିର୍ମାଣ ପାଇଁ ବର୍ଜ୍ୟବସ୍ତୁ ପକାଇ ନାଳ ଅବରୋଧ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥ ୪୯ କଡ଼ ମୋଚିଗାଁରେ ସରକାରୀ ଜମି ଜବରଦଖଲ କରି ଏହି ରାସ୍ତା ନିର୍ମାଣ ଚାଲିଛି। ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ କଳାଗୁଣ୍ଡ ବ୍ୟବହାର କରାଯାଉଥିବାରୁ ଉକ୍ତ ଅଞ୍ଚଳରେ ଜଳ, ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେଉଛି। ଏନେଇ ପୂର୍ବରୁ ଅଭିଯୋଗ ହେବାପରେ ତହସିଲ ପକ୍ଷରୁ ସଦର ରାଜସ୍ୱ ନୀରିକ୍ଷକ ଏବଂ ଅନ୍ୟ କର୍ମଚାରୀ ତଦନ୍ତ କରି ରାସ୍ତା ବନ୍ଦ କରିଥିଲେ। ଏବେ ପୁଣି ଜମି ମାଫିଆମାନେ ନାଳ ଉପରେ କଳାଗୁଣ୍ଡ ପକାଇ ରାସ୍ତା ନିର୍ମାଣ କରୁଛନ୍ତି। ରାଜପଥ ପାର୍ଶ୍ୱ ନୟନଯୋରିକୁ ପୋତି ରାସ୍ତା ନିର୍ମାଣ ହେଉଥିବାରୁ ଜଳପ୍ରବାହ ବନ୍ଦ ହେବା ସହ ମୃତ୍ତିକା ପ୍ରଦୂଷିତ ହୋଇଛି। ସେହିପରି ରାଜପଥ ପାର୍ଶ୍ୱରେ କୋଟି କୋଟି ଟଙ୍କା ବ୍ୟୟରେ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା କରାଯାଇଥିବା ବନୀକରଣ ମଧ୍ୟ



କ୍ଷତିଗ୍ରସ୍ତ ହୋଇଛି। ଜମି ମାଫିଆମାନେ ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ କରାଯାଇଥିବା ବନୀକରଣ ନିକଟରେ କଳାଗୁଣ୍ଡ ପକାଇ ରାସ୍ତା କରୁଛନ୍ତି। ନାଳ ପୋତି ହୋଇଯାଇଥିବାରୁ ବର୍ଷା ଦିନରେ ସହରର ପାଣି ନିଷ୍କାସନରେ ସମସ୍ୟା ହେବାର ଆଶଙ୍କା ରହିଛି। ଏନେଇ ସଦର ତହସିଲଦାର୍ ଶୁଭେନ୍ଦୁ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ଯାଞ୍ଚ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାପାର୍ଶ୍ୱ ନାଳକୁ ଅବରୋଧ କରି ବେଆଇନ ଭାବେ ରାସ୍ତା ହେଉଥିବା ନେଇ ଅଭିଯୋଗ ହୋଇଛି। ତୁରନ୍ତ ଉକ୍ତ ସ୍ଥାନକୁ ଉଚ୍ଛେଦ କରିବା ପାଇଁ ତହସିଲଦାର୍‌ଙ୍କୁ ଚିଠି କରାଯାଇଛି। ସେହିପରି ଧୃପଦା ଓଭରବ୍ରିଜ୍ ତଳେ ଏନ୍‌ଏଚ୍‌ଏଆଇ ଜମି ଅବରୋଧ ହୋଇଥିଲେ ପଦକ୍ଷେପ ନିଆଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଏଫ୍‌ଡିସି ଡିଭିଜନାଲ୍ ମ୍ୟାନେଜର୍ ଜେ ପି ସିଂହଙ୍କ ସହ ଯୋଗାଯୋଗ କରିବାରୁ ବିଭାଗ ପକ୍ଷରୁ କରାଯାଇଥିବା ବନୀକରଣ ନଷ୍ଟ ହୋଇ ରାସ୍ତା ନିର୍ମାଣ ହେଉଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜମି ମାଫିଆମାନେ କେବଳ ଏହି ଗୋଟିଏ ସ୍ଥାନ ନୁହେଁ ସହର ଏବଂ ଆଖପାଖ ଅଞ୍ଚଳରେ କାରଖାନା ବର୍ଜ୍ୟବସ୍ତୁ ପକାଇ ବିଭିନ୍ନ ସ୍ଥାନରେ ରାସ୍ତା କରୁଛନ୍ତି। ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ହେଲେ କିଏ ଏବଂ କେଉଁ କାରଖାନାରୁ ବର୍ଜ୍ୟବସ୍ତୁ ଆଣି ପକାଉଛନ୍ତି ତାହା ଜଣାପଡ଼ିବ। ପାର୍ଟ ପ୍ଲଟ୍ ବିକ୍ରି ସମ୍ପୂର୍ଣ୍ଣ ନିଷେଧ ଥିଲେ ମଧ୍ୟ କେତେକ ଜମି ମାଫିଆ ବେଆଇନ ଭାବେ ଲୋକଙ୍କୁ ଠକି ଚାଷ ଜମିକୁ ପାର୍ଟ ପ୍ଲଟ୍ କରି ବିକ୍ରି କରୁଛନ୍ତି। ଲୋକମାନେ ଜମି କିଣି ସାରି ଘର ବାଡ଼ି କରିବା ପାଇଁ ଆବେଦନ କଲେ ଘରବାଡ଼ି ହୋଇ ପାରୁନାହିଁ। ସେସମୟରେ ଜମି ବିକ୍ରି କରିଥିବା ଦଲାଲମାନେ ଧରାଛୁଆଁ ଦେଉନାହାନ୍ତି। ଏପରି ଜମିକୁ କବଲା ନ କରିବା ପାଇଁ ସବ୍‌ରେଜିଷ୍ଟ୍ରାର୍ ଗୁରୁତ୍ୱ ଦେଲେ ବହୁ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

# ଏଫ୍‌ଏମ୍‌ୟୁରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ



**ବାଲେଶ୍ୱର, ୧୨।୩/ଏନ୍‌ଏନ୍‌ଏସ୍‌:** ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଶିରୀଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଡ. ଶିରୀଶ ଚନ୍ଦ୍ର ଜେନା ଓଡ଼ିଆ ଭାଷାକୁ ଜ୍ଞାନ ବିଜ୍ଞାନର ଭାଷା ଭାବେ ଗ୍ରହଣ କରିବା ଚଳିତ ଶତାବ୍ଦୀରେ ଅତ୍ୟନ୍ତ ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଭାଷା ଓ ସାହିତ୍ୟ ବିଭଗର ବିଭାଗ ମୁଖ୍ୟ ପ୍ରଫେସର୍ ଦେବାଶିଷ ପାତ୍ର ଓଡ଼ିଆ ଭାଷାର ବ୍ୟବହାର ବିଷୟରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଇଂରାଜୀ ବିଷୟର ସହଯୋଗୀ ଅଧ୍ୟାପିକା ଡ. ସୋନାଲି ଦାସ ଓଡ଼ିଆ ଭାଷାରେ ରଚିତ ସାରଳା ମହାଭାରତ ଓ ଏହାର ଭାଷା ସମଗ୍ର ଭାରତରେ ଓଡ଼ିଆ ଭାଷାକୁ ପରିଚୟ ଦେଇପାରିଛି ବୋଲି ପ୍ରକାଶ କରିବା ସହ ଭାରତର ବିଭିନ୍ନ ଭାଷାରେ ଏହାର ଅନୁବାଦ କରାଯିବାର ଆବଶ୍ୟତା ଉପରେ ଗୁରୁତ୍ୱ ଦେଇଥିଲେ। କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଓଡ଼ିଆ ଭାଷାର ସ୍ୱତନ୍ତ୍ର ତଥା ଶାସ୍ତ୍ରୀୟ ଲକ୍ଷଣ ଗୁଡ଼ିକ ଉପରେ ଆଲୋକପାତ କରିବା ସହ ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ ଏହି ଭାଷାର ସମୃଦ୍ଧି ପାଇଁ ସମସ୍ତ ଓଡ଼ିଆ ନିଃସ୍ୱାର୍ଥପର ଭାବେ ଅଣ୍ଟାଭିଡ଼ି ଛିଡ଼ା ହେବା ଉଚିତ ବୋଲି ପ୍ରକାଶ କରିଥିଲେ। ଭାଷା ସାହିତ୍ୟ ବିଭଗର ଅଧ୍ୟାପକ ଡ. ପ୍ରହ୍ଲାଦ ଖିଲାର ଓଡ଼ିଆ ଭାଷା ଯଥାର୍ଥରେ ଓଡ଼ିଶାର ଅସ୍ମିତା ଓ ଓଡ଼ିଆ ଭାଷା ବିକ୍ଷିପ୍ତ ହୋଇଗଲେ ଆମେ ମଧ୍ୟ ହଜିଯିବା ବୋଲି ମତ ଦେଇଥିଲେ। ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଜୟନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଛାତ୍ରୀ ଲକ୍ଷ୍ମୀପ୍ରିୟା ପରିଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପାଠଚକ୍ର ସମ୍ପାଦିକା ସୁଶ୍ରୀ ଶୁଭଶ୍ରୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କ୍ରିକେଟ୍ ପ୍ରତି ଉତ୍ସର୍ଗୀକୃତ ମନୋଭାବ

# ଭାରତୀୟ ‘ଏ’ ଟିମ୍ ସହ ଯିବାକୁ ଗମ୍ଭୀର ଆଗ୍ରହୀ



**ନୂଆଦିଲ୍ଲୀ, ୧୨।୩/ଏଜେନ୍ସି:** ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ ଥିବା ଗୌତମ ଗମ୍ଭୀର ଏବେ ଚର୍ଚ୍ଚାରେ ରହିଛନ୍ତି। ବିଶେଷକରି ଭାରତୀୟ କ୍ରିକେଟ ଦଳ ଆଇସିସି ଚାମ୍ପିଅନ୍ସ ଟ୍ରଫି-୨୦୨୫ ବିଜୟୀ ହେବା ପରେ ଗମ୍ଭୀରଙ୍କ ଦବ୍‌ଦବା ବେଶ୍ ବଢ଼ିଯାଇଛି। ତେବେ ଏସବୁ ମଧ୍ୟରେ ଗମ୍ଭୀର ଆଉ ଏକ ବଡ଼ ତଥା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି, ଯାହା ଭାରତୀୟ କ୍ରିକେଟ୍ ପ୍ରତି ତାଙ୍କ ପ୍ରତିବଦ୍ଧତାକୁ ଯେ ଦୋହରାଉଛି ତାହା ନୁହେଁ ବରଂ ସେ ଭାରତୀୟ କ୍ରିକେଟର ଭବିଷ୍ୟତକୁ ନେଇ ମଧ୍ୟ ବେଶ୍ ଚିନ୍ତିତ ରହିଥିବା ମାନସିକତାକୁ ମଧ୍ୟ ଉଜାଗର କରୁଛି। ରିପୋର୍ଟ ଅନୁସାରେ ଗମ୍ଭୀର ନିଜ ଆଡୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଛନ୍ତି ଯେ, ଆଗକୁ ବିଦେଶ (ୟୁକେ) ଗସ୍ତରେ ଯିବାକୁ ଥିବା ଭାରତୀୟ-ଏ ଟିମ୍ ସହ ତାଙ୍କୁ ମଧ୍ୟ ଯିବାକୁ ଅନୁମତି ଦିଆଯାଉ।

ଆଇସିସି ଚାମ୍ପିଅନ୍ସ ଟ୍ରଫି ପରେ ଭାରତୀୟ ମୁଖ୍ୟ ଦଳର ଖେଳାଳିମାନେ ଏବେ ପ୍ରାୟତଃ ନିଜ ପରିବାର ସହ ସମୟ ଅତିବାହିତ କରିବେ। ସିଧା ଅର୍ଥରେ କହିଲେ କେବଳ ଆଇପିଏଲ୍ ଖେଳିବା ବ୍ୟତୀତ ଅନ୍ୟ କୌଣସି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରୁ ଏହି ଖେଳାଳିମାନେ ବିରତ ରହିବେ। ଏହା ଖେଳାଳିଙ୍କ ପାଇଁ ବିଶ୍ରାମର ସମୟ ବୋଲି କହିଲେ ଅତ୍ୟୁକ୍ତି ହେବନି। ତେବେ ଏହି ପ୍ରକ୍ରିୟା ୨ମାସ ଧରି ଚାଲିବ। ଏହାପରେ ଅର୍ଥାତ୍ ଜୁନ୍‌ରେ ଭାରତୀୟ ସିନିଅର ଦଳ ଇଂଲଣ୍ଡ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ମୁଖ୍ୟ କୋଚ୍ ହିସାବରେ ଗମ୍ଭୀର ମଧ୍ୟ ଏହି ସମୟ ପର୍ଯ୍ୟନ୍ତ ନିଜ ପରିବାର ସହ ରହିପାରିଥାନ୍ତେ। କିନ୍ତୁ ସେ ଏହି ଅବସର ସମୟକୁ ଘରେ ରହି ଅତିବାହିତ କରିବା ଅପେକ୍ଷା ଭାରତୀୟ-ଏ ଟିମ୍ ସହ ବିଦେଶ ଗସ୍ତରେ ଯିବାକୁ ଏବଂ ସେଠାରେ ସେମାନଙ୍କ ପ୍ରଦର୍ଶନ ଅନୁଧ୍ୟାନ କରିବାକୁ ବିସିସିଆଇ ଠାରୁ ଅନୁମତି ଲୋଡିଛନ୍ତି। ତେବେ ଏପ୍ରକାର ଆଗ୍ରହ ବ୍ୟକ୍ତ କରିବା ପୂର୍ବକ ଗମ୍ଭୀର ଆଜି ପର୍ଯ୍ୟନ୍ତ ଭାରତୀୟ କୋଚ୍ ରହିଥିବା ସମସ୍ତ ବରିଷ୍ଠ ଖେଳାଳିଙ୍କୁ ମଧ୍ୟ ପଛରେ ପକାଇଦେଇଛନ୍ତି। ଗମ୍ଭୀର ଟିମ୍ ଇଣ୍ଡିଆର ଏପରି ପ୍ରଥମ ମୁଖ୍ୟ ପ୍ରଶିକ୍ଷକ ହେବାକୁ ଯାଉଛନ୍ତି ଯିଏକି ‘ଏ’ ଟିମ୍ ସହ ବିଦେଶ ଗସ୍ତରେ ଯିବାକୁ ଆଗ୍ରହ ଦେଖାଇଛନ୍ତି।

ଗତ କିଛି ବର୍ଷ ଧରି, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଭାରତ ଏ ଏବଂ ୧୯ ବର୍ଷରୁ କମ୍ ଦଳ ସହିତ କାମ କରିବା ପାଇଁ ଏହାର ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର ପ୍ରଶିକ୍ଷକମାନଙ୍କୁ ବ୍ୟବହାର କରୁଛି। ରାହୁଲ ଦ୍ରାବିଡ ଏବଂ ଭିଭିଏସ ଲକ୍ଷ୍ମଣ ଏଭଳି ଦୁଇ ସାମ୍ପ୍ରତିକ ଏନ୍‌ସିଏ ପ୍ରଶିକ୍ଷକ ଯେଉଁମାନେ ଏପରି ଗସ୍ତ ସମୟରେ ଜୁନିଅର ଦଳଗୁଡ଼ିକୁ ମାର୍ଗଦର୍ଶନ କରିଥାନ୍ତି। ତେବେ ଦ୍ରାବିଡ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ପଦରୁ ଅବ୍ୟାହତି ନେବା ପରେ ଏବେ ସେ ଭାରତ ଏ’ର ଦାୟିତ୍ୱ ନେଇଛନ୍ତି। ସେହିପରି ଲକ୍ଷ୍ମଣଏବେ ଅଣ୍ଡର-୧୯ ଦଳର ଦାୟିତ୍ୱ ତୁଲାଉଛନ୍ତି। ତେବେ ଗମ୍ଭୀର ଏବେ ଏହି ଧାରା ଭାଙ୍ଗିବାକୁ ଚାହୁଁଛନ୍ତି ଏବଂ ତାଙ୍କ ଉଦ୍ଦେଶ୍ୟ ବିଷୟରେ ବୋର୍ଡକୁ ଜଣାଇ ଦେଇଥିବା ଜଣାପଡ଼ିଛି। ତେବେ ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଗମ୍ଭୀର କେବଳ ଦର୍ଶକ ଭାବରେ ଇଂଲଣ୍ଡ ଯିବେ ନା ଭାରତ ଏ ଦଳର ପ୍ରଶିକ୍ଷକ ଭାବରେ ଯିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଗମ୍ଭୀର ଏହା ମଧ୍ୟ ଅନୁଭବ କରନ୍ତି ଯେ, ବୋର୍ଡ ଦ୍ୱାରା ଆୟୋଜିତ ଭାରତ ‘ଏ’ ଗସ୍ତ ସଂଖ୍ୟା ବର୍ତ୍ତମାନ ପର୍ଯ୍ୟାପ୍ତ ନୁହେଁ। ସେ ଏପରି ଅଧିକ ସୂଚୀବଦ୍ଧ ଗସ୍ତ ଦେଖିବାକୁ ଚାହାଁନ୍ତି ବୋଲି ଖୋଲାଖୋଲି କହିଛନ୍ତି।

## ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ୍ ର‌୍ୟାଙ୍କିଂ

# ଶ୍ରେଷ୍ଠ ୫ରେ ଗିଲ୍, ରୋହିତ, ବିରାଟ



**ନୂଆଦିଲ୍ଲୀ, ୧୨।୩/ଏଜେନ୍ସି:** ଆଇସିସି ପକ୍ଷରୁ ପ୍ରସ୍ତୁତ ଶ୍ରେଷ୍ଠ ଓଡିଆଇ (ଦିନିକିଆ) ବ୍ୟାଟ୍ସମ୍ୟାନ୍ ର‌୍ୟାଙ୍କିଂ (ତାଲିକା) ସାମ୍ନାକୁ ଆସିଛି। ଏଥିରେ ଶୀର୍ଷ ୫ ସ୍ଥାନରେ ୩ ଭାରତୀୟ ଷ୍ଟାର କ୍ରିକେଟର ସାମିଲ ଥିବା ଦେଖିବାକୁ ମିଳିଛି। ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ଥିବା ଶୁଭମନ ଗିଲ୍ ୭୮୪ ପଏଣ୍ଟ ସହ ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ୍ ତାଲିକାର ନଂ୧ ସ୍ଥାନରେ ଥିବା ବେଳେ ଅଧିନାୟକ ରୋହିତ୍ ଶର୍ମା ୭୫୬ ପଏଣ୍ଟ ସହ ୩ୟ ସ୍ଥାନରେ ଏବଂ ବିରାଟ କୋହଲି ୭୩୬ ପଏଣ୍ଟ ସହ ୫ମ ସ୍ଥାନରେ ରହିଛନ୍ତି।

**ବୋଲର ର‌୍ୟାଙ୍କିଂରେ କୁଲଦୀପ ତୃତୀୟ ଏବଂ ଜାଡେଜା ଦଶମ ସ୍ଥାନରେ**

ନିକଟରେ ଶେଷ ହୋଇଥିବା ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଫାଇନାଲ ମ୍ୟାଚ୍‌ରେ ୭୬ ରନର ଏକ ଚମତ୍କାର ଇନିଂସ ଖେଳିଥିବା ରୋହିତ ଶର୍ମା ସଦ୍ୟତମ ଆଇସିସି ଓଡ଼ିଆଇ ର‌୍ୟାଙ୍କିଂରେ ୨ ସ୍ଥାନ ଉପରକୁ ଉଠି ୩ୟ ସ୍ଥାନ ଅଧିକାର କରିଛନ୍ତି। ଆଇସିସି ଦ୍ୱାରା ପ୍ରସ୍ତୁତ ଏହି ତାଲିକା ବୁଧବାର ପ୍ରକାଶିତ ହୋଇଛି। ଏଥିରେ ବିରାଟ କୋହଲି ପୂର୍ବରୁ ୩ୟ ସ୍ଥାନରେ ଥିବା ବେଳେ ରୋହିତ ଏବେ ଏହି ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ରୋହିତଙ୍କ ରେଟିଂ ୭୫୬କୁ ବୃଦ୍ଧି ପାଇଥିବା ବେଳେ ସେ ବିରାଟ କୋହଲି ଏବଂ ହେନରିଚ୍ କ୍ଲାସେନଙ୍କୁ ପଛରେ ପକାଇ ଦେଇଛନ୍ତି। ହେନ୍‌ରିକ୍ କ୍ଲାସେନ୍ ଏବେ ଆଇସିସି ଓଡିଆଇ ବ୍ୟାଟ୍ସମ୍ୟାନ୍ ର‌୍ୟାଙ୍କିଂରେ ୭୪୪ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛନ୍ତି। ସେହିପରି ଯଦି ଆଇସିସିର ଶ୍ରେଷ୍ଠ ୧୦ ଦିନିକିଆ ବ୍ୟାଟ୍ସମ୍ୟାନ୍ ତାଲିକା ଦେଖିବା ତେବେ ଶ୍ରେୟସ ଆୟର ମଧ୍ୟ ନିଜର ପୂର୍ବ ସ୍ଥାନ (୮ମ) ବଜାୟ ରଖିଛନ୍ତି। ପାକିସ୍ତାନର ଷ୍ଟାର କ୍ରିକେଟର ବାବର ଆଜମ୍ ଏବେ ବି ୭୦୦ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛନ୍ତି।

ସେହିପରି ଆଇସିସି ଶ୍ରେଷ୍ଠ ବୋଲର ର‌୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଭାରତୀୟ ବୋଲରଙ୍କ ସ୍ଥାନ ଅନେକାଂଶରେ ଉପରକୁ ଉଠିଥିବା ଦେଖିବାକୁ ମିଳିଛି। ଭାରତୀୟ ସ୍ପିନର କୁଲଦୀପ ଯାଦବ ୩ୟ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଏବଂ କିୱି ଅଧିନାୟକ ମିଚେଲ ସାଣ୍ଟନର ୨ୟ ସ୍ଥାନରେ ଆସିଛନ୍ତି। ସେହିପରି ଶ୍ରେଷ୍ଠ ୧୦ ଦିନିକିଆ ବୋଲରଙ୍କ ତାଲିକାରେ ରବୀନ୍ଦ୍ର ଜାଡେଜା ମଧ୍ୟ ୧୦ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି ଯେତେବେଳେ କି ପୂର୍ବରୁ ସେ ୧୩ତମ ସ୍ଥାନରେ ଥିଲେ। ଭାରତ ପରବର୍ତ୍ତୀ ଦିନିକିଆ ମ୍ୟାଚ୍ ଆସନ୍ତା ଅଗଷ୍ଟରେ ବାଂଲାଦେଶରେ ଖେଳିବ। ପରେ ଅକ୍ଟୋବର-ନଭେମ୍ବରରେ ଦିନିକିଆ ଖେଳିବା ପାଇଁ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯିବ। ସେହିପରି ଦକ୍ଷିଣ ଆଫ୍ରିକା ଏବଂ ନ୍ୟୁଜିଲାଣ୍ଡ ଡିସେମ୍ବର ଏବଂ ଜାନୁଆରୀରେ ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି।

## ଦେଶ ବିଦେଶ

# ହରିଆଣାରେ ବିଜେପିର ଟ୍ରିପଲ୍ ଇଞ୍ଜିନ୍ ସରକାର

**ଚଣ୍ଡିଗଡ଼, ୧୨।୩/ଏଜେନ୍ସି:** ହରିଆଣା ବିଧାନସଭା ନିର୍ବାଚନ ପରେ, ସ୍ଥାନୀୟ ନଗର ନିଗମ ନିର୍ବାଚନରେ ମଧ୍ୟ କଂଗ୍ରେସକୁ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡିଛି। ରିପୋର୍ଟ ଅନୁସାରେ ରାଜ୍ୟର ୧୦ଟି ନଗର ନିଗମରୁ ବିଜେପି ୯ଟି ଆସନ ଜିତିନେଇଛି। ତେବେ ମାନେସର ନଗର ନିଗମରେ ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ, ୨ ମାର୍ଚ୍ଚରେ ଅନୁଷ୍ଠିତ

### ୧୦ରୁ ୯ ସହରରେ ବିଜେପି ମେୟର

ହରିଆଣା ନଗର ନିଗମ ନିର୍ବାଚନର ଭୋଟ୍ ଗଣତି ବୁଧବାର (୧୨ ମାର୍ଚ୍ଚ) ହୋଇଥିବା ବେଳେ ଏଥିରେ ବିଜେପି ବିଜୟୀ ହୋଇଛି। ଏଥିରୁ ବିଜେପି ପ୍ରତି ଲୋକଙ୍କ ଭଲପାଇବା ଏବଂ ବିଶ୍ୱାସ ସ୍ପଷ୍ଟ ପ୍ରତୀତ ହୋଇଥିବା ବେଳେ କଂଗ୍ରେସ ପ୍ରତି ଲୋକଙ୍କ ଘୃଣା ଏବଂ ଆକ୍ରୋଶର ପ୍ରମାଣ ମିଳିଛି। ମହାନଗର ନିଗମବାସୀ କଂଗ୍ରେସକୁ ନଗର ନିଗମ ନିର୍ବାଚନରେ ମଧ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି। ଯାହା ଫଳରେ ନଗର ନିଗମ ନିର୍ବାଚନରେ କଂଗ୍ରେସକୁ ଶୋଚନୀୟ ପରାଜୟ ବରଣ କରିବାକୁ ପଡ଼ିଛି। ସବୁଠୁ ବଡ଼କଥା ହେଉଛି ବିଜେପି ୧୦ଟି ନଗର ନିଗମରୁ ୯ଟିରେ ବିଜୟୀ ହୋଇଥିଲେ ମଧ୍ୟ, କଂଗ୍ରେସ ଗୋଟିଏ ମଧ୍ୟ ଆସନରେ ଜିତିପାରିନାହିଁ। କଂଗ୍ରେସ ବିଧାୟକ ଏବଂ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍‌ଙ୍କ ବିଧାନସଭା ନିର୍ବାଚନମଣ୍ଡଳୀ ଜୁଲାନା ନଗର ନିଗମରେ ମଧ୍ୟ ବିଜେପି ବିଜୟୀ ହୋଇଛି।

## ପ୍ରତିଶ୍ରୁତି ଦେଲେ ମୋଦୀ: ମରିସସ୍‌କୁ ବନ୍ଧୁତାର ହାତ ବଢ଼ାଇଲା ଭାରତ

# ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ କ୍ଷେତ୍ରରେ ମିଳିବ ସହଯୋଗ

**ନୂଆଦିଲ୍ଲୀ, ୧୨।୩/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ମରିସସ୍ ଗସ୍ତରେ ଅଛନ୍ତି। ବୁଧବାର ସେ ମରିସସର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଛନ୍ତି। ପରେ ପରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ

- ମରିସସ୍‌ରେ ନୂଆ ସଂସଦ ଭବନ କରିବ ଭାରତ
- ମୋଦୀଙ୍କୁ ମରିସସ୍‌ର ସର୍ବୋଚ୍ଚ ନାଗରିକ ସମ୍ମାନ

ମରିସସ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଛନ୍ତି। ଏହି ଅବସରରେ ମୋଦୀ ନିଜ ସମ୍ବୋଧନରେ କହିଛନ୍ତି ଯେ, ଭାରତ ଏବଂ ମରିସସ ମଧ୍ୟରେ ସମ୍ପର୍କ କେବଳ ଭାରତ ମହାସାଗର ଯାଏ ସୀମିତ ନୁହେଁ ବରଂ ଆମ ସମ୍ପର୍କ ସମାନ ସାଂସ୍କୃତିକ ପରମ୍ପରା ଏବଂ ମୂଲ୍ୟବୋଧ ସହିତ ମଧ୍ୟ ଜଡିତ। ଆମେ ଆର୍ଥିକ ଏବଂ ସାମାଜିକ ପ୍ରଗତି ପଥରେ ପରସ୍ପରର ସହଯୋଗୀ। ମୋଦୀଙ୍କ କହିବାନୁସାରେ ପ୍ରାକୃତିକ ବିପର୍ଯ୍ୟୟ ହେଉ କିମ୍ବା କୋଭିଡ୍ ଭଳି ବିପର୍ଯ୍ୟୟ, ଆମେ ସର୍ବଦା ପରସ୍ପରକୁ ସମର୍ଥନ କରିଛୁ। ପ୍ରତିରକ୍ଷା ହେଉ କିମ୍ବା ଶିକ୍ଷା, ସ୍ୱାସ୍ଥ୍ୟ କିମ୍ବା ମହାକାଶ, ଆମେ ପ୍ରତ୍ୟେକ କ୍ଷେତ୍ରରେ କାନ୍ଧକୁ କାନ୍ଧ ମିଳାଇ କାମ କରୁଛୁ। ଗତ ୧୦ ବର୍ଷ ମଧ୍ୟରେ ଆମେ ଆମ ସମ୍ପର୍କରେ ଅନେକ ନୂତନ ଦିଗ ଯୋଡ଼ିଛୁ। ବିକାଶ ସହଯୋଗ ଏବଂ ଦକ୍ଷତା ନିର୍ମାଣରେ ଦୁଇ ଦେଶ ମଧ୍ୟରେ ନୂତନ ରେକର୍ଡ ସ୍ଥାପନ ହୋଇଛି। ମୋଦୀ କହିଛନ୍ତି ମରିସସରେ ଅନେକ ମୌଳିକ ଜିନିଷ ଅଛି ଯାହାକୁ ଆମେ ସମୟ ସହିତ ଶେଷ କରିଛୁ, ଯେଉଁଥିରେ ଗତି ପାଇଁ ମେଟ୍ରୋ ଏକ୍ସପ୍ରେସ, ନ୍ୟାୟ ପାଇଁ ସୁପ୍ରିମକୋର୍ଟ ଭବନ, ଆରାମଦାୟକ ରହଣି ପାଇଁ ସାମାଜିକ ଗୃହ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଇଏନ୍‌ଟି ହସ୍ପିଟାଲ, ବ୍ୟବସାୟ ଏବଂ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ୟୁପିଆଇ ଏବଂ ରୁପେ କାର୍ଡ, ସୁଲଭ ଏବଂ ଉନ୍ନତ ଗୁଣବତ୍ତା ଔଷଧ ପାଇଁ ଜନ ଔଷଧି କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମୋଦୀ କହିଛନ୍ତି ଯେ, ଭାରତ ମରିସସରେ ଏକ ନୂତନ ସଂସଦ ନିର୍ମାଣରେ ସହଯୋଗ କରିବ। ଦୁଇ ଦେଶ ପାରସ୍ପରିକ ସହଭାଗୀତାକୁ ଉନ୍ନତ ରଣନୈତିକ ସହଭାଗୀତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହା ମରସସକୁ ଗଣତନ୍ତ୍ରର ଜନନୀ ଠାରୁ ଏକ ବଡ଼ ଉପହାର ବୋଲି ମୋଦୀ ଅଭିହିତ କରିଛନ୍ତି।



ଆଜି ଦିନରେ ମୋଦୀ ଏବଂ ନବୀନଚନ୍ଦ୍ର ରାମଗୁଲାମ ମରିସସର ରେଡୁଇଟ୍ ଠାରେ ଅଟଳ ବିହାରୀ ବାଜପେୟୀ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ସର୍ଭିସ୍ ଆଣ୍ଡ ଇନୋଭେସନକୁ ମିଳିତ ଭାବେ ଉଦଘାଟନ କରିଛନ୍ତି। ଏହି ଅବକାଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମରିସସର ସର୍ବୋଚ୍ଚ ନାଗରିକ ସମ୍ମାନ ‘ଗ୍ରାଣ୍ଡ କମାଣ୍ଡର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର୍ ଆଣ୍ଡ କି ଅଫ୍ ଦ ଇଣ୍ଡିଆନ ଓସନ୍ (ଜିସିଏସକେ) ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରଥମ ଥର ପାଇଁ ଜଣେ ଭାରତୀୟ ନେତାଙ୍କୁ ଏହି ସମ୍ମାନ ମିଳିଛି। ପ୍ରକାଶ, ଗତ ୧୧ ବର୍ଷରେ ପ୍ରାୟ ୨୧ ଦେଶ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେମାନଙ୍କ ଦେଶର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି।

# ଜମ୍ମୁ-କାଶ୍ମୀରରେ ପାକିସ୍ତାନୀ ବେଲୁନ୍

**ଜମ୍ମୁ, ୧୨।୩/ଏଜେନ୍ସି:** ବୁଧବାର ସକାଳେ ଜମ୍ମୁ ଓ କାଶ୍ମୀରର ସାମ୍ବା ଜିଲ୍ଲାର ଘଗୱାଲ ସେକ୍ଟରରେ ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ଏକ ସନ୍ଦିଗ୍ଧ ବେଲୁନ୍ ମିଳିବା ପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଧିକାରୀଙ୍କ ଅନୁଯାୟୀ, ଏହି ବେଲୁନଟି ପାଲୌନା ଗାଁର କ୍ଷେତରେ ପଡ଼ିଥିବା ଦେଖିବାକୁ ମିଳିଥିଲା ଯାହା ଉପରେ ପାକିସ୍ତାନର ନାମ ଏବଂ ପତାକା ଲେଖାଯାଇଥିଲା। କ୍ଷେତରେ କାମ କରୁଥିବା ଜଣେ ମହିଳା ଏହା ଦେଖି ତୁରନ୍ତ ସ୍ଥାନୀୟ ଲୋକ ଏବଂ ଘଗୱାଲ ପୋଲିସ ପୋଷ୍ଟକୁ ଜଣାଇଥିଲେ। ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ବେଲୁନଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ମଧ୍ୟ ସୀମାବର୍ତ୍ତୀ ଅଞ୍ଚଳରେ ଏପରି ବେଲୁନ ମିଳିଥିବାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଏପରି ଘଟଣାକୁ ଗମ୍ଭୀରତାର ସହ ନେଉଛନ୍ତି।

# ମହାକାଶରୁ ଫେରିବେ ସୁନୀତା ୱିଲିୟମ୍ସ

**ୱାଶିଂଟନ୍, ୧୨।୩/ଏଜେନ୍ସି:** ଅନ୍ତର୍ଜାତୀୟ ମହାକାଶ ଷ୍ଟେସନରେ ପ୍ରାୟ ୧୦ ମାସ ରହିବା ପରେ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ତାଙ୍କ ସହଯାତ୍ରୀ ମହାକାଶଚାରୀ ବୁଚ୍ ୱିଲମୋର ଖୁବଶୀଘ୍ର ପୃଥିବୀକୁ ଫେରିବାକୁ ଯାଉଛନ୍ତି। ଅପ୍ରତ୍ୟାଶିତ ବୈଷୟିକ ସମସ୍ୟା କାରଣରୁ ସେମାନଙ୍କର ୧୦ ଦିନିଆ ମିଶନକୁ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଦୀର୍ଘ ୧୦ ମାସ ଧରି ଉଭୟ ମହାକାଶରେ ଫସି ରହିଛନ୍ତି। ତେବେ ସ୍ପେସ୍ ଏକ୍ସର ଡ୍ରାଗନ୍ ମହାକାଶଯାନ ଏହି ଦୁଇ ମହାକାଶଚାରୀଙ୍କୁ ପୃଥିବୀକୁ ଫେରାଇ ଆଣିବ ବୋଲି ଜଣାପଡିଛି। ନାସାର ଏହୁ ଉଦ୍ଧାର ଅଭିଯାନକୁ ସରକାରୀ ଅନୁମୋଦନ ମିଳିଛି। ନାସାର ଜଣେ ମୁଖପାତ୍ର କହିଛନ୍ତି, ମାର୍ଚ୍ଚ ୧୨ରେ ‘କ୍ରୁ-୧୦’ର ଉତକ୍ଷେପଣ ପାଇଁ ‘କ୍ରୁ-୯’ ମାର୍ଚ୍ଚ ୧୬ରେ ଉଡ଼ାଣ ଭରିବ।

## ବିଏଲ୍‌ଏ ଟ୍ରେନ୍ ଅପହରଣ କରିବା ଘଟଣା

# ଭାରତ ଉପରେ ଦୋଷ ଲଦିଲା ପାକିସ୍ତାନ



**ଇସଲାମାବାଦ, ନୂଆଦିଲ୍ଲୀ, ୧୨।୩/ଏଜେନ୍ସି:** ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶର ବିଦ୍ରୋହୀ ଗୋଷ୍ଠୀ ବଲୋଚ ଲିବରେସନ ଆର୍ମି(ବିଏଲ୍‌ଏ) ଜାଫର ଏକ୍ସପ୍ରେସକୁ ଅପହରଣ କରିନେବା ଘଟଣାରେ ପାକିସ୍ତାନ ଏବେ ଭାରତ ଉପରେ ଦୋଷ ଲଦିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ମୁଖ୍ୟ ପରାମର୍ଶଦାତା ରାଣା ସନାଉଲ୍ଲାହ ଏକ ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲ୍‌କୁ ସାକ୍ଷାତକାର ଦେଇ କହିଛନ୍ତି ଯେ, ଆଫଗାନିସ୍ତାନରେ ରହୁଥିବା ତେହରିକ ଏ ତାଲିବାନ ପାକିସ୍ତାନ(ଟିଟିପି)ଠାରୁ ବିଏଲଏକୁ ପର୍ଯ୍ୟାପ୍ତ ସହାୟତା ମିଳୁଛି। ସେମାନଙ୍କ ମଧ୍ୟରେ ସମ୍ପର୍କ ରହିଛି। ଏସବୁ ଭାରତ କରୁଛି। ଏଥିରେ କୌଣସି ସନ୍ଦେହ ନାହିଁ। ଭାରତ ସହଯୋଗରେ ସେମାନଙ୍କୁ ଆଫଗାନିସ୍ତାନରେ ସୁରକ୍ଷିତ ଆଶ୍ରୟ ମିଳୁଛି। ସେଠାରେ ବସି ସେମାନେ ସବୁ ପ୍ରକାର ଯୋଜନା କରୁଛନ୍ତି। ଏମାନେ ପାକିସ୍ତାନର ଶତ୍ରୁ। ଏମାନଙ୍କର କୌଣସି ରାଜନୈତିକ ଏଜେଣ୍ଡା ନାହିଁ। ତେବେ ପାକିସ୍ତାନର ଏପରି ଭିତ୍ତିହୀନ ଅଭିଯୋଗ ସମ୍ପର୍କରେ ଭାରତ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

**ପାକ୍ ସେନାର ବଡ଼ ଦାବି**

**ଟ୍ରେନ ଅପହରଣ ନାଟକ ଶେଷ: ସମସ୍ତ ବିଏଲ୍‌ଏ ବିଦ୍ରୋହୀ ନିହତ**

ବୁଧବାର ରାତି ୯:୩୦ ବେଳକୁ ପାକିସ୍ତାନୀ ସୁରକ୍ଷା ବାହିନୀ ଦାବି କରିଛି ଯେ, ଟ୍ରେନ୍ ଅପହରଣଜନିତ ଡ୍ରାମା ଶେଷ ହୋଇଛି। ପାକ୍ ସୁରକ୍ଷା ବାହିନୀ ଦର୍ଶାଇଛି ଯେ, ଟ୍ରେନ୍‌ରେ ଜୀବିତ ଥିବା ସମସ୍ତ ୨୫୦ ବନ୍ଧକଙ୍କୁ ମୁକ୍ତ କରାଯାଇଛି। କିନ୍ତୁ ବାକି ୧୫୦ ଯାତ୍ରୀଙ୍କ କୌଣସି ସୂଚନା ମିଳିପାରିନାହିଁ। ଫଳରେ ଏମାନଙ୍କୁ ବଲୁଚ ବିଦ୍ରୋହୀମାନେ ହତ୍ୟା କରିଥିବା ଆଶଙ୍କା କରାଯାଉଛି। ତେବେ ଉଦ୍ଧାର ପ୍ରକ୍ରିୟା ସମୟରେ ସମସ୍ତ ବଲୁଚ୍ ବିଦ୍ରୋହୀଙ୍କୁ ହତ୍ୟା କରାଯାଇଥିବା ପାକ୍ ସେନା ଦାବି କରିଥିବା ବେଳେ ଏହି ସମୟରେ କିଛି ବନ୍ଧକ ମଧ୍ୟ ମୃତ୍ୟୁବରଣ କରିଥିବା ପାକ୍ ସେନା ସ୍ୱୀକାର କରିଛି। ତେବେ ବିଏଲଏ ଗୋଷ୍ଠୀ ୨୮ ପାକ୍ ସୈନିକଙ୍କୁ ହତ୍ୟା କରିଛନ୍ତି ବୋଲି ପାକ୍ ସେନା ରିପୋର୍ଟ କରିଛି। ଉଦ୍ଧାର ପ୍ରକ୍ରିୟାରେ ସାମିଲ ଜଣେ ପାକିସ୍ତାନୀ ସେନା ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ୩୪୬ ଜଣ ବନ୍ଧକଙ୍କୁ ଉଦ୍ଧାର କରାଯାଇଛି। ତେବେ ଏନେଇ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅବଗତ କରାଯିବା ପରେ ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆମର ସୈନିକମାନେ ଅନେକ ବିଦ୍ରୋହୀଙ୍କୁ ନର୍କକୁ ପଠାଇଛନ୍ତି। ଅନ୍ୟପକ୍ଷେ ଲିବରେସନ ଆର୍ମି(ବିଏଲଏ) ପକ୍ଷରୁ ଏକ ବୟାନ୍ ଜାରି କରାଯାଇଛି। ଏଥିରେ ବିଏଲଏ ଦର୍ଶାଇଛି ଯେ, ଗତ ୨ଦିନ ମଧ୍ୟରେ ସେମାନେ ପ୍ରାୟ ୧୦୦ ପାକ୍ ସୈନିକଙ୍କୁ ହତ୍ୟା କରିଛନ୍ତି। ଏବେବି ସେମାନଙ୍କ ପାଖରେ ୧୫୦ ବନ୍ଧକ ମୁଣ୍ଡଜାମିନ୍ ରହିଛନ୍ତି। ପ୍ରକାଶ, ବିଏଲଏ ପକ୍ଷରୁ ଟ୍ରେନ୍ ଅପହରଣ ଅଭିଯାନ ପ୍ରାୟ ୩୬ ଘଣ୍ଟା ଧରି ଚାଲିଥିଲା। ଏଥିରେ ଟ୍ରେନ୍‌ରେ ଥିବା ୪୫୦ ଜଣଙ୍କୁ ବନ୍ଧକ କରାଯାଇଥିଲା। ପରେ ଅବଶ୍ୟ ମହିଳା, ଶିଶୁ ଏବଂ ବଲୁଚ ନାଗରିକଙ୍କୁ ଏମାନେ ଛାଡିଦେଇଥିଲେ।

## ଲୋକସଭାରେ ପ୍ରବାସ ଓ ବିଦେଶୀ ବିଲ୍ ଆଗତ

# ବୈଧ ପାସପୋର୍ଟ ନଥିଲେ ୫ ବର୍ଷ ଜେଲ୍

**ନୂଆଦିଲ୍ଲୀ, ୧୨।୩/ଏଜେନ୍ସି:** କେନ୍ଦ୍ର ସରକାର ମଙ୍ଗଳବାର ଲୋକସଭାରେ ପ୍ରବାସ ଏବଂ ବିଦେଶୀ ବିଲ୍-୨୦୨୫ ଆଗତ କରିଛନ୍ତି। ଏହି ବିଲ୍ ଅନୁଯାୟୀ, ଯଦି କେହି ବେଆଇନ ଭାବରେ କୌଣସି ବିଦେଶୀଙ୍କୁ ଦେଶ ମଧ୍ୟକୁ ଆଣନ୍ତି, ରହିବାକୁ ସୁଯୋଗ ଦିଅନ୍ତି କିମ୍ବା ବସତି ସ୍ଥାପନରେ ସହଯୋଗ କରନ୍ତି ତେବେ ତାଙ୍କୁ ୩ ବର୍ଷ ଜେଲ୍ କିମ୍ବା ୨ରୁ ୫ ଲକ୍ଷ ଟଙ୍କା ଜୋରିମାନା କିମ୍ବା ଉଭୟ ଦଣ୍ଡିତ କରାଯାଇପାରେ।

**ଭାରତ ପାଇଁ ବିପଦ ସୃଷ୍ଟିକାରୀ କୌଣସି ବିଦେଶୀଙ୍କୁ ପ୍ରବେଶ ଅନୁମତି ଦିଆଯିବ ନାହିଁ**

ସେହିପରି ଯେକୌଣସି ବିଦେଶୀଙ୍କ ପାଇଁ ଭାରତରେ ପ୍ରବେଶ କରିବା ପାଇଁ ‘ବୈଧ ପାସପୋର୍ଟ ଏବଂ ଭିସା’ ରଖିବା ବାଧ୍ୟତାମୂଳକ ହେବ। ଯଦି କୌଣସି ଶିକ୍ଷାଗତ କିମ୍ବା ଚିକିତ୍ସା ପ୍ରତିଷ୍ଠାନ, ହସ୍ପିଟାଲ କିମ୍ବା ଘରୋଇ ବାସସ୍ଥାନ ମାଲିକ ଜଣେ ବିଦେଶୀ ନାଗରିକଙ୍କୁ ରଖନ୍ତି, ତେବେ ସେମାନଙ୍କୁ ପ୍ରଥମେ ଏ ବିଷୟରେ ସରକାରଙ୍କୁ ଜଣାଇବାକୁ ପଡିବ। ଯଦି କୌଣସି ବିଦେଶୀ କୌଣସି ଶିକ୍ଷାନୁଷ୍ଠାନରେ ପ୍ରବେଶ କରନ୍ତି, ତେବେ ତାଙ୍କୁ ନିଜର ବିବରଣୀ ଏକ ଫର୍ମାଟରେ ପୂରଣ କରି ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ପଡିବ। ଏହି ନିୟମ ଅବମାନନା କ୍ଷେତ୍ରରେ ୫ ବର୍ଷ ଯାଏ ଜେଲ୍‌ଦଣ୍ଡ ତଥା ୫ ଲକ୍ଷ ଟଙ୍କାର ଜୋରିମାନାର ମଧ୍ୟ ପ୍ରାବଧାନ କରାଯାଇଛି। ପ୍ରସ୍ତାବିତ ଆଇନ ଅନୁଯାୟୀ, ବିଦେଶୀ ନାଗରିକମାନଙ୍କୁ ବିଭିନ୍ନ ଆଇନ ଅନୁଯାୟୀ ଦଣ୍ଡିତ କରାଯାଇପାରିବ ଯେପରିକି ପାସପୋର୍ଟ ଆଇନ୍, ୧୯୨୦ ବିଦେଶୀ ପଞ୍ଜିକରଣ ଆଇନ, ୧୯୩୯ ବିଦେଶୀ ଆଇନ, ୧୯୪୬ ପ୍ରବାସ ଆଇନ ଇତ୍ୟାଦି।

ଲୋକସଭାରେ ବିଲ୍ ଆଗତ କରିବା ସମୟରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ଏହି ଆଇନର ଉଦ୍ଦେଶ୍ୟ ହେଉଛି ଜାତୀୟ ସୁରକ୍ଷା ସୁନିଶ୍ଚିତ କରିବା। ଏହା ବ୍ୟତୀତ, ଭାରତରେ ଯାତ୍ରା ଏବଂ ରହଣି ସହିତ ଜଡିତ ନିୟମଗୁଡ଼ିକୁ ଆହୁରି କଠୋର କରାଯିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ବିଲ୍ ଅଣାଯାଇଛି। ଏହା ଅଧୀନରେ, ଯଦି ସରକାର କୌଣସି ବିଦେଶୀ ନାଗରିକଙ୍କ ଦ୍ୱାରା ବିପଦ ଅନୁଭବ କରନ୍ତି, ତେବେ ସରକାର ସେହି ବିଦେଶୀ ନାଗରିକଙ୍କୁ ଭାରତ ଆସିବାରୁ ରୋକିପାରିବେ। ଶ୍ରୀ ରାୟଙ୍କ କହିବାନୁସାରେ “ଦେଶର ପ୍ରଗତି, ସାର୍ବଭୌମତ୍ୱ ଏବଂ ଶାନ୍ତି ସରକାରଙ୍କ ଦାୟିତ୍ୱ। ଆମେ କାହାକୁ ଅଟକାଇବା ପାଇଁ ଏହି ବିଲ୍ ଆଣୁନାହୁଁ; ଅଧିକରୁ ଅଧିକ ଲୋକ ଏଠାକୁ ଆସିବା ଉଚିତ, କିନ୍ତୁ ସେମାନଙ୍କୁ ଆମ ଦେଶର ଆଇନ ପାଳନ କରିବାକୁ ପଡିବ। ସେହିପରି ନକଲି ପାସପୋର୍ଟ କିମ୍ବା ଭିସା ବ୍ୟବହାର କଲେ ୭ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ ରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ଭିସା ମିଆଦ ଶେଷ ହେବା ପରେ ରହିବା କିମ୍ବା ପ୍ରତିବନ୍ଧିତ ଅଞ୍ଚଳକୁ ଯିବା ପାଇଁ ୩ ବର୍ଷ ଜେଲଦଣ୍ଡ ଏବଂ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ ବୋଲି ସେ ସୂଚନା ଦେଇଛନ୍ତି। ପ୍ରକାଶ, ଭାରତ ବିଦେଶୀ ନାଗରିକଙ୍କୁ ଉଭୟ ଭୌତିକ ଏବଂ ଇ-ଭିସା ପ୍ରଦାନ କରିଥାଏ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, 2581886, 2582886, Fax: 0674-2583886, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra